ସ୍ୱାଗତଂ ଓଡ଼ିଶା
R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

# ଡୁମାଣୀ ଖବର
Dumani Khabar (Odia Daily)

Visit us: www.dumanikhabar.in • e-paper.dumanikhabar.in

DUMANI TV
Follow us:

ବର୍ଷ-୬ | ସଂଖ୍ୟା-୨୮ | ରବିବାର | ୨୦ ଏପ୍ରିଲ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-28 | Sunday | 20 April 2025 | Bhubaneswar | Pages-8 | Rs. 2.00

### ରାଜ୍ୟସ୍ତରୀୟ ପୋଷଣ ପକ୍ଷ ପାଳିତ

## ପୁଷ୍ଟି ନିରାପତ୍ତା ପାଇଁ ସାମୂହିକ ସଚେତନତା ଜରୁରୀ : ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୧୯।୪ (ଡିକେ ନ୍ୟୁଜ୍): ସମୃଦ୍ଧ ଓଡିଶା ଗଠନ ପାଇଁ ଓଡିଶାକୁ କୁପୋଷଣ ମୁକ୍ତ କରିବା ଆମର ପ୍ରାଥମିକତା। ଏଥିପାଇଁ ଅନେକ ଫଳପ୍ରଦ ଯୋଜନା କରାଯାଇଛି। ତେବେ ଏହାର ସଫଳତା ପାଇଁ ସାମୁହିକ ସଚେତନତା ଖୁବ୍ ଜରୁରୀ। ଶନିବାର ସ୍ଥାନୀୟ ମହିଳା ଓ ଶିଶୁ ପ୍ରତିଷ୍ଠାନରେ ଆୟୋଜିତ ରାଜ୍ୟସ୍ତରୀୟ ପୋଷଣ ପକ୍ଷ-୨୦୨୫ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୋଷଣ ଅଭିଯାନକୁ ସଫଳ କରି ସୁସ୍ଥ ମାନବ ସମ୍ବଳ ତିଆରି କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରର ଲକ୍ଷ୍ମୀସାଗର-ଝାରପଡା ସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଂସ୍ଥାରେ ୮୪ ଶଯ୍ୟା ବିଶିଷ୍ଟ ଏକ ନୂତନ ହଷ୍ଟେଲ ଉଦ୍‌ଘାଟନ କରିବା ସହିତ ଏକ ଲାଇବ୍ରେରୀ ହଲ ଏବଂ ଅଙ୍ଗନବାଡି ଟ୍ରେନିଙ୍ଗ୍ ସେଣ୍ଟର ମଧ୍ୟ ଶୁଭ ଉଦ୍‌ଘାଟନ କରିଛନ୍ତି। ରାଜ୍ୟରେ ପୂଜ୍ୟପୂଜା ପରମ୍ପରାକୁ ଆଗେଇ ନେଇ ମୁଖ୍ୟମନ୍ତ୍ରୀ ଏହି ପ୍ରତିଷ୍ଠାନର ୮ଟି ବିଲ୍ଡିଙ୍ଗକୁ ଓଡିଶାର ମହିୟସୀ ମହିଳାଙ୍କ ନାମରେ ନାମିତ କରିବା ପାଇଁ ଘୋଷଣା କରିବା ସହିତ ପ୍ରତିଷ୍ଠାନର କନଫରେନସ୍ ହଲକୁ ରମାଦେବୀ ସମ୍ମିଳନୀ କକ୍ଷ ନାମରେ ନାମିତ କରି ଏହାର ପରିଧିକୁ ବୃଦ୍ଧି କରିବା ପାଇଁ ମଧ୍ୟ ଘୋଷଣା କରିଛନ୍ତି। ସୂଚନାଥାଉ କି, ଏହି ପ୍ରତିଷ୍ଠାନର ଅଡିଟୋରିଅମ୍ ହଲକୁ ସରଳା ଦେବୀ ପ୍ରେକ୍ଷାଳୟ, ଲାଇବ୍ରେରୀ ହଲକୁ କମଳା ପୂଜାରୀ ଗ୍ରନ୍ଥାଗାର, ଅଙ୍ଗନବାଡି ଟ୍ରେନିଙ୍ଗ ସେଣ୍ଟରକୁ ଶୈଳବାଳା ଦାସ ପ୍ରଶିକ୍ଷଣ କକ୍ଷ, ନୂଆ ହଷ୍ଟେଲକୁ ମାଳତୀ ଚୌଧୁରୀ ନିବାସ, ଅଙ୍ଗନବାଡି କର୍ମୀ ହଷ୍ଟେଲକୁ ବାଙ୍ଗରା ଦେବୀ ନିବାସ ଏବଂ ଗେଷ୍ଟ ହାଉସକୁ ଗୁରୁବାରୀ ଜାନୀ ଅତିଥି ଭବନ ନାମରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏକ ସୁସ୍ଥ ଶିଶୁ ହିଁ ଉତ୍ତମ ଛାତ୍ର ହୋଇପାରିବ ଓ ଭବିଷ୍ୟତରେ ଏକ ଆଦର୍ଶ ନାଗରିକ ହୋଇପାରିବ। ସୁସ୍ଥ ଶିଶୁ, ସୁସ୍ଥ ଭବିଷ୍ୟତର ପ୍ରତୀକ। ପୋଷଣ ପକ୍ଷ ପାଳନ ସମୟରେ ଶିଶୁ ଜୀବନର ପ୍ରଥମ ଏକ ହଜାର ଦିନ ମଧ୍ୟରେ ପୋଷଣର ଗୁରୁତ୍ୱ ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ପ୍ରୟାସ କରାଯାଉଛି। ଶୈଶବରେ ଉପଯୁକ୍ତ ପୋଷଣ ପାଇଲେ ଶିଶୁର ସ୍ୱାସ୍ଥ୍ୟ ଉନ୍ନତ ହେବା ସହିତ ତା'ର ସାମଗ୍ରିକ ବିକାଶ ସମ୍ଭବ ହୋଇପାରିବ। ପୋଷଣ ଉପରେ ଆମର ନୂଆ ସରକାର ଅଧିକ ଫୋକସ୍ ରଖି କାମ କରିବା ଆରମ୍ଭ କରିଛନ୍ତି। ୧୦୦ କୋଟି ଟଙ୍କା ଅନୁଦାନରେ 'ଓଡିଶା ପୁଷ୍ଟି ମିଶନ' ମଧ୍ୟ ପ୍ରତିଷ୍ଠା କରାଯିବ। ପୋଷଣ ଅଭିଯାନରେ ମହିଳା ଓ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଦେବାପାଇଁ ଚଳିତ ବର୍ଷ ବଜେଟରେ ୨୮୪ କୋଟି ଟଙ୍କା ବରାଦ କରାଯାଇଛି। ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାରେ ଦୁଇଟି କନ୍ୟା ସନ୍ତାନ ପାଇଁ ସହାୟତା ରାଶିକୁ ୧୦ହଜାର ଟଙ୍କାରୁ ୧୨ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ସବୁ ପଦକ୍ଷେପ ଓଡିଶାର ପିଲାମାନଙ୍କର ପୋଷଣରେ ଉନ୍ନତି ଆଣିବ। ଯେହେତୁ ଏକ ସମୃଦ୍ଧ ଓଡିଶା ଗଠନ ଆମର ଲକ୍ଷ୍ୟ ତେଣୁ, ଆମ ଓଡିଶାକୁ ସୁ-ପୋଷିତ କରିବା ଆମର ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅଙ୍ଗନବାଡି କର୍ମୀ ଓ ସୁପରଭାଇଜରମାନଙ୍କୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆପଣମାନେ ପିଲାମାନଙ୍କ ପୋଷଣ ଦାୟିତ୍ୱ ସହିତ ସେମାନଙ୍କୁ ପ୍ରାରମ୍ଭିକ ମୌଳିକ ଶିକ୍ଷା ବି ଦେଉଛନ୍ତି। ଆପଣମାନେ ହେଉଛନ୍ତି ପିଲାଙ୍କ ପାଇଁ ଦ୍ୱିତୀୟ ମା'। ଆମ ଦେଶରୁ କୁପୋଷଣ ଦୂର କରିବା ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ୨୦୧୮ ମସିହାରୁ ପିଏମ୍ ପୋଷଣ ଯୋଜନା ଆରମ୍ଭ କରିଛନ୍ତି। ଏଥିରେ ଗର୍ଭବତୀ ଓ ପ୍ରସୂତି ମହିଳା, କିଶୋରୀ ଓ ଛ'ବର୍ଷରୁ କମ୍ ବର୍ଷର ଶିଶୁମାନଙ୍କ ପୋଷଣ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ, ପୋଷଣ ପକ୍ଷ ସମୟରେ ଜନ ଆନ୍ଦୋଳନର ସମୂହ ସଚେତନତା କେବଳ ଏହି ବିଭାଗରେ ନୁହେଁ, ଏହାର ସଫଳ ରୂପାୟନ ପାଇଁ ସମସ୍ତ • ପୃଷ୍ଠା ୭ ଦେଖନ୍ତୁ...

## ୨୨-୨୩ରେ ସାଉଦି ଆରବ ଗସ୍ତରେ ଯିବେ ମୋଦି



ନୂଆଦିଲ୍ଲୀ, ୧୯।୪ (ହି.ସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାଉଦି ଆରବର କ୍ରାଉନ ପ୍ରିନ୍ସ ଏବଂ ପ୍ରଧାନମନ୍ତ୍ରୀ ପ୍ରିନ୍ସ ମହମ୍ମଦ ବିନ ସଲମାନଙ୍କ ନିମନ୍ତ୍ରଣ କ୍ରମେ ଅପ୍ରେଲ ୨୨ ଓ ୨୩ ତାରିଖରେ ସାଉଦି ଆରବ ଗସ୍ତରେ ଯିବେ। ବୈଦେଶିକ ମନ୍ତ୍ରାଳୟ ଶନିବାର ଏକ ବୟାନରେ କହିଛନ୍ତି ଯେ, ୨୦୧୬ ଓ ୨୦୧୯ ଗସ୍ତ ପରେ ଏହା ପ୍ରଧାନମନ୍ତ୍ରୀ ମୋଦୀଙ୍କ ତୃତୀୟ ଥର ସାଉଦି ଆରବ ଗସ୍ତ ହେବ। ୨୦୨୩ ସେପ୍ଟେମ୍ବରରେ ଜି-୨୦ ଶିଖର ସମ୍ମିଳନୀରେ ଭାଗ ନେବା ଓ ଭାରତ-ସାଉଦି ଆରବ ରଣନୀତିକ ଅଂଶୀଦାରୀ ପରିଷଦର ପ୍ରଥମ ବୈଠକରେ ସହ-ଅଧ୍ୟକ୍ଷତା କରିବା ନିମନ୍ତେ ପ୍ରିନ୍ସ ମହମ୍ମଦ ବିନ ସଲମାନ, କ୍ରାଉନ ପ୍ରିନ୍ସ ଓ ସାଉଦି ଆରବର ପ୍ରଧାନମନ୍ତ୍ରୀଙ୍କ ନୂଆଦିଲ୍ଲୀର ରାଜକୀୟ ଯାତ୍ରା ପରେ ପ୍ରଧାନମନ୍ତ୍ରୀ ମୋଦୀ ଏହି ଗସ୍ତ କରୁଛନ୍ତି। ବୟାନରେ ଆହୁରି ମଧ୍ୟ କୁହାଯାଇଛି ଯେ, ଭାରତ ଏବଂ ସାଉଦି ଆରବ ମଧ୍ୟରେ ସାମାଜିକ- ସାଂସ୍କୃତିକ ଏବଂ ବାଣିଜ୍ୟିକ ସମ୍ପର୍କର ଦୀର୍ଘ ଇତିହାସ ରହିଛି ଏବଂ ଏମାନଙ୍କ ମଧ୍ୟରେ ଘନିଷ୍ଠ ଓ ମୈତ୍ରୀପୂର୍ଣ୍ଣ ସମ୍ବନ୍ଧ ରହିଛି। ରଣନୀତିକ ଅଂଶୀଦାର ରୂପେ ଦୁଇ ଦେଶ ରାଜନୈତିକ, ପ୍ରତିରକ୍ଷା, ସୁରକ୍ଷା, ବ୍ୟାପାର, ନିବେଶ, ଶକ୍ତି, ଉଦ୍ୟୋଗିକ, ସ୍ୱାସ୍ଥ୍ୟ, ଶିକ୍ଷା, ସଂସ୍କୃତି ଓ ଲୋକଙ୍କ ମଧ୍ୟରେ ସମ୍ବନ୍ଧ ସହିତ ବିଭିନ୍ନ କ୍ଷେତ୍ରରେ ମଜବୁତ ଦ୍ୱିପାକ୍ଷିକ ସମ୍ବନ୍ଧ ବ୍ୟକ୍ତ କରିଥାନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସ୍ପେନର ରାଷ୍ଟ୍ରଦୂତ ଜୁଆନ୍ ଆଣ୍ଟୋନିଓ ମାର୍ଚ୍ଚ ପୁଜୋଲ



ଭୁବନେଶ୍ୱର, ୧୯।୪ (ଡିକେ ନ୍ୟୁଜ୍): ଲୋକସେବା ଭବନ ଠାରେ ଭାରତରେ ଅବସ୍ଥାପିତ ସ୍ପେନର ରାଷ୍ଟ୍ରଦୂତ ଜୁଆନ୍ ଆଂଟୋନିଓ ମାର୍ଚ୍ଚ ପୁଜୋଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ବୈଠକରେ ସ୍ପେନ ଏବଂ ଓଡିଶା ମଧ୍ୟରେ ସାଂସ୍କୃତିକ ଏବଂ ଅର୍ଥନୈତିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ। ସ୍ପେନର ରାଷ୍ଟ୍ରଦୂତ କହିଥିଲେ ଯେ, ରିନିଓ୍ୱେବଲ୍ ଏନର୍ଜି, ମେଟାଲର୍ଜି, ବୟନଶିଳ୍ପ ଏବଂ ଅଟୋମୋବାଇଲ ଭଳି ପ୍ରମୁଖ କ୍ଷେତ୍ରରେ ଓଡିଶା ଓ ସ୍ପେନ ମଧ୍ୟରେ ଅଧିକ ସହଯୋଗ ହୋଇପାରିବ। ଆଲୋଚନାରୁ ଜଣା ଯାଇଛି ଯେ, ସ୍ପେନ ସହିତ ଅଧିକ ସହଭାଗୀତା ପାଇଁ ଦୁଇ ଦେଶ ମଧ୍ୟରେ ଶିଳ୍ପ, ପ୍ରଯୁକ୍ତିବିଦ୍ୟା ଏବଂ ସାଂସ୍କୃତିକ ସହଯୋଗର ଏକ ନୂତନ ଅଧ୍ୟାୟ ଆରମ୍ଭ କରାଯିବ। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏବଂ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ଦୋଳି ରଥକୁ ଶୁଭାରମ୍ଭ କଲେ ମା'ବୁଢ଼ୀ ଠାକୁରାଣୀ



ବ୍ରହ୍ମପୁର, ୧୯।୪ (ଡିକେ ନ୍ୟୁଜ୍): ମା' ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ଯେତେ ଆଗକୁ ବଢୁଛି ସେତେ ଆକର୍ଷଣୀୟ ହୋଇଯାଉଛି। ଯାତ୍ରାର ୧୭ତମ ଦିବସ ତଥା ଶୁକ୍ରବାର ରାତିରେ ମା'ବୁଢ଼ୀ ଠାକୁରାଣୀ ନଗର ପରିକ୍ରମାରେ ବାହାରି ସାନ୍ତାରାଣୀ ସାହିରେ ପହଞ୍ଚିଥିଲେ। ସାନ୍ତାରାଣୀ ସାହିର ଦୋଳି ରଥକୁ ମା' ଶୁଭାରମ୍ଭ କରିଥିଲେ। ରଥକୁ ଶୁଭାରମ୍ଭ କରିବା ସମୟରେ ମା'ଙ୍କ ଉପରେ ହୋଇଥିଲା ଫୁଲର ବର୍ଷା। ଏହାସାଙ୍ଗକୁ ଆତସବାଜୀରେ ମା'ଙ୍କୁ ସ୍ୱାଗତ କରାଯାଇଥିଲା। ମା' ଦୋଳି ରଥକୁ ଶୁଭାରମ୍ଭ କରିବା ପରେ ସ୍ଥାନୀୟ ଅଞ୍ଚଳର ଶିଶୁମାନଙ୍କୁ ଦୋଳି ରଥରେ ବସାଇ ବୁଲା ଯାଇଥିଲା। ତେବେ ଏହି ଦୋଳି ରଥ ମାଁଙ୍କ ଅତି ପ୍ରିୟର ରଥ। ମା' ଛୋଟ ଶିଶୁ ଥିବା ସମୟରେ ଏହି ସାହିକୁ ଆସି ଦୋଳି ଖେଳୁଥିବା ଯୋଗୁଁ ଏହି ସାହିରେ ଦୀର୍ଘ ୨୫୦ ବର୍ଷ ହେଲା ଏହି ରଥ ବାହାରି ଆସୁଛି। ଏହାଛଡ଼ା ମା' ସାଆନ୍ତାଣୀଙ୍କ ନାମରେ ସାହିର ନାମ ମଧ୍ୟ ସାନ୍ତାରାଣୀ ସାହି ବୋଲି ନାମକରଣ କରାଯାଇଛି। ଏହି ଦୋଳି ରଥରେ ଶିଶୁମାନଙ୍କୁ ବସାଇ ବୁଲାଇବା ଦ୍ୱାରା ଶିଶୁମାନଙ୍କ ଶରୀର ଆରୋଗ୍ୟ ରହିବା ସହିତ ସେମାନଙ୍କ ମାନସିକ ମଧ୍ୟ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି ବୋଲି କହିଛନ୍ତି ସାନ୍ତାରାଣୀ ସାହି ବାସିନ୍ଦା।

### ଦିଲ୍ଲୀରେ ଭୟଙ୍କର ଦୁର୍ଘଟଣା

## ଚରି ମହଲା କୋଠା ଭୁଶୁଡ଼ି ୧୧ ଜଣଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୧୯।୪ (ହି.ସ): ରାଜଧାନୀ ଦିଲ୍ଲୀରେ ଭୟଙ୍କର ଦୁର୍ଘଟଣା। ଶନିବାର ଉତ୍ତରପୂର୍ବ ଦିଲ୍ଲୀରେ ଏକ ଚରି ମହଲା କୋଠା ଭୁଶୁଡି ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଲୋକ ଫଶି ରହିଛନ୍ତି ବୋଲି ପୋଲିସ ସୂଚନା ପ୍ରଦାନ କରିଛି। ଶନିବାର ସକାଳ ପ୍ରାୟ ୩ଟା ୨ ସମୟରେ ଦିଲ୍ଲୀର ମୁସ୍ତଫାବାଦ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଥିଲା। ଏପର୍ଯ୍ୟନ୍ତ ଯାଏ ଧ୍ୱଂସସ୍ତୁପ ମଧ୍ୟରୁ ମୋଟ ୧୪ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ସମସ୍ତଙ୍କୁ ଜିଟିବି ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ଏହି ଦୁର୍ଘଟଣାରେ ମୋଟ ୧୧ ଜଣଙ୍କ ମୃତ୍ୟୁ ହୋଇଛି ବୋଲି ଘୋଷଣା କରାଯାଇଛି। ଉଦ୍ଧାରକାର୍ଯ୍ୟକୁ ତ୍ୱରାନ୍ୱିତ କରବାକୁ ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ (ଏନଡିଆରଏଫ), ଅଗ୍ନିଶମବାହିନୀ • ପୃଷ୍ଠା ୭ ଦେଖନ୍ତୁ...

## ଆଇଆଇଏମ୍ ସମ୍ବଲପୁରର ନବମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ୬୦% ମହିଳା ଗ୍ରାଜୁଏଟ୍



ସମ୍ବଲପୁର, ୧୯। ୪ (ପିଆଇବି): ଅନ୍ୟତମ ପ୍ରମୁଖ ମ୍ୟାନେଜମେଣ୍ଟ ଅନୁଷ୍ଠାନ ଆଇଆଇଏମ୍ ସମ୍ବଲପୁରର ନବମ ସମାବର୍ତ୍ତନ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୩୭୦ଜଣ ଛାତ୍ରଛାତ୍ରୀ ସେମାନଙ୍କ ଶିକ୍ଷାଗତ ଯାତ୍ରା ଶେଷ କରିଥିଲେ। ଆଇଆଇଏମ୍ ସମ୍ବଲପୁରରେ ପ୍ରଥମ ଥର ପାଇଁ ୫ଟି ଭିନ୍ନ ଭିନ୍ନ ପାଠ୍ୟକ୍ରମରେ ସ୍ନାତକ ହାସଲ କରିଥିବା ବେଳେ ଏଥିରେ ୩୧୬ ଜଣ ଛାତ୍ରଛାତ୍ରୀଙ୍କ ନବମ ଏମବିଏ ବ୍ୟାଚ୍ (୨୦୨୩-୨୫), ଏକଜିକ୍ୟୁଟିଭ୍ ଏମବିଏ (୨୦୨୨-୨୪)ରେ ୩୮ଜଣ ଛାତ୍ରଛାତ୍ରୀଙ୍କ ଦ୍ୱିତୀୟ ବ୍ୟାଚ୍, ଏମବିଏ ଫର୍ ଓ୍ୱାର୍କିଂ ପ୍ରଫେସନାଲ୍ (୨୦୨୩-୨୫), ୬ ପିଏଚଡି ସ୍କଲାର ଓ କର୍ମଜୀବୀ ପ୍ରଫେସନାଲ୍ ପାଇଁ ପିଏଚଡି ରହିଛି। ସ୍ନାତକ ସମାରୋହରେ ଛାତ୍ରଛାତ୍ରୀମାନେ ଯଥାକ୍ରମେ ଏମବିଏ, ଏକଜିକ୍ୟୁଟିଭ୍ ଏମବିଏ ପ୍ରୋଗ୍ରାମ ଏବଂ ଏମବିଏ ଫର ଓ୍ୱାର୍କିଂ ପ୍ରଫେସନାଲ ପ୍ରୋଗ୍ରାମରେ ଶିକ୍ଷାଗତ ଏବଂ ଅତିରିକ୍ତ ପ୍ରଦର୍ଶନ ପାଇଁ ଅଧ୍ୟକ୍ଷଙ୍କ ସ୍ୱର୍ଣ୍ଣ ପଦକ ପାଇଥିଲେ। ସୂଚନାଯୋଗ୍ୟ, ୮୦ ବର୍ଷୀୟ ଉଦ୍ୟୋଗୀ ଶ୍ରୀ ଜିଏମ୍ ଗୁପ୍ତା ମଧ୍ୟ ଏମବିଏ ଫର୍ ଓ୍ୱାର୍କିଂ ପ୍ରଫେସନାଲ୍ ପ୍ରୋଗ୍ରାମରେ ଡିଗ୍ରୀ ହାସଲ କରିଥିଲେ। ସମାବର୍ତ୍ତନ ଉତ୍ସବରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଡ. ପ୍ରମୋଦ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଆଇଆଇଏମ୍ ସମ୍ବଲପୁରର ବୋର୍ଡ ଅଫ୍ ଗଭର୍ଣ୍ଣର୍ସ ଅଧ୍ୟକ୍ଷ ତଥା ସେଲ୍ସଫୋର୍ସ ଇଣ୍ଡିଆ ଓ ଦକ୍ଷିଣ ଏସିଆର ଅଧ୍ୟକ୍ଷ ତଥା ସିଇଓ ପଦ୍ମଶ୍ରୀ ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ ଏହି ଅବସରରେ ସମ୍ମାନିତ ହୋଇଥିଲେ। ବୋଷ୍ଟନ କନସଲଟିଂ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଆଶିଷ ଗର୍ଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲଙ୍କ ସମେତ ଡିନ୍, ଅଧ୍ୟାପକ, ସ୍ନାତକ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଡ.ପ୍ରମୋଦ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଇଆଇଏମ୍ ସମ୍ବଲପୁରର ଭିତ୍ତିଭୂମିକୁ ପ୍ରଶଂସା କରି କହିଥିଲେ ଯେ, ଆଇଆଇଏମ୍ ସମ୍ବଲପୁର ଏହାର ଏକ ଦଶନ୍ଧିରେ ବିଭିନ୍ନ କାର୍ଯ୍ୟକଳାପକୁ ସମନ୍ୱିତ କରି ଖ୍ୟାତି ଅର୍ଜନ କରିଛି। ଏହି ଅନୁଷ୍ଠାନ ନବସୃଜନ, ସଚ୍ଚୋଟତା ଏବଂ ସାମଗ୍ରିକତାର ମୂଳ ମୂଲ୍ୟବୋଧକୁ ବଜାୟ ରଖିଥାଏ। ଏହାବ୍ୟତୀତ ଏହା ନିଜର ଶିକ୍ଷା ଢାଂଚାରେ ଆର୍ଟିଫିସିଆଲ ଇଂଟେଲିଜେନ୍ସକୁ ଅନ୍ତର୍ଭୁକ୍ତ କରିଛି ଯାହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହାବ୍ୟତୀତ ପଶ୍ଚିମ ଓଡ଼ିଶାର ବୁଣାକାରମାନଙ୍କ ପାଇଁ ମାଷ୍ଟର ବୁଣାକାର କାର୍ଯ୍ୟକ୍ରମ ଆରମ୍ଭ କରିଥିବାରୁ ମୁଁ ଆଇଆଇଏମ୍ ସମ୍ବଲପୁରକୁ ପ୍ରଶଂସା କରୁଛି। ଏହା ଏକ ପ୍ରଶଂସନୀୟ ପ୍ରୟାସ ଏବଂ ଆଞ୍ଚଳିକ ବିକାଶରେ ସହାୟକ ହେବ।' ଡ.ପିକେ ମିଶ୍ର ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରି କହିଥିଲେ ଯେ, ଆମେ ଭୂ-ରାଜନୈତିକ ଆଲାଇନମେଣ୍ଟରେ ବୈଷୟିକ ପରିବର୍ତ୍ତନ ସହ ସଂଘର୍ଷ କରୁଛୁ ଏବଂ ଏହା ସହିତ ଅଭୂତପୂର୍ବ ଗତିରେ ବୈଷୟିକ ସଫଳତା ଦେଖୁଛୁ। ଜଳବାୟୁ ଏବଂ ସ୍ଥାୟିତ୍ୱ ଏହି ଆଲୋଚନାର • ପୃଷ୍ଠା ୭ ଦେଖନ୍ତୁ...

## ୨୪ରେ ମିଳିବ 'ସୁଭଦ୍ରା' ୨ଟା କିସ୍ତି

ଭୁବନେଶ୍ୱର, ୧୯।୪ (ଡିକେ ନ୍ୟୁଜ୍) : ସୁଭଦ୍ରାକୁ ନେଇ ଉପମୁଖ୍ୟମନ୍ତ୍ରୀଙ୍କ ବଡ଼ ଅପଡେଟ୍। ଏପ୍ରିଲ ୨୪ରେ ମିଳିବ ସୁଭଦ୍ରା ଟଙ୍କା। ପଞ୍ଚାୟତିରାଜ ଦିବସରେ ପୁରୀ ଠାରେ ସୁଭଦ୍ରା ଟଙ୍କା ବାଣ୍ଟିବେ ସରକାର। ଏକାଥରେ ଦୁଇଟି କିସ୍ତି ବାବଦକୁ ୧୦ ହଜାର ପାଇବେ ୧ ଲକ୍ଷ ୭୦ ହାଜର ମହିଳା। ମାର୍ଚ୍ଚ ୩୧ ଯାଏଁ ଆବେଦନ କରିଥିବା ମହିଳାଙ୍କୁ ମିଳିବ ଟଙ୍କା। ଷଷ୍ଠ ପର୍ଯ୍ୟାୟରେ ସୁଭଦ୍ରା ଟଙ୍କା ବାଣ୍ଟିବେ ସରକାର। ସୂଚନା ଅନୁସାରେ, ଅଯୋଗ୍ୟ ହିତାଧିକାରୀଙ୍କ ସର୍ଭେ ପରେ ଏପ୍ରିଲ ୨୪ରେ ଟଙ୍କା ଦିଆଯିବ ବୋଲି ପ୍ରଭାତୀ ପରିଡା କହିଛନ୍ତି। ଯେଉଁମାନେ ଯୋଗ୍ୟ, ସେମାନେ ପାଇବେ ବୋଲି ସ୍ପଷ୍ଟ କରିଛନ୍ତି ଉପମୁଖ୍ୟମନ୍ତ୍ରୀ।







## ଆଗାମୀ ୬ଦିନରେ କିଛି ଜିଲ୍ଲାରେ ହେବ ବର୍ଷା ସହିତ ବଜ୍ରପାତ !



ଭୁବନେଶ୍ୱର, ୧୯।୪ (ଡିକେ ନ୍ୟୁଜ୍): ରାଜ୍ୟରେ ଆଗାମୀ ୬ଦିନ ଯାଏଁ ପାଣିପାଗ ସ୍ଥିତି କିଭଳି ରହିବ ସେନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପ୍ରେସରିଲିଜ୍ ଜାରି କରିଛି। ମଧ୍ୟାହ୍ନ/ସନ୍ଧ୍ୟା ସମୟରେ ରାଜ୍ୟର ଅନେକ ସ୍ଥାନରେ କୁଆପଥର ସହ ବିଜୁଳି ଓ କାଳବୈଶାଖୀର ସମ୍ଭାବନା ରହିଛି ବୋଲି ଏଥିରେ କହିଛି। ତେଣୁ ବିଭିନ୍ନ ଜିଲ୍ଲାକୁ ଏହି ସମୟରେ ସତର୍କ ରହିବାକୁ ପରାମର୍ଶ ଦେଇଛି। ରବିବାର ପାଇଁ କିଛି ଜିଲ୍ଲାକୁ ଅରେଞ୍ଜ ଓ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଏହିସବୁ ଜିଲ୍ଲା ଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟାହ୍ନ/ସନ୍ଧ୍ୟା ସମୟରେ ଘଡ଼ଘଡ଼ି, କୁଆପଥର ସହ ପବନ ବହିବ। ପବନର ବେଗ ଘଣ୍ଟା ପିଛା ୫୦-୬୦ କିଲୋମିଟର ରହିବାର ସମ୍ଭାବନା ରହିଛି। ସେହିପରି ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଥିବା ଜିଲ୍ଲା ଗୁଡ଼ିକ ଭିତରେ ସୁନ୍ଦରଗଡ଼, ଅନୁଗୁଳ, ଢେଙ୍କାନାଳ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୂଆପଡ଼ା, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲା ରହିଛି। ଏହିସବୁ ଜିଲ୍ଲା ଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟାହ୍ନ/ସନ୍ଧ୍ୟା ସମୟରେ ଘଡ଼ଘଡ଼ି, କୁଆପଥର ସହ ଝଟକା ପବନର ବେଗ ୪୦ରୁ ୫୦ କିଲୋମିଟର ଘଣ୍ଟା ପିଛା ହେବାର ସମ୍ଭାବନା ରହିଛି। ଅନ୍ୟପଟେ ୟେଲୋ ଓ୍ୱାର୍ଣ୍ଣିଂ ଜାରି ହୋଇଥିବା କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଓ ବଲାଙ୍ଗୀର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି, କୁଆପଥର ସହ ଝଟକା ପବନର ବେଗ ଘଣ୍ଟା ପିଛା ୩୦ରୁ ୪୦କିଲୋମିଟର ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ଅପ୍ରେଲ ୨୧ ତାରିଖ ପାଇଁ ମଧ୍ୟ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରିଛି। ଏଥିରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ଗଞ୍ଜାମ ଓ ଗଜପତି • ପୃଷ୍ଠା ୭ ଦେଖନ୍ତୁ...

# ଇପିଏଫ୍ଓ ୩.୦କୁ ନେଇ ବଡ଼ ଖବର, ଏଣିକି ଏଟିଏମରୁ ବାହାର କରିପାରିବେ ଟଙ୍କା

**ନୂଆଦିଲ୍ଲୀ,(ହି.ସ.):** କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ ଅର୍ଥାତ ଇପିଏଫ୍ଓରେ ଖୁବଶୀଘ୍ର ଏକ ବଡ଼ ପରିବର୍ତ୍ତନ କରିବାକୁ ଯାଉଛି। ଯାହା ପରେ ଟଙ୍କା ଉଠାଇବା ସହଜ ହୋଇଯିବ। ଶୁକ୍ରବାର ଏ ବିଷୟରେ ସୂଚନା ଦେଇ କେନ୍ଦ୍ର ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡଭିୟ କହିଛନ୍ତି ଯେ ଇପିଏଫ୍ଓର ନୂତନ ସଂସ୍କରଣ ଆସନ୍ତା ମାସ ଅର୍ଥାତ ମେ-ଜୁନରୁ ଆରମ୍ଭ ହୋଇପାରେ। ଏହା ପରେ, ୯ କୋଟିରୁ ଅଧିକ ଆକାଉଣ୍ଟଧାରୀ ଏହି ଅପଡେଟର ଲାଭ ପାଇବେ। ଶ୍ରମ ମନ୍ତ୍ରୀ କହିଛନ୍ତି ଯେ ନୂତନ ପ୍ଲାଟଫର୍ମରେ ଡିଜିଟାଲ ସଂଶୋଧନ, ସ୍ୱୟଂଚାଳିତ ଦାବି ସମାଧାନ ଏବଂ ଏଟିଏମ୍‌ରୁ ଟଙ୍କା ଉଠାଣର ସୁବିଧା ରହିବ। ଏହା ସହିତ ପ୍ରକ୍ରିୟାଟି ସହଜ ଏବଂ ଦ୍ରୁତ ହେବ। ଏହା ପରେ, ଇପିଏଫ୍ଓ ଆକାଉଣ୍ଟଧାରୀଙ୍କୁ ଦାବି ପାଇଁ କାର୍ଯ୍ୟାଳୟକୁ ଯିବାକୁ ପଡିବ ନାହିଁ କିମ୍ବା ଲମ୍ବା ଫର୍ମ ପୂରଣ କରିବାକୁ ପଡିବ ନାହିଁ। ଇପିଏଫ୍ଓ ୩.୦ ସଂସ୍କରଣ ସହିତ, ସେବାଗୁଡ଼ିକ ପୂର୍ବ ଅପେକ୍ଷା ବହୁତ ସହଜ ହୋଇଯିବ ଏବଂ ଏହାକୁ ଏକ ଦୃଢ଼ ଆଇଟି ବ୍ୟବସ୍ଥା ସହିତ କାର୍ଯ୍ୟକାରୀ କରାଯିବ। ପେନସନ କିମ୍ବା ଉଠାଣ ସୂଚନା ସହଜରେ ଦେଖିବା ସହିତ, ଆକାଉଣ୍ଟଧାରୀମାନେ ଓଟିପି ଯାଞ୍ଚ ମାଧ୍ୟମରେ ସେମାନଙ୍କର ତଥ୍ୟ ଅପଡେଟ କରିବାର ସୁବିଧା ମଧ୍ୟ ପାଇବେ। ଇପିଏଫ୍ଓ ପାଖରେ ବର୍ତ୍ତମାନ 'ସରକାରୀ ଗ୍ୟାରେଣ୍ଟି' ସହିତ ୨୭ ଲକ୍ଷ କୋଟି ଟଙ୍କାର ପାଣ୍ଠି ଅଛି ଏବଂ ଏହା ୮.୨୫ ପ୍ରତିଶତ ସୁଧ ପ୍ରଦାନ କରେ। ପୂର୍ବରୁ ପ୍ରଚଳିତ କେନ୍ଦ୍ରୀୟ ପେନସନ ଦେୟ ବ୍ୟବସ୍ଥା ୭୮ ଲକ୍ଷରୁ ଅଧିକ ପେନସନଭୋଗୀଙ୍କୁ ଲାଭ ପହଞ୍ଚାଉଛି କାରଣ ଏହା ସେମାନଙ୍କୁ ସାରା ଦେଶରେ ଯେ କୌଣସି ବ୍ୟାଙ୍କ୍ ଆକାଉଣ୍ଟରେ ପେନସନ ପାଇବାକୁ ସକ୍ଷମ କରିଥାଏ ଏବଂ ପୂର୍ବରୁ ନିର୍ଦ୍ଦିଷ୍ଟ ଆଞ୍ଚଳିକ ବ୍ୟାଙ୍କଗୁଡ଼ିକରେ ଆକାଉଣ୍ଟ ରଖିବାର ଆବଶ୍ୟକତାକୁ ଦୂର କରିଛି।

# ବେଦାନ୍ତ ଆଲୁମିନିୟମ ଝାରସୁଗୁଡାରେ ଆନ୍ତଃରାଜ୍ୟ ୧୭ ବର୍ଷରୁ କମ୍ ବାଳିକା ୫-ଏ-ସାଇଡ୍ ହକି ପ୍ରତିଯୋଗିତାକୁ ସମର୍ଥନ

**ଝାରସୁଗୁଡା,(ଡିକେ ନ୍ୟୁଜ୍):** ୧୯ ଏପ୍ରିଲ ୨୦୨୫: ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡା ଜିଲ୍ଲା ହକି ଆସୋସିଏସନର ସହଯୋଗରେ ଆୟୋଜିତ ୧୭ ବର୍ଷରୁ କମ୍ ବର୍ଗରେ ଆନ୍ତଃରାଜ୍ୟ ବାଳିକା ୫-ଏ-ସାଇଡ୍ ହକି ପ୍ରତିଯୋଗିତାକୁ ସମର୍ଥନ କରିଛି। ଏହି ପ୍ରତିଯୋଗିତା ୧୮ ଏପ୍ରିଲରୁ ୨୦ ଏପ୍ରିଲ, ୨୦୨୫ ପର୍ଯ୍ୟନ୍ତ ଝାରସୁଗୁଡାର ଏଚ୍. କଟାପାଲିର ହକି ଷ୍ଟାଡିୟମରେ ଅନୁଷ୍ଠିତ ହେଉଛି। ଝାରସୁଗୁଡାରେ ଏହି ପ୍ରତିଯୋଗିତାରେ ବିହାର, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଓଡ଼ିଶାର ନଅଟି ଦଳ ଅଂଶଗ୍ରହଣ କରୁଛନ୍ତି। ପ୍ରତ୍ୟେକ ଦଳରେ ଆଠ ଜଣ ଖେଳାଳି, ଜଣେ ପ୍ରଶିକ୍ଷକ ଏବଂ ଜଣେ ଦଳ ପରିଚାଳକ ଅଛନ୍ତି। ମ୍ୟାଚଗୁଡ଼ିକ ଲିଗ୍ ଫର୍ମାଟ୍ ଅନୁସରଣ କରିବ, ୧୮ ଏପ୍ରିଲ ସକାଳ ୬:୦୦ ରୁ ୮:୦୦ ମଧ୍ୟରେ ପ୍ରାରମ୍ଭିକ ରାଉଣ୍ଡ ହେବ, ତା'ପରେ ସନ୍ଧ୍ୟା ୫:୦୦ ରେ ଆନୁଷ୍ଠାନିକ ଉଦଘାଟନ ହେବ। ସମାପନୀ ସମାରୋହ ୨୦ ଏପ୍ରିଲ୍, ୨୦୨୫ ସନ୍ଧ୍ୟା ୭:୦୦ ଟାରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ



ଝାରସୁଗୁଡାର କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ଜିଲ୍ଲା ହକି ଆସୋସିଏସନର ସଭାପତି ଶ୍ରୀମତୀ ଆବୋଲି ସୁନିଲ ନରଭାଣେ ଏବଂ ଅତିରିକ୍ତ ଜିଲ୍ଲା କଲେକ୍ଟର ଏବଂ ଆସୋସିଏସନର ସମ୍ପାଦକ ବ୍ରଜ ବନ୍ଧୁ ଭୋଇଙ୍କ ଦ୍ୱାରା ପରିଚାଳନା କରାଯିବ ସହିତ ବେଦାନ୍ତ ଆଲୁମିନିୟମ ଏହାକୁ ସମର୍ଥନ କରୁଛି । କାର୍ଯ୍ୟକ୍ରମର ସୁଗମ ସମ୍ପାଦନ ସୁନିଶ୍ଚିତ କରିବା ପାଇଁ ନିୟମିତ ସମୀକ୍ଷା କରାଯାଉଛି। ଓଡ଼ିଶା ହକି ଆସୋସିଏସନ ଦ୍ୱାରା ନିଯୁକ୍ତ ଦଶ ଜଣ ଅଧିକାରୀ ଟୁର୍ଣ୍ଣାମେଣ୍ଟ ତଦାରଖ କରିବେ। ବରିଷ୍ଠ ଆସୋସିଏସନ ସଦସ୍ୟ, ଯେଉଁଥିରେ ସଚିବ ସନାତନ ସାହୁ; କୋଷାଧ୍ୟକ୍ଷ ପି.କେ. ମହାନ୍ତି; ବରିଷ୍ଠ ସଦସ୍ୟ ରଞ୍ଜନ ଦାସ; ଓଏସଡି କ୍ରୀଡା କାଳୁ ଚରଣ ଚୌଧୁରୀ ଏବଂ ଭାରତୀୟ ମହିଳା ହକି ଦଳର ପୂର୍ବତନ ଅଧିନାୟିକା ଏବଂ ବର୍ତ୍ତମାନ ମୁଖ୍ୟ ଚୟନକର୍ତ୍ତା ସୁଭଦ୍ରା ପ୍ରଧାନ ମଧ୍ୟ ସମଗ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ। ଓଡ଼ିଶା ହକି ଆସୋସିଏସନର ଉପାଧ୍ୟକ୍ଷ ଜୀବନ ମହାନ୍ତି କରିଛନ୍ତି ଯେ ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଡକ୍ଟର ଦିଲୀପ କୁମାର ତିର୍କୀ ଏହି ଟୁର୍ଣ୍ଣାମେଣ୍ଟର ମୁଖ୍ୟ ପରାମର୍ଶଦାତା ଭାବରେ କାର୍ଯ୍ୟ କରିବେ। ବେଦାନ୍ତ ଆଲୁମିନିୟମ ସମ୍ପ୍ରଦାୟ ବିକାଶ ଏବଂ କ୍ରୀଡା ପଦକ୍ଷେପ ପ୍ରତି ପ୍ରତିବଦ୍ଧ, ସହଯୋଗୀ ପ୍ରୟାସ ମାଧ୍ୟମରେ ତୃଣମୂଳ ସ୍ତରର କ୍ରୀଡା ଏବଂ ଯୁବ ସମ୍ପର୍କକୁ ସମର୍ଥନ କରିଆସୁଛି। କମ୍ପାନୀ ସମ୍ପ୍ରତି ଓଡ଼ିଶାର ଭୁବନେଶ୍ୱରରେ ଅବସ୍ଥିତ ଏକ ପ୍ରମୁଖ ହକି ଦଳ କଳିଙ୍ଗ ଲାନ୍ସର୍ସକୁ ଅଧିଗ୍ରହଣ କରିଛି, ଯାହା ଓଡ଼ିଶାରେ କ୍ରୀଡାକୁ ପ୍ରୋତ୍ସାହିତ କରିବା ପାଇଁ ବେଦାନ୍ତର ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଛି, ଯେଉଁଠାରେ କମ୍ପାନୀ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ସାମାଜିକ-ଆର୍ଥିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ବେଦାନ୍ତ ଲିମିଟେଡର ଏକ ବ୍ୟବସାୟ, ବେଦାନ୍ତ ଆଲୁମିନିୟମ୍, ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ, ଯାହା ଆର୍ଥିକ ବର୍ଷ ୨୦୨୫ ରେ ଭାରତର ଅଧାରୁ ଅଧିକ ଅର୍ଥାତ୍ ୨.୪୨ ନିୟୁତ ଟନ୍ ଆଲୁମିନିୟମ୍ ଉତ୍ପାଦନ କରେ। ଏହା ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦରେ ଏକ ନେତା ଯାହା ମୁଖ୍ୟ ଶିଳ୍ପଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ଖୋଜେ। ଆଲୁମିନିୟମ୍ ଶିଳ୍ପ ପାଇଁ ଏସଏଣ୍ଡପି ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଣ୍ଟ ୨୦୨୪ ବିଶ୍ୱ ରାଙ୍କିଂରେ ବେଦାନ୍ତ ଆଲୁମିନିୟମ୍ ଦ୍ୱିତୀୟ ସ୍ଥାନରେ ଅଛି, ଯାହା ଏହାର ପ୍ରମୁଖ ସ୍ଥାୟୀ ବିକାଶ ଅଭ୍ୟାସର ପ୍ରତିଫଳନ। ଭାରତରେ ଏହାର ବିଶ୍ୱସ୍ତରୀୟ ଆଲୁମିନିୟମ୍ ସ୍ମେଲଟର, ଆଲୁମିନା ରିଫାଇନାରୀ ଏବଂ ପାୱାର ପ୍ଲାଣ୍ଟ ସହିତ, କମ୍ପାନୀ ଏକ ସବୁଜ ଆସନ୍ତାକାଲି ପାଇଁ ଭବିଷ୍ୟତର ଧାତୁ ଭାବରେ ଆଲୁମିନିୟମର ଉଦୀୟମାନ ପ୍ରୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବାର ଏହାର ଲକ୍ଷ୍ୟ ପୂରଣ କରେ।

# ୭,୫୦୦ କୋଟି ଟଙ୍କାର ପାଣ୍ଠି ସଂଗ୍ରହକୁ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ବୋର୍ଡ ପକ୍ଷରୁ ମଞ୍ଜୁରି

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଆଇଡିଏଫସି ଫାଷ୍ଟ ବ୍ୟାଙ୍କର ବୋର୍ଡ ଅଫ ଡାଇରେକ୍ଟର୍ସ ପକ୍ଷରୁ ଅନୁଷ୍ଠିତ ଏକ ବୈଠକରେ, ୱାର୍ବର୍ଗ ପିଙ୍କସ୍ ଏଲଏଲସିର ଅନୁବନ୍ଧିତ କମ୍ପାନୀ କୁରାଣ୍ଟ ସି ଇନଭେଷ୍ଟମେଣ୍ଟ ବିଭିକୁ ପ୍ରାୟ ୪,୮୭୬ କୋଟି ଟଙ୍କା ମୂଲ୍ୟର ଇକ୍ୱିଟି କ୍ୟାପିଟାଲ (ସିସିପିଏସ) ଏବଂ ଆବୁଧାବି ନିବେଶ କର୍ତ୍ତୃପକ୍ଷ (ଏଡିଆଇଏ)ର ଏକ ସମ୍ପୂର୍ଣ୍ଣ ମାଲିକାନାରେ ଥିବା ସହାୟକ ସଂସ୍ଥା, ପ୍ଲାଟିନମ୍ ଇନଭିକ୍ଟସ୍ ବି ୨୦୨୫ ଆରଏସସି ଲିମିଟେଡକୁ ପ୍ରାୟ ୨,୬୨୪ କୋଟି ଟଙ୍କାର ଅଗ୍ରାଧିକାର ପ୍ରଦାନ କୁ ଅନୁମୋଦନ କରାଯାଇଛି। ପ୍ରସ୍ତାବିତ ପ୍ରସଙ୍ଗଗୁଡ଼ିକ ଅଂଶୀଦାର ଏବଂ ନିୟାମକ ଅନୁମୋଦନ ଉପରେ ନିର୍ଭର କରୁଛି। ଗତ ଛଅ ବର୍ଷ ମଧ୍ୟରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଭିତ୍ତିଭୂମି କେନ୍ଦ୍ରିତ ଡିଏଫଆଇରୁ ଏକ ଆଧୁନିକ, ପ୍ରଯୁକ୍ତି ଭିତ୍ତିକ, ସର୍ବଭାରତୀୟ, ସାର୍ବଜନୀନ ବ୍ୟାଙ୍କ ରେ ପରିଣତ ହେବାରେ ସଫଳ ପରିବର୍ତ୍ତନ ଆଣିଛି। ଏହି ସମୟ ମଧ୍ୟରେ ଜମା ପରିମାଣ ୬ ଗୁଣ, ଋଣ ଓ ଅଗ୍ରୀମ ଦ୍ୱିଗୁଣିତ ହୋଇଛି ଏବଂ ସିଏଏସଏ ଅନୁପାତ ୮.୭%ରୁ ୪୭.୭%କୁ ଯଥେଷ୍ଟ ଉନ୍ନତ ହୋଇଛି। ପିଏଟି ଆଁଥିକ ବର୍ଷ ୨୦୧୯ରେ ୧,୯୪୪ କୋଟି ଟଙ୍କାର କ୍ଷତିରୁ ୨୦୨୪ ଆଁଥିକ ବର୍ଷରେ ୨,୯୫୭ କୋଟି ଟଙ୍କା ଲାଭରେ ପହଞ୍ଚିଛି। ଏହି ପାଣ୍ଠି ସଂଗ୍ରହ ଦ୍ୱାରା ସାମଗ୍ରିକ ପୁଞ୍ଜି ପର୍ଯ୍ୟାପ୍ତ ୧୬.୧%ରୁ ୧୮.୯%କୁ ବୃଦ୍ଧି ପାଇବ ଡିସେମ୍ବର ୩୧, ୨୦୨୪ ସୁଦ୍ଧା ବ୍ୟାଙ୍କର ପୁଞ୍ଜି ସ୍ଥିତିକୁ ହିସାବ କଲେ, ସିଇଟି-୧ ଅନୁପାତ ୧୬.୫%ରେ ରହିଛି, ଯାହା ବ୍ୟାଙ୍କର ବାଲାନ୍ସ ସିଟକୁ ସୁଦୃଢ଼ କରିବ ଏବଂ ଏହାକୁ ଏକ ସୁଦୃଢ଼ ଏବଂ ଆତ୍ମନିର୍ଭରଶୀଳ ଲାଭଜନକ ଅଭିବୃଦ୍ଧି ପାଇଁ ଅବସ୍ଥାପିତ କରିବ। ଏସମ୍ପର୍କରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଭି ବୈଦ୍ୟନାଥନ କହିଛନ୍ତି ଯେ, ୱାର୍ବର୍ଗ ପିଙ୍କସକୁ ପୁଣି ପାଇବା ଏବଂ ଆମର ଅଂଶୀଦାର ଭାବରେ ଏଡିଆଇଏର ଏକ ସମ୍ପୂର୍ଣ୍ଣ ମାଲିକାନାରେ ଥିବା ସହାୟକ ସଂସ୍ଥାକୁ ସ୍ୱାଗତ କରି ଆମେ ଉତ୍ସାହିତ। ଆମେ ଉଭୟଙ୍କୁ ଧନ୍ୟବାଦ ଜଣାଉଛୁ ଯେ ସେମାନେ ଆମ ଉପରେ ଏବଂ ଆମର ଭବିଷ୍ୟତ ଅଭିବୃଦ୍ଧି ଯୋଜନା ଉପରେ ବିଶ୍ୱାସ ରଖିଛନ୍ତି ଏବଂ ଅସ୍ଥିର ବୈଶ୍ୱିକ ପରିସ୍ଥିତିରେ ମଧ୍ୟ ଆମ ଉପରେ ପୁଞ୍ଜିନିବେଶ କରିଛନ୍ତି। ଆମର ବିଶ୍ୱାସ ଯେ କେବଳ ଗ୍ରାହକମାନଙ୍କ ଦ୍ୱାରା ପସନ୍ଦ କରାଯାଇଥିବା ଏକ ଶକ୍ତିଶାଳୀ, ସମ୍ମାନଜନକ ଫ୍ରାଞ୍ଚାଇଜ୍ ନିର୍ମାଣ କରି ଏବଂ ଦୃଢ଼ ୟୁନିଟ୍ ଅର୍ଥନୀତି ସମର୍ଥନରେ ଆମେ ଆମର ଅଂଶୀଦାରମାନଙ୍କୁ ସ୍ଥାୟୀ ଦୀର୍ଘମିଆଦୀ ରିଟର୍ଣ୍ଣ ପ୍ରଦାନ କରିବୁ। ଏସିଆ ପ୍ରାଇଭେଟ ଇକ୍ୱିଟି ର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ତଥା ୱାର୍ବର୍ଗ ପିଙ୍କସର ଫାଇନାନ୍ସିଆଲ ସର୍ଭିସେସର ଗ୍ଲୋବାଲ କୋ-ହେଡ ବିଶାଲ ମହାଦେବିଆ କହିଛନ୍ତି ଯେ, ଅଭିବୃଦ୍ଧିର ପରବର୍ତ୍ତୀ ପର୍ଯ୍ୟାୟ ଏବଂ ସ୍ଥାୟୀ ଆରଓଇ ଉନ୍ନତିକରଣକୁ ସମର୍ଥନ କରିବା ପାଇଁ ଆମେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଟିମ୍ ପଛରେ ପୁନଃ ନିବେଶ କରିବାକୁ ନେଇ ଉତ୍ସାହିତ। ସେହିଭଳି ଏଡିଆଇଏର ଘରୋଇ ଇକ୍ୱିଟି ବିଭାଗର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ହମାଦ ଶାୱାନ ଅଲଧାହେରୀ କହିଛନ୍ତି, "ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଏକ ଅଭିଜ୍ଞ ପରିଚାଳନା ଦଳ ସମର୍ଥିତ ଭାରତର ଅଗ୍ରଣୀ ଘରୋଇ କ୍ଷେତ୍ରର ବ୍ୟାଙ୍କ ଭାବରେ ନିଜକୁ ଦୃଢ଼ ଭାବରେ ପ୍ରତିଷ୍ଠିତ କରିଛି। ଏହି ପୁଞ୍ଜିନିବେଶର ଉଦ୍ଦେଶ୍ୟ ହେଉଛି ବ୍ୟାଙ୍କର ନିରନ୍ତର ଅଭିବୃଦ୍ଧିକୁ ସମର୍ଥନ କରିବା, ଯାହା ଦ୍ୱାରା ଏହା ଦେଶରେ ଆର୍ଥିକ ଉତ୍ପାଦର ବଢୁଥିବା ଚାହିଦାକୁ ପୂରଣ କରିବାରେ ସକ୍ଷମ ହେବ।

# ଟ୍ରମ୍ପଙ୍କ ଶୁଳ୍କ ଯୋଗୁ ଦୁର୍ବଳ ହେବ ବିଶ୍ୱ ଅର୍ଥନୀତି : ବଢ଼ିବ ଦରଦାମ

**ନୂଆଦିଲ୍ଲୀ,(ହି.ସ):** ଆମେରିକାର ଟ୍ରମ୍ପ ପ୍ରଶାସନ ଲାଗୁ କରିଥିବା ଶୁଳ୍କ ନୀତି ବିଶ୍ୱ ଅର୍ଥନୀତିକୁ ଦୁର୍ବଳ କରିବ। ଏହା ବ୍ୟତୀତ, ଚଳିତବର୍ଷ ମୁଦ୍ରାସ୍ଫୀତି ବୃଦ୍ଧି ପାଇବ ବୋଲି ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ଚେତାବନୀ ଦେଇଛି। ବିଶ୍ୱ ଅର୍ଥନୀତିକୁ ନେଇ ଆଇଏମ୍ଏଫ୍ ଏହି ଆକଳନ ସମ୍ପର୍କିତ ରିପୋର୍ଟ ଆସନ୍ତା ସପ୍ତାହରେ ଅର୍ଥାତ୍ ମଙ୍ଗଳବାର ପ୍ରକାଶ ପାଇବ। ଆଇଏମଏଫର ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଟାଲିନା ଜର୍ଜିଭା ଗୁରୁବାର କହିଛନ୍ତି ଯେ ଟ୍ରମ୍ପ ପ୍ରଶାସନ ଦ୍ୱାରା ଲାଗୁ ହୋଇଥିବା ଶୁଳ୍କ ବିଶ୍ୱ ଅନିଶ୍ଚିତତାକୁ ବୃଦ୍ଧି କରିଛି। ସେ କହିଛନ୍ତି ଯେ ଏହି ଆମଦାନୀ ଟିକସ ବୈଶ୍ୱିକ ଅର୍ଥ ବ୍ୟବସ୍ଥାକୁ ଦୁର୍ବଳ କରିଦେବ ହେଲେ ଚଳିତ ବର୍ଷ ଦରବୃଦ୍ଧି ଦେଖିବାକୁ ମିଳିବ। ଏହାସତ୍ତ୍ୱେ ବିଶ୍ୱରେ ମାନ୍ଦାବସ୍ଥାର କୌଣସି ଭୟ ନାହିଁ। ସେ କହିଛନ୍ତି ଯେ ବଢୁଥିବା ବାଣିଜ୍ୟିକ ତିକ୍ତତା ଓ ବୈଶ୍ୱିକ ବାଣିଜ୍ୟିକ ପ୍ରଣାଳୀରେ ହେଉଥିବା ବଡ଼ ପରିବର୍ତ୍ତନ ଯୋଗୁଁ ଆଇଏମଏଫ୍ ନିଜ ଆର୍ଥିକ ବିକାଶ ହାର ପୂର୍ବାନୁମାନରେ ହ୍ରାସ କରିବ। ଏହି ପରିବର୍ତ୍ତନଗୁଡ଼ିକ ଆର୍ଥିକ ବଜାରରେ ଅସ୍ଥିରତା ସୃଷ୍ଟି କରିପାରେ। ସେ କହିଛନ୍ତି ଯେ ଗତ କିଛି ସପ୍ତାହ ଧରି ଆର୍ଥିକ ବଜାରରେ ଏହି ଅସ୍ଥିରତା ଜାରି ରହିଛି। ଆଇଏମ୍ଏଫ୍ ମୁଖ୍ୟ ଜର୍ଜିଭା ମଧ୍ୟ ଟ୍ରମ୍ପ ପ୍ରଶାସନର କିଛି ଚିନ୍ତାକୁ ଦୋହରାଇଛନ୍ତି। ସେ ଦେଶଗୁଡ଼ିକୁ ସେମାନଙ୍କର ଶୁଳ୍କ ଏବଂ ବାଣିଜ୍ୟରେ ଅନ୍ୟାନ୍ୟ ପ୍ରତିବନ୍ଧକ ହ୍ରାସ କରିବାକୁ ଅନୁରୋଧ କରିଛନ୍ତି। ଜର୍ଜିଭା କହିଛନ୍ତି ଯେ ଆମେରିକା ପକ୍ଷରୁ ଲାଗୁ କରାଯାଇଥିବା ନୂଆ ଟାରିଫ୍ ଓ ଚୀନ ତଥା ୟୁରୋପୀୟ ସଂଘର ପକ୍ଷରୁ ପଲଟା ଜବାବ ବୈଶ୍ୱିକ ବାଣିଜ୍ୟିକ ବ୍ୟବସ୍ଥାକୁ ଦୋହଲାଇ ଦେଇଛି। ଏଥିରେ ବାଣିଜ୍ୟ ନୀତିରେ ଅତ୍ୟଧିକ ଅନିଶ୍ଚିତତା ଓ ଆର୍ଥିକ ବାଜରରେ ଅତ୍ୟଧିକ ଅସ୍ଥିରତା ସୃଷ୍ଟି ହୋଇଛି। ସେ କହିଛନ୍ତି ଯେ ଆମଦାନୀ ଶୁଳ୍କ ବୈଶ୍ୱିକ ବୃଦ୍ଧିକୁ ମନ୍ଥର କରିବ ଓ ମୁଦ୍ରାସ୍ଫୀତି ବଢିବ କିନ୍ତୁ ଏହା ମାନ୍ଦାବସ୍ଥାର କାରଣ ହେବ ନାହିଁ। ଟାରିଫ୍ ବୃଦ୍ଧି ଅନିଶ୍ଚିତତାର କାରଣ ହେବ, ଯାହା ମହଙ୍ଗା ପଡ଼ିପାରେ। ଯୋଗାଣ ଶୃଙ୍ଖଳା ଜଟିଳତାରୁ ଅନେକ ଦେଶରେ ଭିନ୍ନ ଭିନ୍ନ ବସ୍ତୁର ମୂଲ୍ୟ ପ୍ରଭାବିତ ହୋଇପାରେ। ବାଣିଜ୍ୟିକ ସଂକଟର ପ୍ରଭାବ ତତ୍କାଳ ପଡ଼ିଥାଏ। ଏହାସହ ଆଇଏମ୍ଏଫ୍ ମୁଖ୍ୟ ଆମେରିକା ପ୍ରଶାସନର କିଛି ଚିନ୍ତାଙ୍କୁ ମଧ୍ୟ ଦୋହରାଇଛନ୍ତି। ସେ ସବୁ ଦେଶଙ୍କୁ ଶୁଳ୍କ କମ କରିବା ଓ ବ୍ୟବସାୟରେ ଅନ୍ୟ ଅସୁବିଧାକୁ କମ କରିବା ପାଇଁ ଆହ୍ୱାନ କରିଛନ୍ତି। ଆଇଏମ୍ଏଫ୍ ୨୦୨୫ ଜାନୁଆରୀରେ ୨୦୨୬ ବର୍ଷ ପାଇଁ ବୈଶ୍ୱିକ ବିକାଶ ହାର ୩.୩ ପ୍ରତିଶତ ରହିବା ଅନୁମାନ କରିଥିଲା। ଏବେ ଏହି ବୈଶ୍ୱିକ ସଂସ୍ଥା ମଙ୍ଗଳବାର ନିଜ ନୂଆ ୱାର୍ଲର୍ଡ ଇକୋନୋମିକ୍ ଆଉଟଲୁକ୍ ଜାରି କରିବ। ତେବେ ନୂଆ ଅନୁମାନରେ କେତେ ପ୍ରତିଶତ ହ୍ରାସ ହେବ ଜର୍ଜିଭା ତାହା କହିନାହାନ୍ତି। ତେବେ ଏହି ହ୍ରାସ 'ଗୁରୁତ୍ୱପୂର୍ଣ୍ଣ' ହୋଇପାରେ।

# ୨ହଜାର ଟଙ୍କାରୁ ଅଧିକ ୟୁପିଆଇ ପେମେଣ୍ଟ କଲେ ଲାଗିବ ଟ୍ୟାକ୍ସ

**ନୂଆଦିଲ୍ଲୀ,(ହି.ସ):** ଗତ କିଛି ଦିନ ଧରି ସୋସିଆଲ ମିଡିଆରେ କିଛି ପୋଷ୍ଟ ଭାଇରାଲ ହେଉଛି ଯେଉଁଥିରେ ଦାବି କରାଯାଉଛି ଯେ ଏବେ ୟୁପିଆଇ ମାଧ୍ୟମରେ ୨୦୦୦ ଟଙ୍କାରୁ ଅଧିକ ପେମେଣ୍ଟ ଉପରେ ଟିକସ ଲାଗୁ ହେବ। ଏନେଇ ଅର୍ଥ ମନ୍ତ୍ରଣାଳୟ ମଧ୍ୟ ସୂଚନା ଜାରି କରିଛି। ୟୁପିଆଇ ପେମେଣ୍ଟ ଉପରେ ଟିକସ ଲାଗିବ କି? ସରକାର ସ୍ପଷ୍ଟ କରିଛନ୍ତି ଯେ ୨୦୦୦ ଟଙ୍କାରୁ ଅଧିକ ମୂଲ୍ୟର ୟୁପିଆଇ କାରବାର ଉପରେ ଜିଏସ୍‌ଟି ଲାଗୁ କରିବା ବିଷୟରେ ବିଚାର କରୁନାହାଁନ୍ତି। ୨୦୦୦ ଟଙ୍କାରୁ ଅଧିକ ମୂଲ୍ୟର ୟୁପିଆଇ କାରବାର ଉପରେ ସରକାର ସାମଗ୍ରୀ ଏବଂ ସେବା କର ଜିଏସ୍‌ଟି ଲାଗୁ କରିବାକୁ ବିଚାର କରୁଥିବା ରିପୋର୍ଟକୁ ସ୍ପଷ୍ଟ କରି ଅର୍ଥ ମନ୍ତ୍ରଣାଳୟ କହିଛି ଯେ ଏହା ସମ୍ପୂର୍ଣ୍ଣ ମିଥ୍ୟା, ଭିତ୍ତିହୀନୟ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି, ବର୍ତ୍ତମାନ ସରକାରଙ୍କ ସମ୍ମୁଖରେ ଏପରି କୌଣସି ପ୍ରସ୍ତାବ ନାହିଁ। ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ (ଏମ୍‌ଡ଼ିଆର୍) ଭଳି କିଛି ଶୁଳ୍କ ଉପରେ ଜିଏସ୍‌ଟି ଲାଗୁ ହୁଏ। ସରକାର ୟୁପିଆଇ ଉପରେ ଟିକସ ଲାଗୁ କରିବାକୁ ବିଚାର କରୁଥିବା ଖବର ପରେ ଅର୍ଥ ମନ୍ତ୍ରଣାଳୟ ଏହି ସ୍ପଷ୍ଟୀକରଣ ଦେଇଛି। ମନ୍ତ୍ରଣାଳୟ କହିଛି ଯେ ଏହି ରିପୋର୍ଟଗୁଡ଼ିକ ମିଥ୍ୟା ଏବଂ ସରକାର ୟୁପିଆଇ ମାଧ୍ୟମରେ ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରିବାକୁ ପ୍ରତିବଦ୍ଧ। ବର୍ତ୍ତମାନ ସରକାରଙ୍କ ସମ୍ମୁଖରେ ଏପରି କୌଣସି ପ୍ରସ୍ତାବ ନାହିଁ। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡ଼ିଟି) ଜାନୁଆରୀ ୨୦୨୦ରୁ ଗ୍ରାହକ ଏବଂ ବ୍ୟବସାୟୀଙ୍କ ମଧ୍ୟରେ ୟୁପିଆଇ କାରବାର (ପି୨ଏମ୍) ଉପରେ ଏମ୍‌ଡ଼ିଆର୍ ହଟାଇ ଦେଇଛି। ମନ୍ତ୍ରଣାଳୟ କହିଛି, ଯେହେତୁ ବର୍ତ୍ତମାନ ୟୁପିଆଇ କାରବାର ଉପରେ କୌଣସି ଏମ୍‌ଡ଼ିଆର୍ ଲାଗୁ ହେଉନାହିଁ, ତେଣୁ ଏହି କାରବାର ଉପରେ କୌଣସି ଜିଏସ୍‌ଟି ଲାଗୁ ହେବ ନାହିଁ। ୟୁପିଆଇ କାରବାରରେ ଦ୍ରୁତ ଅଭିବୃଦ୍ଧି ଘଟିଛି, ଯାହା ୨୦୧୯-୨୦ ଆର୍ଥିକ ବର୍ଷରେ ୨୧.୩ ଲକ୍ଷ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୨୫ ମାର୍ଚ୍ଚ ସୁଦ୍ଧା ୨୬୦.୫୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ମନ୍ତ୍ରଣାଳୟ ଏହା ମଧ୍ୟ କହିଛି ଯେ ସରକାର ୟୁପିଆଇ ମାଧ୍ୟମରେ ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରିବାକୁ ପ୍ରତିବଦ୍ଧ। ୟୁପିଆଇ କାରବାର ଦ୍ରୁତ ଗତିରେ ବୃଦ୍ଧି ପାଉଛି, ଯେଉଁଥିପାଇଁ ଭାରତର ୟୁପିଆଇ ଏବେ ବିଶ୍ୱର ଅନେକ ଦେଶରେ ପେମେଣ୍ଟ ପାଇଁ ବ୍ୟବହୃତ ହେଉଛି। ୨୦୧୯-୨୦ ଆର୍ଥିକ ବର୍ଷରେ ଏହା ୨୧.୩ ଲକ୍ଷ କୋଟି ଟଙ୍କା ଥିଲା, ଯାହା ମାର୍ଚ୍ଚ ୨୦୨୫ ସୁଦ୍ଧା ୨୬୦.୫୬ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଲୋକମାନେ ଏବେ ନଗଦ ବଦଳରେ ୟୁପିଆଇ ମାଧ୍ୟମରେ ପେମେଣ୍ଟ କରିବାକୁ ପସନ୍ଦ କରୁଛନ୍ତି।



# ଉତ୍ତରାଖଣ୍ଡରେ ଖାଇକୁ ଖସିଲା କାର : ୫ ମୃତ

**ଚମୋଲୀ,(ହି.ସ):** ଉତ୍ତରାଖଣ୍ଡର ଚମୋଲୀରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଗଭୀର ଖାଇକୁ ଏକ କାର୍ ଖସି ପଡିବାରୁ ୫ ଜଣଙ୍କ ଜୀବନ ଚାଲି ଯାଇଛି। ଖରାପ ପାଗ କାରଣରୁ ଦୁର୍ଘଟଣା ବିଷୟରେ ପୁଲିସ ଓ ପ୍ରଶାସନ ନିକଟରେ ବିଳମ୍ବରେ ଖବର ପହଞ୍ଚିଥିବା ଜଣାପଡିଛି। ପ୍ରବଳ ଝଡ ବର୍ଷା ହେଉଥିବା ସମୟରେ ପୁଲିସ ଓ ଉଦ୍ଧାରକାରୀ ଦଳ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲେ। ଏହି ଦୁର୍ଘଟଣାରେ ମୁଖ୍ୟମନ୍ତ୍ରୀ ଧାମୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ମିଳିଥିବା ସୂଚନାନୁଯାୟୀ, ଏହି ଦୁର୍ଘଟଣା ବିରହୀ-ନିଜମୁଲା ମୋଟର ମାର୍ଗରେ ହୋଇଥିଲା। ଗାଁ ନିକଟରେ କାର୍ଟି ଏକ ଖାଇକୁ ଅନିୟନ୍ତ୍ରିତ ହୋଇ ଖସି ପଡିଥିଲା। ଖବର ପାଇ ଚମୋଲୀ ଥାନା ପୁଲିସ ଓ ଉଦ୍ଧାରକାରୀ ଦଳ ପହଞ୍ଚି ପ୍ରବଳ ବର୍ଷାରେ ଅନେକ ସମସ୍ୟାରେ ଉଦ୍ଧାର କରିଥିଲେ। କାର୍‌ରେ ଯାତ୍ରା କରୁଥିବା ସମସ୍ତ ଯାତ୍ରୀ ନିଜମୁଲା କ୍ଷେତ୍ରରୁ ବିବାହ ଆୟୋଜନରେ ଯୋଗ ଦେଇ ଫେରୁଥିଲେ।

# କାନାଡ଼ାରେ ଭାରତୀୟ ଛାତ୍ରୀଙ୍କୁ ଗୁଳି କରି ହତ୍ୟା

**ନୂଆଦିଲ୍ଲୀ,(ହି.ସ):** କାନାଡ଼ାରେ ଜଣେ ଭାରତୀୟ ଛାତ୍ରୀଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଛାତ୍ରୀ ଜଣକ ହାମିଲଟନସ୍ଥିତ ଏକ ବସ୍ ଷ୍ଟପରେ ଛିଡ଼ା ହୋଇଥିବା ବେଳେ ଗୋଟିଏ ପଥଭ୍ରଷ୍ଟ ଗୁଳି ତାଙ୍କ ଶରୀରରେ ବାଜିଥିଲା। ଯାହାଫଳରେ ସେ ସେହିଠାରେ ଟଳି ପଡ଼ିଥିଲେ। ହତ୍ୟାର ଶିକାର ଛାତ୍ରୀଙ୍କ ନାମ ହରସିମରତ ରନ୍ଧୱା। ତାଙ୍କ ବୟସ ୨୧ ବର୍ଷୟ ସେ ମୋହାକ କଲେଜରେ ଅଧ୍ୟୟନ କରୁଥିଲେ। ସୂଚନା ଅନୁସାରେ, ବୁଧବାର ସନ୍ଧ୍ୟା (ସ୍ଥାନୀୟ ସମୟ)ରେ ହରସିମରତ ବସକୁ ଅପେକ୍ଷା କରି ଛିଡ଼ା ହୋଇଥିଲେ। ଏହି ସମୟରେ ନିକଟରେ ଦୁଇଟି ଗାଡ଼ି ଚାଳକଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଫଳରେ ସେମାନେ ପରସ୍ପରଙ୍କୁ ଗୁଳିମାଡ଼ କରିଥିଲେ। ଗୋଟିଏ ଗୁଳି ପଥଭ୍ରଷ୍ଟ ହୋଇ ହରସିମରତଙ୍କ ଶରୀରରେ ବାଜିଥିଲା। ତାଙ୍କୁ ତୁରନ୍ତ ସ୍ଥାନୀୟ ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ୟୁକ୍ରେନ ଯୁଦ୍ଧ ବିରତିକୁ ନେଇ ଅନିଶ୍ଚିତତା, ବୁଝାମଣାରୁ ଓହରିଯିବ ଆମେରିକା !

**ନୂଆଦିଲ୍ଲୀ,(ହି.ସ):** ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେବାର କିଛି ଦିନ ପରେ ୟୁକ୍ରେନ ଯୁଦ୍ଧ ବନ୍ଦ କରିବା ଲାଗି ଉଦ୍ୟମ ଆରମ୍ଭ କରିଥିଲେ। ଆମେରିକୀୟ ପ୍ରତିନିଧିଙ୍କ ଉପସ୍ଥିତିରେ ରୁଷ ଏବଂ ୟୁକ୍ରେନ ପ୍ରତିନିଧି ଆଲୋଚନା କରି ନିର୍ଣ୍ଣାୟକ ନିଷ୍ପତ୍ତି ନେବା ଲାଗି ଆମେରିକା ଉଦ୍ୟମ କରିଥିଲା। କିନ୍ତୁ ଏବେ ସୁଦ୍ଧା ଯୁଦ୍ଧ ବିରତିକୁ ନେଇ କୌଣସି ନିଷ୍ପତ୍ତି ହୋଇପାରି ନାହିଁ। ଗୋଟିଏ ପଟେ ରୁଷ ରାଷ୍ଟ୍ରପତି ପୁଟିନ ଯୁଦ୍ଧ ବନ୍ଦ ପାଇଁ ସର୍ତ୍ତ ରଖିଥିଲା ବେଳେ ଅନ୍ୟପଟେ ୟୁକ୍ରେନ ରାଷ୍ଟ୍ରପତି ଜେଲେସ୍କି ମଧ୍ୟ ସମାନ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଯାହାକୁ ନେଇ ଯୁଦ୍ଧ ବିରତି ବୁଝାମଣା ଟଳିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଆମେରିକା ଯୁଦ୍ଧ ବନ୍ଦ ବୁଝାମଣାରୁ ଓହରିଯିବାକୁ ଚେତବାନୀ ଦେଇଛି। ଏହି ଯୁଦ୍ଧ ଆମର ନୁହେଁ, ୟୁକ୍ରେନ ଏବଂ ରୁଷିଆର। କିନ୍ତୁ ଉଭୟ ପକ୍ଷ



ବୁଝାମଣାକୁ ନେଇ ସମୟ ଟାଳିବାରେ ଲାଗିଛନ୍ତି। କିନ୍ତୁ କିଛି ଦିନ ଭିତରେ ଯଦି ଯୁଦ୍ଧ ବନ୍ଦ ବୁଝାମଣାକୁ ନେଇ ସ୍ପଷ୍ଟ ସଙ୍କେତ ନ ମିଳେ ତେବେ ଆମେରିକା ନିଜ ଉଦ୍ୟମରୁ ଓହରିଯିବାକୁ ବାଧ୍ୟ ହେବ ବୋଲି ଆମେରିକା ବୈଦେଶିକ ସଚିବ ମାର୍କୋ ରୁବିଓ କହିଛନ୍ତି। ପ୍ୟାରିସ୍ ଠାରେ ୟୁରୋପୀୟ ସଂଘ ଏବଂ ୟୁକ୍ରେନ ନେତାଙ୍କ ଏକ ବୈଠକରେ ଯୋଗ ଦେଇ ରୁବିଓ କହିଛନ୍ତି ଯେ, ଯୁଦ୍ଧ ବିରତି ପାଇଁ ଆମେରିକା ସବୁ ଦିଗରୁ ଉଦ୍ୟମ କରିଆସିଛି। ରାଷ୍ଟ୍ରପତି ଟ୍ରମ୍ପ ଯୁଦ୍ଧ ବନ୍ଦ ବୁଝାମଣା ପାଇଁ ଅତ୍ୟନ୍ତ ସମର୍ପିତ ଭାବେ କାର୍ଯ୍ୟ କରିଛନ୍ତି। କିନ୍ତୁ ଏଥିପାଇଁ ଯେଉଁ କିଛି ଅଂଶୀଦାରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ସେମାନେ ଏହାକୁ ଗୁରୁତ୍ୱ ଦେଉ ନାହାନ୍ତି। ଯାହାକି ଟ୍ରମ୍ପଙ୍କୁ ନିରାଶ କରିଛି। ତେଣୁ ଆମେ ଆଉ ବେଶୀ ଦିନ ଅପେକ୍ଷା କରିପାରିବୁନି। ଯଦି ଆଗାମୀ କିଛି ଦିନ ମଧ୍ୟ ଯୁଦ୍ଧ ବିରତି ପାଇଁ ସଙ୍କେତ ନ ମିଳେ ତେବେ ଆମେରିକା ଏହି ଉଦ୍ୟମରୁ ଓହରି ଯିବ ବୋଲି ରୁବିଓ କହିଛନ୍ତି। ଅନ୍ୟପଟେ ଆମେରିକା ୟୁକ୍ରେନକୁ ଦେଇଥିବା ଅର୍ଥ ସହାୟତା ପରିପ୍ରେକ୍ଷୀରେ ୟୁକ୍ରେନରୁ ଖଣିଜ ସମ୍ପଦ ଆମଦାନୀ କରିବା ନେଇ ଆସନ୍ତା ସପ୍ତାହରେ କିଭଳି ବୁଝାମଣା ଚୂଡ଼ାନ୍ତ କରିବ ବୋଲି ସେ କହିଛନ୍ତି। ଗୋଟିଏ ପକ୍ଷରେ ରୁଷ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ବିରତିକୁ ନେଇ ଆଲୋଚନା ଚାଲିଛି। ଅନ୍ୟପଟେ ଉଭୟ ରାଷ୍ଟ୍ର ପରସ୍ପର ଉପରେ ଆକ୍ରମଣ ବନ୍ଦ କରିନାହାନ୍ତି। ଇତିମଧ୍ୟରେ ଆମେରିକା ମଧ୍ୟସ୍ଥତାରେ ପ୍ରାଥମିକ ବୁଝାମଣା ଅନୁସାରେ ରୁଷିଆ ୟୁକ୍ରେନର କୌଣସି ଶକ୍ତି କେନ୍ଦ୍ର ଉପରେ ଆକ୍ରମଣ ନ କରିବାକୁ ଦେଇଥିବା ୩୦ ଦିନିଆ ପ୍ରତିଶ୍ରୁତି ଅବଧି ଶେଷ ହୋଇଛି। ତେଣୁ ରୁଷିଆ ୟୁକ୍ରେନର ପ୍ରମୁଖ ଶକ୍ତି କେନ୍ଦ୍ର ଉପରେ କୌଣସି ମୁହୂର୍ତ୍ତରେ ଆକ୍ରମଣ କରିପାରେ ବୋଲି ଆଶଙ୍କା କରାଯାଉଛି।

# ୨୦୨୫-୨୬ ଶିକ୍ଷା ବର୍ଷର ପ୍ରଥମ ଅଭିଭାବକ ଶିକ୍ଷକ ବୈଠକ ସାରା ରାଜ୍ୟରେ ଅନୁଷ୍ଠିତ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଚଳିତ ଶିକ୍ଷାବର୍ଷ ୨୦୨୫-୨୬ର ପ୍ରଥମ ଅଭିଭାବକ, ଶିକ୍ଷକ/ ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା / ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ସାରା ରାଜ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଦ୍ୟାଳୟ ଶିକ୍ଷା ଏବଂ ଛାତ୍ରଛାତ୍ରୀମାନଙ୍କର ଗୁଣାତ୍ମକ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଶିଶୁ ବାଟିକାରୁ ଦଶମ ଶ୍ରେଣୀ ଯାଏଁ ଶିକ୍ଷାର୍ଥୀଙ୍କ ଅଭିଭାବକ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କର ସମାପ୍ତି ସୂଚକ ଆକଳନ-୨ର ଉପଲବ୍ଧିକୁ ଅଭିଭାବକଙ୍କ ନିକଟରେ ଉପସ୍ଥାପନ କରାଯାଇଛି। ଶୈକ୍ଷିକ କ୍ୟାଲେଣ୍ଡର, ମାଗଣାରେ ପାଠ୍ୟପୁସ୍ତକ ଯୋଗାଣ, ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା, ଅଧାରୁ ପାଠ ଛାଡୁଥିବା, ନାମ ଲେଖାଇ ନଥିବା, ବିଦ୍ୟାଳୟ ବାହାରେ ଥିବା ପିଲାଙ୍କ ସର୍ବେକ୍ଷଣ ଓ ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ଅଭିଯାନ, ପିଲାଙ୍କ ଶିକ୍ଷଣ ଅଭିବୃଦ୍ଧି ନିମନ୍ତେ ଗ୍ରୀଷ୍ମ ଅବକାଶରେ ଗୃହକାର୍ଯ୍ୟ, ଅଂଶୁଘାତ ପ୍ରତି ସାବଧାନତା ଆଦି ବିଷୟରେ ବୈଠକରେ ଆଲୋଚନା କରାଯାଇଛି। ଏଠାରେ ପ୍ରକାଶ ଥାଉକି, ଅଭିଭାବକ ଶିକ୍ଷକ-ସମ୍ମିଳନୀ ରାଜ୍ୟବ୍ୟାପୀ ଗୋଟିଏ ଦିନରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀ ତଥା ବିଦ୍ୟାଳୟର ଉନ୍ନତିକରଣ ପ୍ରକ୍ରିୟାରେ ଗୋଷ୍ଠୀ ଓ ଅଭିଭାବକମାନେ ସମ୍ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ମତବ୍ୟକ୍ତ କରିଥିଲେ। ରାଜ୍ୟସରକାରଙ୍କ ତରଫରୁ ଆୟୋଜିତ ଏହି ସମ୍ମିଳନୀରେ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଅଭିଭାବକମାନେ ପ୍ରଶଂସା କରିଥିଲେ। ଉକ୍ତ ସମ୍ମିଳନୀକୁ ଶିକ୍ଷାବିଭାଗର ବିଭିନ୍ନ ଅଧିକାରୀମାନେ ଯୋଗଦାନ କରି ଏହାର ତଦାରଖ ଓ ପରିଦର୍ଶନ କରିଥିଲେ। ଅଭିଭାବକମାନଙ୍କୁ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଇବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଲକ୍ଷ୍ୟ। ଏହି ଲକ୍ଷ୍ୟକୁ ପୂରଣ କରିବା ପାଇଁ ଅଭିଭାବକ ଶିକ୍ଷକ / ଶିକ୍ଷୟିତ୍ରୀ ବୈଠକ ଓ ବିଦ୍ୟାଳୟ ପରିଚାଳନା କମିଟି / ବିଦ୍ୟାଳୟ ପରିଚାଳନା ଉନ୍ନୟନ କମିଟି ବୈଠକ କରାଯାଉଛି। ଏହି ବୈଠକ ଦ୍ୱାରା ଅଭିଭାବକମାନେ ସିଧାସଳଖ ବିଦ୍ୟାଳୟ ସହିତ ସମ୍ପୃକ୍ତ ହୋଇ ବିଦ୍ୟାଳୟର ବହୁବିଧ ବିକାଶ ପାଇଁ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ପାଇଥାନ୍ତି । ସୂଚନା ଥାଉକି, ଚଳିତ ଶିକ୍ଷା ବର୍ଷରେ ୪ ଗୋଟି ଅଭିଭାବକ ଶିକ୍ଷକ / ଶିକ୍ଷୟିତ୍ରୀ ବୈଠକ ଆୟୋଜନ କରାଯିବା ପାଇଁ ସ୍ଥିରୀକୃତ କରାଯାଇଛି।

# ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତିଙ୍କ ଅକାଳ ବିୟୋଗ



**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଓଡ଼ିଶା ସାମ୍ବାଦିକ ଜଗତରେ ସୁପରିଚିତ, ନିଷ୍ଠାବାନ ବ୍ୟକ୍ତିତ୍ୱ ଓ ସଚ୍ଚୋଟ ସାମ୍ବାଦିକ ରତିକାନ୍ତ ମହାନ୍ତି ଆଉ ଇହଜଗତରେ ନାହାଁନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ମହାନ୍ତି ଗତ କିଛିବର୍ଷ ଧରି କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ତେବେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଗତ ଦୁଇଦିନ ତଳେ ତାଙ୍କୁ ରାଜଧାନୀର ଏକ ଘରୋଇ ହସ୍ପିଟାଲରେ ଭର୍ତି କରାଯାଇଥିଲା। ଶନିବାର ପ୍ରତ୍ୟୁଷରେ ତାଙ୍କର ପରଲୋକ ଘଟିଛି। ସ୍ୱର୍ଗତ ମହାନ୍ତି ଦୀର୍ଘବର୍ଷ ଧରି ବିଭିନ୍ନ ସମ୍ବାଦପତ୍ର ଓ ଗଣମାଧ୍ୟମ ସଂସ୍ଥା ସହ ସକ୍ରିୟ ଭାବେ ଜଡ଼ିତ ରହିଥିଲେ ଏବଂ ଜଣେ ସମର୍ପିତ ଓ ନିଚ୍ଛକ ସାମ୍ବାଦିକ ଭାବେ ତାଙ୍କର ଲୋକପ୍ରିୟତା ସବୁ ମହଲରେ ରହିଥିଲା। ଦୈନିକ ସମ୍ବାଦପତ୍ର 'ଦିନଲିପି'ରୁ ସାମ୍ବାଦିକତା ଜୀବନ ଆରମ୍ଭ କରିଥିବା ସ୍ୱର୍ଗତ ମହାନ୍ତି ବିଭିନ୍ନ ସମୟରେ ନ୍ୟୁଜ୍ ଅଫ୍ ଦି ୱାଲର୍ଡ୍, ଏଜିଆନ ଏଜ୍, ପର୍ଯ୍ୟବେକ୍ଷକ ସମ୍ବାଦପତ୍ର ସହିତ ହିନ୍ଦୁସ୍ତାନ ସମାଚାର ଭଳି ସମ୍ବାଦ ସରବରାହ ସଂସ୍ଥାରେ ମଧ୍ୟ ସାମ୍ବାଦିକ ଭାବେ ଓତପ୍ରୋତଃ ଭାବେ ଜଡ଼ିତ ଥିଲେ। ନବେ ଦଶକରେ ସ୍ୱର୍ଗତ ମହାନ୍ତି ପାଇଥିବା ସରକାରୀ ବାସଗୃହକୁ ସେ ସ୍ୱେଚ୍ଛାକୃତ ଭାବେ ସରକାରଙ୍କୁ ଫେରାଇ ଦେଇଥିଲେ ଯେଉଁଥିପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ତାଙ୍କୁ ଜଣେ ଆଦର୍ଶସ୍ଥାନୀୟ ସାମ୍ବାଦିକ ଭାବେ ବର୍ଣ୍ଣନା କରିଥିଲେ। ସ୍ୱର୍ଗତ ମହାନ୍ତିଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ୟୁନିଟ୍-୩ସ୍ଥିତ ଖାରବେଳ ନଗର ବାସଭବନରେ ରାଜଧାନୀର ସାମ୍ବାଦିକମାନେ ପହଞ୍ଚିଥିଲେ। ମର ଶରୀର ହସ୍ପିଟାଲରୁ ଅଣାଯିବା ପରେ ତାଙ୍କ ବାସଭବନରେ ଶେଷ ଦର୍ଶନ ପାଇଁ ରଖାଯାଇଥିଲା। ସେଠାରେ ସାମ୍ବାଦିକମାନଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତା ଓ ବିଧାୟକମାନେ ମର ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା, ବାବୁ ସିଂ, ସୁଶାନ୍ତ ରାଉତ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ଦେବୀ ପ୍ରସାଦ ମିଶ୍ର, ଅଶୋକ ଚନ୍ଦ୍ର ପଣ୍ଡା, ସଞ୍ଜୟ ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ଡଃ ଅରୁଣ କୁମାର ସାହୁ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ମୁଖପାତ୍ର ଗୋଲକ ମହାପାତ୍ର, ଯତୀନ୍ଦ୍ର ମହାନ୍ତି, ସୁରଥ ବିଶ୍ୱାଳ, ସୁଦୀପ୍ତ ରାୟ, ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, କମ୍ୟୁନିଷ୍ଟ ନେତା ସୁରେଶ ପାଣିଗ୍ରାହୀ, ମହେନ୍ଦ୍ର ପରିଡ଼ା, ଉମାକାନ୍ତ ପଟ୍ଟନାୟକ, ଦିନଲିପିର ପରିଚାଳନା କର୍ତ୍ତୃପକ୍ଷ ଅମରେନ୍ଦ୍ର ଦାସ, ସ୍ଥାନୀୟ କର୍ପୋରେଟର ରଞ୍ଜୁଲତା ରାୟଙ୍କ ସମେତ ବିଭିନ୍ନ ଦଳର ନେତା ଓ କର୍ମୀ ସାମିଲ୍ ହୋଇ ଶେଷ ଦର୍ଶନ କରିଥିଲେ। ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ ଦାସ, ଓ ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ ଦାସ ଏବଂ ଭୁବନେଶ୍ୱର ଜିଲ୍ଲା ସୂଚନା ଅଧିକାରୀ ଜିତେନ୍ଦ୍ରୀୟ ଜେନା, ସ୍ୱର୍ଗତ ମହାନ୍ତିଙ୍କ ମର ଶରୀରରେ ପୁଷ୍ପଗୁଚ୍ଛ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନୁରୂପ ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଦିଲ୍ଲୀପ ବିଶୋୟୀ, ପ୍ରଭୁ କଲ୍ୟାଣ ମହାପାତ୍ର, ସନ୍ଦୀପ ମିଶ୍ର, ଦେବୀ ପଟ୍ଟନାୟକ, କେ. ରବି, ବୀରୁପାକ୍ଷ ତ୍ରିପାଠୀ, ସଞ୍ଜୟ ଦାସ, ସର୍ବେଶ୍ୱର ବର୍ଦ୍ଧନ, ଗୁରୁ କଲ୍ୟାଣ ମହାପାତ୍ର, ମହେଶ୍ୱର ରଥ, ବିପିନ ସିଂ, ପୁଲକ ଜେନା, ମାଧବାନନ୍ଦ ବେହୁରା, ଅଶୋକ ଦାସ, ଧୀରେନ୍ଦ୍ର ମିଶ୍ର, ବିବେକାନନ୍ଦ ଜେନା, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଶୁଭାଶିଷ ମହାନ୍ତ, ପବିତ୍ର ସେନାପତି, ଦେବକାନ୍ତ ମହାପାତ୍ର, ସିରାଜ ଅହମ୍ମଦ, ଉମେଶ ରାୟ, ଗିରିଜା ଦାଶ, ଜ୍ଞାନରଞ୍ଜନ ଦାସ, ସମନ୍ୱୟ ନନ୍ଦ, ଶିବାନନ୍ଦ ଦାସ, ଚିଦାନନ୍ଦ ଜେନା, ଲଳିତ ପଟ୍ଟନାୟକ, ଦୀପକ କର, ଦୁର୍ଗା ସାମନ୍ତରାୟ ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ମହାନ୍ତିଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କର ଦୁଇକନ୍ୟା ପୂଜା, ବନ୍ଦନା, ପରିବାର ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ।

# ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ୟୁନାଇଟେଡ କିଙ୍ଗଡମର ସମ୍ମାନଜନକ ସ୍ୟାଣ୍ଡ ମାଷ୍ଟର ଆୱାର୍ଡରେ ସମ୍ମାନିତ ହୋଇଥିବାରୁ ଶନିବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସୂଚନାଯୋଗ୍ୟ ଯେ, ସଂଯୁକ୍ତ ରାଷ୍ଟ୍ରର ଡୋରସେଟ୍ ଅଞ୍ଚଳର ୱେମାଉଥ ଠାରେ ଆୟୋଜିତ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବରେ ଶ୍ରୀ ପଟ୍ଟନାୟକ ପ୍ରଥମ ଭାରତୀୟ ଭାବେ ଏହି ସମ୍ମାନ ପାଇଛନ୍ତି। ଶ୍ରୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ପଦକ, ସାର୍ଟିଫିକେଟ୍ ଓ ବାଲୁକା କଳାର ଫଟୋଚିତ୍ର ଦେଖାଇଥିଲେ। ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରି ତାଙ୍କୁ ଓଡ଼ିଶାର ଆସେଟ୍ ବୋଲି କହିଥିଲେ ଏବଂ ଆଗାମୀ ଦିନରେ ଓଡ଼ିଶା ଓ ଦେଶ ପାଇଁ ଆହୁରି ଗୌରବ ଆଣିବେ ବୋଲି ଆଶା ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସଫଳତା ପାଇଁ ଶ୍ରୀ ପଟ୍ଟନାୟକଙ୍କୁ ପୂର୍ବରୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି।

# ସ୍ୱଚ୍ଛ, ନିରପେକ୍ଷ, ନିର୍ଭୀକ ଓ ନିଷ୍ପାର ସହିତ ସାମ୍ବାଦିକତା କରି ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ ରତି ଭାଇ : ମନମୋହନ ସାମଲ



**ଭୁବନେଶ୍ୱର,(ଡିକେ ନ୍ୟୁଜ):** ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତିଙ୍କ ଆଜି ପରଲୋକ ଘଟିଛି। ସ୍ୱର୍ଗତଃ ମହାନ୍ତି ବିଭିନ୍ନ ଆଞ୍ଚଳିକ ଓ ଜାତୀୟ ଗଣମାଧ୍ୟମର ପ୍ରତିନିଧି ଭାବେ କାର୍ଯ୍ୟ କରିଥିଲେ। ଦୀର୍ଘ ୪ ଦଶନ୍ଧି ଧରି ସ୍ୱଚ୍ଛ, ନିରପେକ୍ଷ, ନିର୍ଭୀକ ଓ ନିଷ୍ପାର ସହିତ ସାମ୍ବାଦିକତା କରି ଶ୍ରୀ ମହାନ୍ତି ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ। ତାଙ୍କ ବିୟୋଗରେ ରାଜ୍ୟ ସଭାପତି ମନମୋହନ ସାମଲ ଗଭୀର ଶୋକବ୍ୟକ୍ତ କରି ସାମ୍ବାଦିକତା କ୍ଷେତ୍ରରେ ତାଙ୍କ ଅବଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି କହିଛନ୍ତି। ରାଜ୍ୟ ସଭାପତି ଶ୍ରୀ ସାମଲ ଆଜି ସ୍ୱର୍ଗତଃ ମହାନ୍ତିଙ୍କ ବାସଭବନକୁ ଯାଇ ପାର୍ଥୀବ ଶରୀର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଏହି ଅବସରରେ ଏକାମ୍ର ବିଧାୟକ ବାବୁ ସିଂ, ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ରାଜ୍ୟ ସାଧାରଣ ସଂପାଦକ ଡ.ଯତୀନ ମହାନ୍ତି, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ଅନିଲ ବିଶ୍ୱାଳ, ବରିଷ୍ଠ ନେତା ସୁରଥ ବିଶ୍ୱାଳ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ କୁମାର ଦାସ, ସାମାଜିକ ଗଣମାଧ୍ୟମ ରାଜ୍ୟ ସଂଯୋଜକ ଉମାକାନ୍ତ ପଟ୍ଟନାୟକଙ୍କ ସମେତ ପ୍ରମୁଖ ପାର୍ଥୀବ ଶରୀରର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି । ସ୍ୱର୍ଗତ ମହାନ୍ତିଙ୍କ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଏଭଳି ଦୁଖଦଃ ସମୟରେ ଶୋକସନ୍ତପ୍ତ ପରିବାରବର୍ଗ ଏବଂ ବନ୍ଧୁଜନଙ୍କୁ ଅସୀମ ଧୈର୍ଯ୍ୟ ପ୍ରଦାନ କରିବା ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ରାଜ୍ୟ ସଭାପତି ଶ୍ରୀ ସାମଲ ପ୍ରାର୍ଥନା କରିଛନ୍ତି।

# ବଲାଙ୍ଗିର ବରକାନିରେ ଓଭୋ ଫାର୍ମ୍ ଅଣ୍ଡା ପ୍ରକ୍ରିୟାକରଣ କାରଖାନାର ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ବଲାଙ୍ଗିରର ବରକାନି ଠାରେ 'ଓଭୋ ଫାର୍ମ୍ ଅଣ୍ଡା ପ୍ରକ୍ରିୟାକରଣ କାରଖାନା'ର ଶୁଭାରମ୍ଭ କରିବା ସହ ପରିଦର୍ଶନ କରିଛନ୍ତି । ଆକାଂକ୍ଷା ଜିଲ୍ଲାରେ ଏହି ପ୍ଲାଣ୍ଟର ସ୍ଥାପନା ଆତ୍ମବିଶ୍ୱାସ ଓ ଦୃଢ କଳ୍ପନାର ପ୍ରତିଫଳନ ତଥା ବଲାଙ୍ଗୀର ସମେତ ରାଜ୍ୟ ପାଇଁ ଏକ ଉଦାହରଣ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଆଜିର ପଦକ୍ଷେପ ଦ୍ୱାରା କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ବଲାଙ୍ଗିର ଆଉ ଗୋଟିଏ ପାଦ ଆଗକୁ ବଢ଼ିଲା । ବଡ କାମ କରିବା ପାଇଁ ହେଲେ ବଡ ଭାବିବାକୁ ପଡେ । ବଲାଙ୍ଗିର ଭଳି ଆକାଂକ୍ଷୀ ଜିଲ୍ଲାରେ ଏଭଳି ବିଶ୍ୱମାନର ପ୍ଲାଣ୍ଟର କଳ୍ପନାକୁ ପ୍ରଶଂସା କରି ସେ କହିଛନ୍ତି ବଲାଙ୍ଗୀର ଭଳି ଅଞ୍ଚଳରୁ ସ୍ଥାପନା ହୋଇଥିବା ଏହି ପ୍ଲାଣ୍ଟର ଏକ ଗ୍ଲୋବାଲ ମାର୍କେଟ୍ ଅଛି । ଏଠାରେ ଉତ୍ପାଦିତ ହେଉଥିବା ଏଗ୍ ପାଉଡର ବିଶ୍ୱବଜାରକୁ ଯିବ । ଏହି ପ୍ଲାଣ୍ଟ୍ ଦ୍ୱାରା ସ୍ଥାନୀୟ ଅର୍ଥନୀତିକୁ ବଳ ମିଳିବ। ସ୍ଥାନୀୟ ଯୁବାଙ୍କୁ ନିଯୁକ୍ତିର ସୁଯୋଗ ମଧ୍ୟ ମିଳିବ । ସବୁଠାରୁ ବଡ଼ କଥା ହେଲା, ବଲାଙ୍ଗୀରର ଆକାଂକ୍ଷୀ ଯୁବବର୍ଗଙ୍କୁ ଏଣ୍ଟ୍ରପ୍ରିନ୍ୟୁଅର ହେବା ପାଇଁ ଏହି ଶିଳ୍ପ ଉତ୍ସାହିତ କରିବ । ସ୍ଥାନୀୟ ଅର୍ଥନୀତିକୁ ମଜଭୂତ୍ କରିବା ପାଇଁ ଉଦ୍ୟମ କରିଥିବାରୁ ଓଭୋ ଫାର୍ମ ପ୍ରାଇଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ସୌମେନ୍ଦ୍ର ମିଶ୍ର ଏବଂ ସହଯୋଗୀ ସମରେନ୍ଦ୍ର ମିଶ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ନିଜ ଅଞ୍ଚଳ ପ୍ରତି ଆସକ୍ତି, ମମତା ଥିବା କାରଣରୁ ସେ ଏହି କାରଖାନାକୁ ସାକାର ରୂପ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଯେ ସାମ୍ପ୍ରତିକ ସମୟରେ କୃଷି ଉଦ୍ୟୋଗ କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର ଫଳରେ ଉତ୍ପାଦନ ପ୍ରକ୍ରିୟା ସମ୍ପ୍ରସାରଣ ହୋଇପାରୁଛି। ଏହିଭଳି ଭାବରେ ଲୋକାର୍ପିତ 'ଏଗ୍ ପ୍ରୋସେସିଂ ପ୍ଲାଣ୍ଟ୍' ଏକ ପ୍ରଶଂସନୀୟ ପଦକ୍ଷେପ। ଏହି କାରଖାନାରେ ଉତ୍ପାଦନ ହେଉଥିବା ଅଣ୍ଡା ଓ ବିଭିନ୍ନ ଉତ୍ପାଦର ଗୁଣବତ୍ତା ଉଚ୍ଚମାନର । ବଲାଙ୍ଗିର ଯୁବକମାନେ ବାହାର ରାଜ୍ୟକୁ ରୋଜଗାର ପାଇବା ଆଶାରେ ଯାଉଥିଲେ । ତେବେ ଆଜିର ଏହି ଓଭୋ ଫାର୍ମ ବଲାଙ୍ଗିରରେ ରୋଜଗାର ଏବଂ ବିକାଶର ମୂଳଦୁଆ ପକେଇଲା । ଏହି କାରଖାନା ରାଜ୍ୟର ଯୁବ ଉଦ୍ୟୋଗୀ ତଥା ଭାରତବର୍ଷର ଦୁର୍ଗମ ଅଞ୍ଚଳର ଯୁବଗୋଷ୍ଠୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢାଇବା ସହ ଅନୁପ୍ରାଣିତ କରିବ। ବଲାଙ୍ଗିର ଜିଲ୍ଲାରେ ଶିଳ୍ପ ପାଇଁ ବାତାବରଣ ସୃଷ୍ଟି କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଥିଲେ। ଚଳିତଥର ଫିଫାର ମ୍ୟାଚରେ ଓଭୋ ଫାର୍ମ ଅଣ୍ଡାର ବ୍ୟବହାର ହେବା ପ୍ରଶଂସନୀୟ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ଜେଇଇ ମେନରେ କିସର ୧୨ ଛାତ୍ରଛାତ୍ରୀ କୃତକାର୍ଯ୍ୟ



**ଭୁବନେଶ୍ୱର,(ଡିକେ ନ୍ୟୁଜ):** ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନଟିଏ) ପକ୍ଷରୁ ଆଜି ଯୁଗ୍ମ ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଏଥିରେ କିସର ୧୨ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୭ଜଣ ଛାତ୍ରୀ ଥିବା ବେଳେ ୫ଜଣ ଛାତ୍ର ରହିଛନ୍ତି। ଏମାନେ ଜେଇଇ ଆଡଭାନସ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩ଜଣ ଝାଡ଼ଖଣ୍ଡରୁ ଆସି କିସ୍‌ରେ ପାଠ ପଢ଼ି ଜେଇଇରେ ସଫଳତା ହାସଲ କରିପାରିଛନ୍ତି। ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସଫଳ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହା ସହ ଶ୍ରୀ ସାମନ୍ତ କହିଛନ୍ତି ପ୍ରତିବର୍ଷ କିସର ଛାତ୍ରଛାତ୍ରୀମାନେ ଜେଇଇ ପରୀକ୍ଷାରେ ସଫଳତା ହାସଲ କରିଆସୁଛନ୍ତି। କେବଳ ଜେଇଇ ନୁହେଁ ଆଞ୍ଚଳିକ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ହେଉଥିବା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ କିସ୍ ଛାତ୍ରଛାତ୍ରୀମାନେ ସଫଳତା ଲାଭ କରିଆସୁଛନ୍ତି। ସେମାନଙ୍କୁ ଉପଯୁକ୍ତ ଯତ୍ନ ନିଆଯିବା ସହ ଗୁଣାତ୍ମକ ଶୈକ୍ଷିକ ପରିବେଶ ସୃଷ୍ଟି କରାଯାଉଥିବାରୁ ସେମାନେ ଏଭଳି ସଫଳତା ହାସଲ କରିପାରୁଛନ୍ତି। ଏଥିପାଇଁ ଶ୍ରୀ ସାମନ୍ତ କିସର ସମସ୍ତ ଅଧ୍ୟାପକ ଅଧ୍ୟାପିକା ତଥା କର୍ମଚାରୀଙ୍କୁ ସେମାନଙ୍କ ପରିଶ୍ରମ ପାଇଁ ଧନ୍ୟବାଦ ଜଣାଇଛନ୍ତି।

# ଅରାଷ୍ଟ୍ରୀୟ ତତ୍ତ୍ୱର ମିଛ ପ୍ରଚାରକୁ ଧରାଶାୟୀ କରି ସତ୍ୟର ଧ୍ୱଜା ସ୍ଥାପନ କରିବ ପ୍ରଜ୍ଞାପ୍ରବାହ




**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଅଭାରତୀୟତାର ଦୁଷ୍ପ୍ରଭାବ ବେଶ୍ ପ୍ରଭାବିତ କରିଛି ଆମ ଭାରତୀୟ ବିଚାରକୁ। ଆମର ଭବିଷ୍ୟତ ପୀଢି ଏବେ ଆକ୍ରାନ୍ତ ଏହି ଅରାଷ୍ଟ୍ରୀୟ ତତ୍ତ୍ୱଙ୍କ ଅପପ୍ରଚାର ଦ୍ୱାରା ସମୟ ଅତିକ୍ରାନ୍ତ। ଏବେ ଆମକୁ ସଜାଗ ହେବାକୁ ପଡ଼ିବ। ମିଛର ପାହାଡକୁ ଧରାଶାୟୀ କରି ସତ୍ୟର ଧ୍ୱଜା ସ୍ଥାପନ କରିବାକୁ ପଡ଼ିବ। ମିଛ ବିମର୍ଶକୁ ପରାଜିତ କରିବାକୁ ପ୍ରତିରୋଧ ବିମର୍ଶ ସୃଷ୍ଟି କରିବାକୁ ପଡ଼ିବ। ଶୁକ୍ରବାର ଭୁବନେଶ୍ୱରରେ ପ୍ରଜ୍ଞାପ୍ରବାହର ଓଡ଼ିଶା ଚାପଟର ଜଗତ ପ୍ରଜ୍ଞା ପକ୍ଷରୁ ଆୟୋଜିତ ପ୍ରଜ୍ଞାମନ୍ଥନ ସମ୍ମିଳନୀରେ ଏହି ବାର୍ତ୍ତା ଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟର ବରିଷ୍ଠ ଅଧିବକ୍ତା ତଥା ପ୍ରଜ୍ଞାପ୍ରବାହର ଅଖିଳ ଭାରତୀୟ ମହିଳା ଆୟାମ ପ୍ରମୁଖ ମୋନିକା ଅରୋରା। ପ୍ରଜ୍ଞାପ୍ରବାହ ପକ୍ଷରୁ ଭୁବନେଶ୍ୱର ପୁରୀ ରାସ୍ତାର ଗୁଡିଆପୋଖରୀ ଠାରେ ଆୟୋଜିତ ଦୁଇଦିନିଆ ପ୍ରଜ୍ଞାମନ୍ଥନ କର୍ମଶାଳା ଆଜି ଚରୋଟି ଅଧିବେଶନରେ ସମାପନ ହୋଇଥିଲା। ଜଗତ ପ୍ରଜ୍ଞାର ସଭାପତି ଦୁର୍ଯ୍ୟୋଧନ କାଠୁଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀକୁ ପ୍ରଜ୍ଞାପ୍ରବାହର ପ୍ରାନ୍ତ ସଂଯୋଜକ ରବିନାରାୟଣ ପଣ୍ଡା ପରିଚାଳନା କରିଥିଲେ। ଉଦଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କର୍ମଶାଳାର ଉଦ୍‌ଘାଟନ କରିବା ସହ ଦୀର୍ଘବର୍ଷ ଧରି ଆମ ଇତିହାସକୁ କିପରି କଳଙ୍କିତ ତଥା ଭ୍ରମାତ୍ମକ କରି ରଖାଯାଇଥିଲା ତାହା ଉପରେ ଆଲୋକପାତ କରିଥିଲେ। ସମୟ ଆସିଛି ଆମ ସରକାର ଓ ସାଧାରଣ ଜନତା ନିଜ ନିଜସ୍ତରରେ ସେହି ମିଛରୁ ପର୍ଦ୍ଦା ହଟାଇ ସତ୍ୟର ଉଦ୍‌ଘାଟନ କରିବା। ସେଥିପାଇଁ ସବୁସ୍ତରରୁ ଉଦ୍ୟମ ଦରକାର ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ। ଶୁକ୍ରବାର ସନ୍ଧ୍ୟାରେ ପ୍ରାରମ୍ଭିକ ଅଧିବେଶନରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରାନ୍ତ ସଂଘଚାଳକ ସମୀର କୁମାର ମହାନ୍ତି ଯୋଗଦେଇ କର୍ମଶାଳାରେ ଯୋଗ ଦେବାକୁ ଆସିଥିବା ସଦସ୍ୟମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସଓଘର ପ୍ରାନ୍ତ କାର୍ଯ୍ୟବାହ ଅନୀଲ କୁମାର ମିଶ୍ର ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏହି ଦୁଇଦିନିଆ କର୍ମଶାଳାରେ ବିଭିନ୍ନ ଜିଲ୍ଲାରୁ ପ୍ରାୟ ତିନିଶହ ବୁଦ୍ଧିଜୀବୀ, ସଂଘ ସ୍ୱୟଂସେବକ, ବିବିଧ କ୍ଷେତ୍ରର କାର୍ଯ୍ୟକର୍ତ୍ତା ଯୋଗଦେଇ ଥିଲେ। ପ୍ରଜ୍ଞାପ୍ରବାହ ତଥା ଏହାର ଓଡ଼ିଶା ଚାପଟର ଜଗତ ପ୍ରଜ୍ଞା ସହ ଜଡିତ ଯୁବା ଆୟାମ, ମହିଳା ଆୟାମ ଓ ଶୋଧ ଆୟାମର ସମସ୍ତ କାର୍ଯ୍ୟକର୍ତ୍ତା ଏହି କର୍ମଶାଳା ଆୟୋଜନରେ ସହଯୋଗ କରିଥିଲେ।

# କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ସଚିବଙ୍କ ଦ୍ୱାରା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ସମୀକ୍ଷା

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ସ୍ଥାନୀୟ ହୋଟେଲ ମେ ଫେୟାର ଠାରେ କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ସେବା ବିଭାଗର ସଚିବ ଏମ. ନାଗରାଜୁଙ୍କ ଦ୍ୱାରା ଏସିପି, ସିଡି ରେସିଓ, ସାମାଜିକ ସୁରକ୍ଷା ଯୋଜନା ଏବଂ ସରକାରଙ୍କ ବିଭିନ୍ନ ଫ୍ଲାଗସିପ୍ ଯୋଜନାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ପ୍ରଧାନ ସଚିବ, ଆର୍‌ବିଆଇ ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକ, ସିଡିବିର ସିଏମ୍‌ଡି, ୟୁକୋ ବ୍ୟାଙ୍କର ଏମ୍‌ଡି ଏବଂ ସିଇଓ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ପିଏନ୍‌ବି, ଇଣ୍ଡିଆନ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ, କାନାରା ବ୍ୟାଙ୍କ, ଆଇଓବି, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଏବଂ ପଞ୍ଜାବ ଆଣ୍ଡ୍ ସିନ୍ଧ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକମାନଙ୍କ ସହ ନାବାର୍ଡର ଡେପୁଟି ଏମ୍‌ଡି ମଧ୍ୟ ଯୋଗ ଦେଇଥିଲେ। ସାମାଜିକ ସୁରକ୍ଷା ଯୋଜନା, ସିଏସ୍‌ପି ପ୍ଲସ୍‌ରେ ରାଜ୍ୟ ସରକାରଙ୍କ ସହଯୋଗ ଇତ୍ୟାଦି ବିଭିନ୍ନ ସଫଳତାରେ ଏସ୍‌ଏଲ୍‌ବିସିର କାର୍ଯ୍ୟକଳାପକୁ ଏମ. ନାଗରାଜୁ ପ୍ରଶଂସା କରିବା ସହିତ ଗତ କିଛି ବର୍ଷ ଧରି ଓଡ଼ିଶାରେ ବ୍ୟାଙ୍କ ଗୁଡିକର ଋଣ ପ୍ରଦାନ ବୃଦ୍ଧି କାର୍ଯ୍ୟକୁ ମଧ୍ୟ ପ୍ରଶଂସା କରିଥିଲେ। ତତ୍‌ସହିତ ଗୃହ ଋଣ ଏବଂ ଶିକ୍ଷା ଋଣ କ୍ଷେତ୍ରରେ ବ୍ୟାଙ୍କଗୁଡିକ ଅଧିକ କାର୍ଯ୍ୟ କରିବାକୁ ପରାମର୍ଶ ମଧ୍ୟ ଦେଇଥିଲେ। ଏହି ଅବସରରେ ସିଡିବିର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ମନୋଜ ମିତ୍ତଲ ଋଣଗୁଡିକର ସିଜିଟିଏମ୍‌ଏସ୍‌ଇ କଭରେଜ ଏବଂ ଉଦ୍ୟାମ ସହାୟକ ପୋର୍ଟାଲର "ପ୍ରୟାସ" ମଡେଲ ବିଷୟରେ ସୂଚନା ଦେଇଥିଲେ। ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏସିପି ସଫଳତା, ସିଡି ରେସିଓ, ସାମାଜିକ ସୁରକ୍ଷା ଏବଂ ସରକାରୀ ଯୋଜନା ବିଷୟରେ ପ୍ରତିଟି ଏସ୍‌ଏଲ୍‌ବିସି ବୈଠକରେ ବିଷଦ ଆଲୋଚନା ହେଉଥିବା କଥା ଅବଗତ କରାଇଥିଲେ। ଆର୍‌ବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ଡଃ ସାରଦା ପ୍ରସନ୍ନ ମହାନ୍ତି ମାଇକ୍ରୋ ଲେଣ୍ଡିଂ ଉପରେ ବ୍ୟାଙ୍କମାନେ ଅଧିକ ଗୁରୁତ୍ୱ ଦେଇ ଏନ୍‌ବିଏଫ୍‌ସି ଉପରେ ଅଧିକ ନିର୍ଭରତାକୁ ହ୍ରାସ କରିବାକୁ ପରାମର୍ଶ ଦେଇଥିଲେ। ତତ୍‌ସହିତ ରାଜ୍ୟରେ ଏସ୍‌ଏଲ୍‌ବିସି କାର୍ଯ୍ୟଧାରାର ଉନ୍ନତି ନିମନ୍ତେ ଅନେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ମଧ୍ୟ ପ୍ରଦାନ କରିଥିଲେ। ୟୁକୋ ବ୍ୟାଙ୍କର ଏମ୍‌ଡି ସରକାରୀ ପ୍ରାୟୋଜିତ ଯୋଜନା, ସାମାଜିକ ସୁରକ୍ଷା ଓ ସିଡି ରେସିଓ ବିଷୟରେ ଆଲୋକପାତ କରିଥିଲେ। ୟୁକୋ ବ୍ୟାଙ୍କର ମହାପ୍ରବନ୍ଧକ ତଥା ଏସ୍‌ଏଲ୍‌ବିସି ଓଡ଼ିଶାର ଆବାହକ ଗୌତମ ପାତ୍ର ରାଷ୍ଟ୍ରାୟତ୍ତ ବ୍ୟାଙ୍କର ସଫଳତାକୁ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ୍ ମାଧ୍ୟମରେ ପ୍ରଦର୍ଶିତ କରିଥିଲେ। ସମସ୍ତ ବ୍ୟାଙ୍କର ଏମ୍‌ଡି, ସିଇଓ ଏବଂ ଇଡି ସେମାନଙ୍କ ବ୍ୟାଙ୍କର ବିଭିନ୍ନ କ୍ଷେତ୍ରରେ ଥିବା ପାରଦର୍ଶିତାକୁ ବୃଦ୍ଧି କରିବା ପାଇଁ ପ୍ରତିଶୃତି ଦେଇଥିଲେ। ପରିଶେଷରେ ଏସ୍‌ଏଲ୍‌ବିସି ଓଡ଼ିଶାର ଆବାହକ ଶ୍ରୀ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ପାଦକୀୟ

# ୱାକଫ୍ ସମ୍ପତ୍ତିର ସୁରକ୍ଷା ହେଉ

ମୁସଲିମ୍ ସମୁଦାୟର ଉନ୍ନତି ପାଇଁ ଉଦ୍ଦିଷ୍ଟ ୱାକଫ୍ ସମ୍ପତ୍ତି ଅନେକ ସମୟ ଧରି ଦୁର୍ନୀତି, ଅତିକ୍ରମଣ ଏବଂ ରାଜନୈତିକ କୌଶଳର ଶିକାର ହୋଇ ଆସିଛି। ସମଗ୍ର ଭାରତରେ ଥିବା ହଜାର ହଜାର ଏକରର ୱାକଫ୍ ସମ୍ପତ୍ତ। ଯାହା ଶିକ୍ଷା, ସାସ୍ଥ୍ୟ ଏବଂ ସାମାଜିକ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ତାହାକୁ ବେଆଇନ ଭାବରେ ସ୍ଥାନାନ୍ତରିତ ତଥା ଅପବ୍ୟବହାର କରାଯାଇଛି ଏବଂ କମ୍ ମୂଲ୍ୟରେ ଲିଜ୍ ଦିଆଯାଇଛି। ଏହି ସମସ୍ୟା ଦକ୍ଷିଣରେ କର୍ଣ୍ଣାଟକରୁ ଆରମ୍ଭ କରି ଉତ୍ତରରେ ଦିଲ୍ଲୀ ପର୍ଯ୍ୟନ୍ତ ବ୍ୟାପିଛି। ଏହି ସମ୍ପତ୍ତି ଗୁଡିକର ରକ୍ଷଣା ବେକ୍ଷଣ ପାଇଁ ଉଦ୍ଦିଷ୍ଟ ୱାକଫ୍ ବୋର୍ଡମାନଙ୍କ ଦ୍ୱାରା ରାଜନେତା, ବୋର୍ଡ ଅଧୀକାରୀ ଏବଂ ଭୂମାଫିଆଙ୍କ ସହ ମିଶି ଯୋଜନା ବଦ୍ଧ ଭାବରେ ଲୁଟ୍ କରାଯାଉଥିଲା।

କଫ୍ ବୋର୍ଡ ସହିତ ଜଡିତ ଦୁର୍ନୀତିର ଉଦାହରଣ କର୍ଣାଟକର ୱାକଫ୍ ଜମି କୁପରିଚାଳନାରୁ ଜଣାପଡେ। ୨୦୧୨ ମସିହାରେ କର୍ଣ୍ଣାଟକ ରାଜ୍ୟର ସଂଖ୍ୟାଲଘୁ ଆୟୋଗ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଡିଭି ସଦାନନ୍ଦ ଗୌଡାଙ୍କୁ ପ୍ରଦାନ କରିଥିବା ଏକ ରିପୋଟରେ ୨୭୦୦୦ ଏକର ୱାକଫ୍ ଜମିର ବେଆଇନ୍ ଆବଣ୍ଟନ ଏବଂ ଅପବ୍ୟବହାରକୁ ଉଲ୍ଲେଖ କରାଯାଇଥିଲା। ସେହି ସମୟରେ ଏହି କ୍ଷତିର ଆନୁମାନିକ ମୂଲ୍ୟ ପାଖାପାଖି ଦୁଇ ଲକ୍ଷ କୋଟି ଥିଲା ଏବଂ ବର୍ତ୍ତମାନର ଜମି ଦର ଗୁଡିକର ଅହେତୁକ ବୃଦ୍ଧି ଯୋଗୁଁ ଏହି କ୍ଷତି ଆହୁରି ଅଧିକ ଅଟେ। ରାଜନେତା ଏବଂ ଭୂମାଫିଆମାନଙ୍କ ସହିତ ମିଶି ବୋର୍ଡ ଅଧିକାରୀଙ୍କ ଦୁର୍ନୀତି ଯୋଗୁଁ କର୍ଣାଟକର ୱାକଫ୍ ସମ୍ପତ୍ତି ଅଧା ଶେଷ ହୋଇସାରିଛି। ବିଦ୍ୟାଳୟ, ଚିକିତ୍ସାଳୟ ଏବଂ ସାମାଜିକ କଲ୍ୟାଣ ଅନୁଷ୍ଠାନ ନିର୍ମାଣ ପାଇଁ ବ୍ୟବହାର ହେବା ପରିବର୍ତ୍ତେ ଏହି ଜମି ଗୁଡିକ ବେଆଇନ ଭାବରେ ବିକ୍ରି କିମ୍ବା ବଜାର ମୂଲ୍ୟରୁ କମ୍ ଦରରେ ବେସରକାରୀ ସଂସ୍ଥା ଗୁଡିକୁ ହସ୍ତାନ୍ତର କରାଯାଇଥିଲା। ଦୁର୍ନୀତିର ବିଶାଳତା ସତ୍ତ୍ୱେ, ହାତରୁ ଚାଲିଯାଇଥିବ। ଜମିର ପୁର୍ନଉଦ୍ଧାର କରିବା କିମ୍ବା ଏଥିପାଇଁ ଦାୟୀ ଲୋକଙ୍କ ତଦନ୍ତ ପାଇଁ ବହୁତ କମ୍ ପ୍ରୟାସ କରାଯାଇଛି। ୱାକଫ୍ ବୋର୍ଡ ଉପରେ ଦୁର୍ନୀତି କେବଳ କର୍ଣାଟକ ପର୍ଯ୍ୟନ୍ତ ସୀମିତ ନୁହେଁ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବର୍ତ୍ତମାନ ଦିଲ୍ଲୀ ୱାକଫ୍ ବୋର୍ଡର ପୂର୍ବତନ ଅଧକ୍ଷ ଅମାନାତୁଲ୍ଲା ଖାନଙ୍କ ବିରୋଧରେ ଅମାପ ସମ୍ପତ୍ତି ସଂଗ୍ରହ, ବୋର୍ଡ ମଧ୍ୟରେ ତିରିଶରୁ ଅଧିକ ବ୍ୟକ୍ତିଙ୍କ ଅବୈଧ ନିଯୁକ୍ତି ଏବଂ ୱାକଫ୍ ସମ୍ପତ୍ତିର ଲିଜର ଅନିୟମିତତା ସମେତ ଗମ୍ଭୀର ଅଭିଯୋଗ ପାଇଁ ତଦନ୍ତ କରୁଛି। ଏହି ଘଟଣାର ମହତ୍ୱପୂର୍ଣ ଦିଗ ହେଲା ଯେ ଏହି ଅନିୟମିତତା ବିରୁଦ୍ଧରେ ଅଭିଯୋଗ ଗୁଡିକ ଖୋଦ୍ ମୁସଲିମ୍ ସଦସ୍ୟମାନଙ୍କ ଦ୍ୱାରା ଦାଖଲ କରାଯାଇଥିଲା, ଯାହା କୁପରିଚାଳନା ଦ୍ୱାରା ସିଧା ସଳଖ ଭାବରେ ପ୍ରଭାବିତ ହୋଇଥିବା ଲୋକଙ୍କ ଦ୍ୱାରା ଅନୁଭବ କରାଯାଇଥିବା ହତାଶା ଏବଂ ବିଶ୍ୱାସ ଘାତକତାକୁ ପ୍ରକାଶିତ କରେ। ଦିଲ୍ଲୀର ୱାକଫ୍ ବୋର୍ଡ ସମ୍ପ୍ରଦାୟର ସମ୍ପତ୍ତିର ରକ୍ଷକ ଭାବରେ କାର୍ଯ୍ୟ କରିବା ପରିବର୍ତ୍ତେ ରାଜନୈତିକ ଏବଂ ଆର୍ଥିକ ଲାଭ ପାଇଁ ଏକ ଉପକରଣ ପାଲଟିଗଲା, ଯାହା ଦ୍ୱାରା ଏହି ସଂସ୍ଥାୟ ପ୍ରତି ଲୋକଙ୍କ ବିଶ୍ୱାସ ଆହୁରି କ୍ଷୟ ହେଲା। ସେହିପରି ଦକ୍ଷିଣରେ ତେଲେଙ୍ଗାନାର ୱାକଫ୍ ବୋର୍ଡ ଏକାଧୀକ ଜମି ଜବରଦଖଲ ମାମଲାରେ ଛନ୍ଦି ହୋଇଯାଇଛି ବିଶେଷକରି ଘାଟକେଶର ମଣ୍ଡଳ ଏବଂ ରଙ୍ଗା ରେଡ୍ଡୀ ଜିଲ୍ଲାର ମେଡିପାଲୀ ମଣ୍ଡଳରେ ଯେଉଁଠି ବର୍ଷ ବର୍ଷ ଧରି ଜମି ଗୁଡିକ ବୋର୍ଡ ସହାୟତାରେ ଜମି ମାଫିଆମାନଙ୍କ ଦ୍ୱାରା ଜବରଦଖଲ କରାଯାଇଥିଲା। ଏହି ଜବରଦଖଲକାରୀମାନେ ୱାକଫ୍ ସମ୍ପତ୍ତାର ମାଲିକାନା ଦାବି କରିବାକୁ ବିଭିନ୍ନ କୋର୍ଟରେ ଅନେକ ଯାଚିକା ଦାଖଲ କରିଥିଲେ ଏବଂ ବୋର୍ଡ ଏହି ମାମଲା ଗୁଡିକୁ ଟ୍ରାକ କରିବାରେ ବିଫଳ ଏବଂ କେତେକ କ୍ଷେତ୍ରରେ ଅପିଲ ଦାଖଲ କରିନଥିଲେ। ଯାହାଦ୍ୱାରା ବୋର୍ଡ ଅଧିକ କ୍ଷତିର ଶିକାର ହୋଇଥିଲେ। ଏପରିକି ଯେଉଁ ମାମଲାରେ କୋର୍ଟ ୱାକଫ୍ ବୋର୍ଡ ସପକ୍ଷରେ ରାୟ ଦେଇଥିଲେ ଅଧୀକାରୀମାନେ ସେହି ସମ୍ପତ୍ତିର ପୁର୍ନଉଦ୍ଧାର କରିବାକୁ ଆଗ୍ରହ ଦେଖାଇ ନଥିଲେ, ଯାହାଦ୍ୱାରା ବେଆଇନ ଦାଖଲ ଜାରି ରହିଥିଲା। ଅକ୍ଷମତା, ଦୁର୍ନୀତି କିମ୍ବା ରାଜନୈତିକ ଚାପ ଯୋଗୁଁ ଓ ବୋର୍ଡ ଗୁଡିକ କାର୍ଯ୍ୟ କରିବାରେ ବିଫଳ ହେବା ଦ୍ୱାରା ସମ୍ପ୍ରଦାୟର ସମ୍ପତ୍ତି ଗୁଡିକର କ୍ରମାଗତ କ୍ଷତି ଘଟୁଛି।

କଫ୍ ବୋର୍ଡ ମଧ୍ୟରେ ଥିବା ସଙ୍କଟ ବ୍ୟବସ୍ଥିତ ବିଫଳତାର ଏକ ବୃହତ ଇଂଗ୍ରକୁ ପ୍ରତିଫଳିତ କରେ। ଶିକ୍ଷା, ସାମାଜିକ କଲ୍ୟାଣ ଏବଂ ଅର୍ଥନୈତିକ ଉନ୍ନତି ପାଇଁ ସମ୍ପ୍ରଦାୟର ସମ୍ପତ୍ତିକୁ ସୁରକ୍ଷିତ ରଖିବା ଏବଂ ବ୍ୟବସାୟ କରିବା ପାଇଁ ଏହି ଅନୁଷ୍ଠାନ ଗୁଡିକ ପ୍ରତିଷ୍ଠା କରାଯାଇଥିଲା, କିନ୍ତୁ ଏହା ପରିବର୍ତ୍ତେ ଏହା ଲାଭଉଠାଇବା ପାଇଁ ଏକ ମାଧ୍ୟମ ପାଲଟିଗଲା। ବିଭିନ୍ନ ରାଜ୍ୟ ଗୁଡିକରେ ବୋର୍ଡ ସଦସ୍ୟ ନିଯୁକ୍ତିରେ ରାଜନୈତିକ ହସ୍ତକ୍ଷେପ, ଅଧୀକାରୀ ଏବଂ ଭୂମାଫିଆଙ୍କ ସର୍ମକ ଏବଂ ରାଜ୍ୟ ପ୍ରଶାସନର ହସ୍ତକ୍ଷେପ କରିବାରେ ବିଫଳତା ଏହି ସମସ୍ୟାର ଗଭୀରତାକୁ ଦର୍ଶାଏ। ନଷ୍ଟ ହୋଇଥିବା ପ୍ରତ୍ୟେକ ଜମି ସମ୍ପ୍ରଦାୟ ଦ୍ୱାରା ହରାଯାଇ ଥିବା ଏକ ସୁଯୋଗ ଥିଲା ଯାହା ଭବିଷ୍ୟତ ପିଢିଙ୍କୁ ଅତ୍ୟାବଶ୍ୟକ ଉତ୍ସ ଏବଂ ସେବାରୁ ବଂଚିତ କରିଛି। ତେଣୁ ଦୁର୍ନୀତି ଏବଂ ଅବହେଳାର ଏହି ଚକ୍ରକୁ ଭାଙ୍ଗିବା ପାଇଁ ଜରୁରୀ ସଂସ୍କାର ଅତ୍ୟନ୍ତ ଆବଶ୍ୟକ ଥିଲା। ୱାକଫ୍ ବୋର୍ଡର କାର୍ଯ୍ୟରେ ଅଧିକ ପାରଦର୍ଶିତା ଆଣି କୁପରିଚାଳନା ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ୱାକଫ୍ ସମ୍ପତ୍ତା ଉପରେ ନଜର ରଖିବା ଏବଂ ସୁରକ୍ଷା ପାଇଁ ଏକ ଡିଜିଟାଲ ଲ୍ୟାଣ୍ଡ ରେଜିଷ୍ଟ୍ରି କାର୍ଯ୍ୟକାରୀ କରିବା ଏକ ଗୁରୁତ୍ୱପୂର୍ଣ ପଦକ୍ଷେପ ଅଟେ। ଏହିପରି ବ୍ୟବସ୍ଥିତ ପରିବର୍ତ୍ତନ ବିନା, ୱାକଫ୍ ସମ୍ପତ୍ତି ଲୁଣ୍ଠନର ପ୍ରକୃତ ପାଂଚ ହୋଇପାରିବ ନାହିଁ। ତେଣୁ ୱାକଫ୍ ବୋର୍ଡ ଗୁଡିକ ଦୁର୍ନୀତିର ସାଧନ ନ ପାଲଟି ଯେପରି ନିଜର ନିର୍ଦ୍ଧାରିତ କାର୍ଯ୍ୟର ସୁଚାରୁ ରୂପେ ସମ୍ପାଦନା କରିବେ ତାହା ଉପରେ ୱାକଫ୍ ସମ୍ପତ୍ତର ଭବିଷ୍ୟତ ନିର୍ଭର କରିବ। ଏହି ଅମୂଲ୍ୟ ସାମୁଦାୟିକ ସମ୍ପଦ ସବୁଦିନ ପାଇଁ ନଷ୍ଟ ନ ହେବା ପୂର୍ବରୁ ଏହା ଉପରେ କାର୍ଯ୍ୟ କରିବାର ବର୍ତ୍ତମାନ ହେଉଛି ସଠିକ୍ ସମୟ ଓ ତେଣୁ ଏହି ପରିପ୍ରେକ୍ଷୀରେ ପାଲାମେଣ୍ଟରେ ୱାକଫ୍ ସଂଶୋଧନ ବିଲ୍ ଗୃହୀତ ହେବା ୱାକଫ୍ ସମ୍ପତ୍ତା ଗୁଡିକର ପ୍ରବନ୍ଧନ ଓ ନିୟନ୍ତ୍ରଣ ଦିଗରେ ଏକ ଐତିହାସିକ କ୍ଷଣ।

**ରେଶହମ୍ ଫାତିମା**
**ସ୍ନାତକୋତ୍ତର ଆର୍ନ୍ତଜାତୀୟ ସର୍ମକ ବିଭାଗ ଜନ୍ମାହାର ନେହେରୁ ବିଶ୍ୱବିଦ୍ୟାଳୟ**

## ଆପଣଙ୍କ ମତାମତ

**ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।**

**Mob/ whatsapp : 9090962011**
**Ph. No. : 0674-2975387**
**E-mail : dumanikhabar2020@gmail.com**

# ନିଜକୁ ପ୍ରତ୍ୟେକଙ୍କ ଭିତରେ ଦେଖିବା ହେଉଛି ସେବା ସାଧନାର ଅନ୍ତର୍ନିହିତ ତତ୍ତ୍ୱ



କିଶୋର କୁମାର ଜେନା

ଆମ ସମସ୍ତଙ୍କ ଜୀବନରେ ଧର୍ମର ମହତ୍ୱ ରହିଛି। ସବୁ ଧର୍ମର ଲୋକ ନିଜ ନିଜ ମାନତ୍ୟା ଅନୁଯାୟୀ ପ୍ରାର୍ଥନା କରିଥାନ୍ତି ଏବଂ ଈଶ୍ୱରଙ୍କୁ ସ୍ମରଣ କରିଥାନ୍ତି। ଏପରି କରିବା ଦ୍ୱାରା ଆମକୁ କଠିନ ସମୟରେ ମଧ୍ୟ ନିଜର ଲକ୍ଷ୍ୟ ପ୍ରତି ଏକାଗ୍ରତା ବଜାୟ ରଖିବାରେ ସହାୟତା ମିଳିଥାଏ। ଆସନ୍ତୁ କେତେକ ବିନ୍ଦୁ ଆଧାରରେ ଜାଣିବା ଯେ କିପରି ଆଧାତ୍ମ ଆମର ଜୀବନ, ବିଚାରଧାରା, କୃତ୍ୟ ଏବଂ ଆଚରଣକୁ ପ୍ରଭାବିତ କରିଥାଏ। ଭଗବାନ ଶ୍ରୀସତ୍ୟସାଇ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି 'ମନସ୍ୟେକମ୍, ବଚସ୍ୟେକମ୍, କର୍ମଣ୍ୟେକମ୍'। ସତ୍ୟ ହେଉଛି ବାସ୍ତବତା ସହିତ ସମ୍ପୂର୍ଣ୍ଣ ଐକ୍ୟ। ଏହା ଜୀବାତ୍ମାର ଆଧାତ୍ମିକ ଓ ଅପରିବର୍ତ୍ତନୀୟ ବିଭାବ। ଏହା ହିଁ ପ୍ରତ୍ୟେକ ଜୀବର ପ୍ରକୃତ ସ୍ୱଭାବ। ଏହା ଆମ ପ୍ରତ୍ୟେକଙ୍କ ମଧ୍ୟରେ ରହିଥିବା ଦୈବତ୍ୱ। ଆମ ମଧ୍ୟରେ ନିହିତ ଉତ୍କର୍ଷ ବା ତ୍ରୁଟିହୀନତା ଯେତେ ଅଧିକରୁ ଅଧିକ ପ୍ରକଟିତ ହେଉଥିବ ଆମର ପ୍ରକୃତ ସ୍ୱରୂପ ସମ୍ପର୍କରେ ସେତିକି ଅଧିକରୁ ଅଧିକ ସଚେତନତା ଓ ଉପଲବ୍ଧି ବୃଦ୍ଧି ପାଇବ। ସତ୍ୟର ପରିପ୍ରକାଶ ପ୍ରଣାଳୀ ଆମର ଜ୍ଞାନାନୁସନ୍ଧାନ ସହ ଆରମ୍ଭ ହୁଏ ଏବଂ ଧୀଶକ୍ତିର ଉତ୍କର୍ଷ ସାଧନ ଓ ଆତ୍ମଅବବୋଧ ଶକ୍ତି ଭାବେ ରୂପାନ୍ତରଣ ଯୋଗୁଁ ଫଳପ୍ରସୂ ହୁଏ। ଯେତେବେଳେ ମନ ସମସ୍ତ ସାଂସାରିକ ଓ ଇନ୍ଦ୍ରିୟାନୁରାଗୀ କାମନାକୁ ପରିତ୍ୟାଗ କରି ଏକାଗ୍ର ଚିତ୍ତରେ ସତ୍ୟକୁ ଅନୁଧ୍ୟାନ କରିବ, ସେତେବେଳେ ମନ ଏକ ଉଚ୍ଚତର ଚୈତନ୍ୟ ଓ ଅନ୍ତର୍ଜ୍ଞାନଲବ୍ଧ ଦ୍ରଷ୍ଟା ସ୍ତରକୁ ଉନ୍ନୀତ ହେବ ଏବଂ ସେ ତ୍ରିକାଳ ସତ୍ୟ, ଯାହା ଅପରିବର୍ତ୍ତନୀୟ ଓ ଚିରନ୍ତନ, ତାକୁ ଉପଲବ୍ଧି କରିପାରିବ। ଏହାକୁ ହିଁ ବାସ୍ତବ ଆତ୍ମା ବା ଈଶ୍ୱର ବା ଜୀବାତ୍ମା ବା ପରମ ଚୈତନ୍ୟ ବୋଲି କୁହାଯାଏ।

ଭାରତୀୟ ଭାବଧାରାରେ ଧର୍ମ ଏକାଧାରରେ ସମସ୍ତ ଶାରୀରିକ, ନୈତିକ, ସାମାଜିକ, ଧାର୍ମିକ ଓ ଆଧାତ୍ମିକ କର୍ତ୍ତବ୍ୟ ଓ ବାଧ୍ୟତାମୂଳକ ଦାୟିତ୍ୱକୁ ବୁଝାଏ। ଏହା ପ୍ରଭାତରୁ ସନ୍ଧ୍ୟା ଓ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମାନବର ସମସ୍ତ କ୍ରିୟାକଳାପକୁ ନିୟନ୍ତ୍ରଣ କରିଥାଏ। ଶାନ୍ତିକୁ ବର୍ଣ୍ଣନା କରିବାକୁ ଯାଇ ବାବା କହିଛନ୍ତି 'ମାନବର ସମସ୍ତ ଆବେଗର ସଂଘର୍ଷ ଓ ଦ୍ୱନ୍ଦ୍ୱର ସମାଧାନ ହେଲା ଶାନ୍ତିର ମୌଳିକ ଭାବ'। ମଣିଷର କାମନାଗୁଡ଼ିକ ତାର ମନରୂପକ ହ୍ରଦର ନିଶ୍ଚଳ ଜଳ ଉପରେ ଆଲୋଡ଼ନ ଘଟାଇ ନାନା ପ୍ରକାରର ଅସ୍ଥିରତା ସୃଷ୍ଟି କରିଥାଏ। କାମନାରହିତ ମନ ତା'ର ଶାନ୍ତି ଅବସ୍ଥା ଫେରି ପାଇଥାଏ। ଯେତେବେଳେ ମଣିଷର ମନରେ ସ୍ଥାୟୀ ସ୍ଥିରତା ବା ପ୍ରଶାନ୍ତି ଥାଏ ସେତେବେଳେ ସେ ଚିରସ୍ଥାୟୀ ଶାନ୍ତି ପାଇପାରେ; କେବଳ ପ୍ରଶାନ୍ତ ମନରେ ହିଁ ଜ୍ଞାନଲୋକ ଉଦିତ ହୋଇପାରିବ। ପୁଣି କେବଳ ଜ୍ଞାନାଲୋକିତ ବା ବୌଦ୍ଧିକ ମନ ସାହାଯ୍ୟ ଦ୍ୱାରା ପରମ-ଶାନ୍ତି ଲାଭ ଓ ଉପଭୋଗ କରାଯାଇ ପାରିବ। ଏହି ପରମ ଶାନ୍ତି ହିଁ ଆନନ୍ଦ। ପରମ ଶାନ୍ତି ଲାଭ କରିବା ପାଇଁ ମଣିଷକୁ ସହନଶୀଳତା ଅନୁଶୀଳନ କରିବାକୁ ହେବ, ଦୁଃଖ ଓ ସୁଖ ଉଭୟକୁ ସମାନ ଭାବରେ ଗ୍ରହଣ କରିବାକୁ ହେବ, ଯେପରି ତାହା ମନର ଭାରସାମ୍ୟକୁ ଦୋହଲାଇ ନଦିଏ, ଜୀବାତ୍ମାର ଶକ୍ତି ତଥା ନିୟତିର ରକ୍ଷାକାରୀ କ୍ଷମତା ଉପରେ ଯେପରି ଅଟଳ ଆସ୍ଥା ରହେ ସେଥିପାଇଁ ଅଭ୍ୟାସ କରିବାକୁ ହେବ, ଜାଗତିକ ଆସକ୍ତି, ଅଧିକରୁ ଅଧିକ ପରିହାର କରି ଭଗବାନଙ୍କ ପ୍ରତି ଆସକ୍ତି ଅଧିକରୁ ଅଧିକ ବଢ଼ାଇବାକୁ ହେବ ଏବଂ ପ୍ରତ୍ୟହ ଭଗବାନଙ୍କୁ ଧ୍ୟାନ ଧାରଣା କରିବାକୁ ହେବ। ଏହି ସମସ୍ତ କାର୍ଯ୍ୟ କରିବା ଦ୍ୱାରା ଜଣେ ବ୍ୟକ୍ତି ନିଶ୍ଚୟ ପରମ ଶାନ୍ତି ଲାଭ କରିପାରିବ।

ଆତ୍ମାର ସଂପୂର୍ଣ୍ଣ ପ୍ରସ୍ଫୁଟନ ଏବଂ ଅଦ୍ୱୈତ ଭାବାବସ୍ଥାର ପ୍ରାପ୍ତି ତଥା ସର୍ବଜୀବରେ ଏକତ୍ୱ ଓ ଐକ୍ୟବୋଧରୁ ଅହିଂସାର ସୃଷ୍ଟି। ସୃଷ୍ଟିର ସମସ୍ତ ଜୀବ ସହ ନିଜର ଐକ୍ୟ ଅନୁଭୂତିର ସ୍ତର ହେଲା ଅହିଂସା। ଆଧାତ୍ମିକ ସଚେତନତାରୁ ଏହାର ଜନ୍ମ; ଜାଗ୍ରତ ଜୀବାତ୍ମାର ଏହା ଗୁଣ ଓ ଲକ୍ଷଣ। ସୃଷ୍ଟିର ସମସ୍ତ ଅଣୁ ପରମାଣୁରେ ସର୍ବ ପ୍ରାଣରେ, ସର୍ବ ବସ୍ତୁରେ ଓ ସର୍ବତ୍ର ଏହା ଭଗବତ୍ ସତ୍ତା ଦର୍ଶନ କରେ। ଏହିପରି ସଚେତନ ଆତ୍ମା, ଅନ୍ୟ ଯେ କୌଣସି ଜୀବ ଓ ପ୍ରାଣୀର ସୁଖ ଓ ଦୁଃଖକୁ ନିଜର ବୋଲି ଅନୁଭବ କରେ। ଏତାଦୃଶ ବ୍ୟକ୍ତି ନିଜର ଓ ଅନ୍ୟମାନଙ୍କ ମଧ୍ୟରେ କୌଣସି ବିଭିନ୍ନତା ଅନୁଭବ କରେନାହିଁ। ଏହା ଜୀବାତ୍ମାରୁ ନିର୍ଗତ ନିର୍ମଳ ଓ ବ୍ୟକ୍ତିତ୍ୱ ରହିତ ପ୍ରେମ ଅଟେ।

କେବଳ ସଂଗଠନର ନିୟମ ଅନୁଯାୟୀ ସେବାଦଳ ହୁଅନ୍ତୁ ବା ଯେକୌଣସି ବିଭାଗ, ସେମାନଙ୍କୁ ଦିଆଯାଉଥିବା କାର୍ଯ୍ୟକୁ ସମ୍ପାଦନ କରିବାଟା ଭକ୍ତି ବୋଲି ସ୍ୱୀକୃତ ହୁଏନାହିଁ। ପ୍ରେମଭାବର ସହ କରାଯାଉଥିବା କର୍ତ୍ତବ୍ୟ ହିଁ ବାଞ୍ଛନୀୟ। ସେବା କରିବା ମାଧ୍ୟମରେ ଆମେମାନେ ଉପଲବ୍ଧ କରିବା ଯେ ଆମେ ସମସ୍ତେ ସେହି ଦୈବୀ ସାଗରର ତରଙ୍ଗ ମାତ୍ର। ଅନ୍ୟାନ୍ୟ କୌଣସି ସାଧନା ମାଧ୍ୟମରେ ସମସ୍ତ ଜୀବନ୍ତ ପ୍ରାଣୀ ମାନଙ୍କ ମଧ୍ୟରେ ଥିବା ଐକ୍ୟ ଉପଲବ୍ଧ ହୋଇପାରିବନାହିଁ। ଅନ୍ୟର ଦୁଃଖକୁ ନିଜ ଦୁଃଖ ଭାବେ ଦେଖିବା, ଅନ୍ୟର ସଫଳତାକୁ ନିଜର ସଫଳତା ଭାବେ ଗ୍ରହଣ କରିବା, ଅନ୍ୟ ମାନଙ୍କୁ ନିଜ ପରି ଦେଖିବା ଓ ନିଜକୁ ପ୍ରତ୍ୟେକଙ୍କ ଭିତରେ ଦେଖିବା ହେଉଛି ସେବା ସାଧନାର ଅନ୍ତର୍ନିହିତ ତତ୍ତ୍ୱ। ସେବା ଆତ୍ମୋଲବ୍ଧି ପାଇଁ ଉଦ୍ଦିଷ୍ଟ ନବଧା ଭକ୍ତି ମଧ୍ୟରୁ ଏକ ସୋପାନ। ସେ ଦୃଷ୍ଟିରୁ ଆମେମାନେ ଏଥିପାଇଁ ନିଷ୍ଠାର ସହ ଉଦ୍ୟମ କରିବା ଦରକାର। ପ୍ରେମଭାବ କଠିନତମ ହୃଦୟ ପାଇଁ ମଧ୍ୟ ଶ୍ରେଷ୍ଠ ଦ୍ରାବକ। ପ୍ରେମଭାବ ଆମ ମାନଙ୍କ ହୃଦୟ ପଦ୍ମକୁ ବିକଶିତ କରୁ, ଯେଉଁ ସେବା କର୍ମରେ ଆମେ ନିୟୋଜିତ ହେଉଛେ ସେ ସମସ୍ତ କାର୍ଯ୍ୟରେ ବିଜୟୀ ପାଇଁ ଅଗ୍ରସର ହେବା ଉଚିତ। ନଦୀ ବହି ଚାଲେ କେତେକ ଅଞ୍ଚଳର ଉପକାର କରିବା ପାଇଁ କିନ୍ତୁ ନିଜେ ଜଳପାନ ଦରକାର କରେନା। ବୃକ୍ଷ ନିଜର ଫଳ ଖାଇନଥାଏ ଆମ ମାନଙ୍କୁ ସୁସ୍ୱାଦୁ ଫଳ ବିତରଣ କରେ। ମେଘ ବର୍ଷି ଚାଲେ ଅନ୍ୟର ଉପକାର ପାଇଁ। ଗୋ ମାତା ଦୁଗ୍ଧ ଦେଇ ଚାଲେ ଆମର ଆବଶ୍ୟକତା ପୂରଣ ପାଇଁ। ନିଜେ ତ ଟୋପାଏ ପିଇ ନଥାଏ ତେଣୁ କୁହାଯାଏ 'ପରୋପକାରାର୍ଥଂ ଇଦମ୍ ଶରୀରମ୍'। ଯଥାର୍ଥରେ ଆମ ସମସ୍ତଙ୍କ ପାଇଁ ଆମେ ସମସ୍ତେ ଏକ ଓ ସେହି ବିଶ୍ୱ ନିୟନ୍ତାଙ୍କ ସନ୍ତାନସନ୍ତତି ମଣି କିଛି କିଛି ତ୍ୟାଗ ସ୍ୱୀକାର କରିବାକୁ ପଡ଼ିବ। ସାଇ ସେବକର ହୃଦୟ ପବିତ୍ରତା, ନିର୍ମଳତା ଓ ପ୍ରେମ ପ୍ରବାହରେ ପ୍ଲାବିତ ହୋଇଥିବା କଥା। ଭଗବାନ ଶ୍ରୀସତ୍ୟସାଇ ସେବା ସୁଯୋଗର ଏହି ଦିବ୍ୟ ଅବସର ଆମ୍ଭ ମାନଙ୍କୁ ପ୍ରଦାନ କରିଛନ୍ତି। ନିଃସ୍ୱାର୍ଥପର ଭାବରେ ଅନ୍ୟର ଦୁଃଖ, ଯନ୍ତ୍ରଣା ଓ ଅଭାବ ଲାଘବ କରିବା ହେଉଛି ଏକ ମହତ୍ କର୍ମ। ଭଗବାନ କୁହନ୍ତି ବୁବୁକ୍ଷୁଭ ଠାରେ ଖାଦ୍ୟରୂପୀ ଭଗବାନ, ରୁଗଣକୁ ଔଷଧରୂପୀ ଭଗବାନ, ବସ୍ତ୍ରହୀନକୁ ବସ୍ତ୍ରୀରୂପୀ ଭଗବାନ ଓ ତୃଷ୍ଣାର୍ଥକୁ ଜଳରୂପୀ ଭଗବାନ ପହଞ୍ଚାଇ ଦିଅ। ପ୍ରତ୍ୟେକ ଅସହାୟ ବ୍ୟକ୍ତିର ହୃଦୟ ହେଉଛି ଭଗବାନଙ୍କର ମନ୍ଦିର। ଯେଉଁଠି ଆମେ ସେବ ରୂପକ ନୈବେଦ୍ୟ ଅର୍ପଣ କରିପାରିବା। ତାହା ହିଁ ମାନବ ଜୀବନର ଉଦ୍ଦେଶ୍ୟ, ବଞ୍ଚିବାର ପ୍ରଣାଳୀ ଓ ସାର୍ଥକତା।

**ଆଇନଜୀବୀ, ବଙ୍ଗାଳିସାହି, କଟକ, ଦୂରଭାଷ : ୭୩୨୫୯୦୪୯୨୭/ ୭୩୭୭୪୩୯୦୭୭**
**E-mail : kishorekumarjena.adv@gmail.com**

# ଜୀବନରେ ସୁଆଦ ଅଛି ଦୁଃଖ ନାହିଁ କି ମୃତ୍ୟୁ ନାହିଁ....



ବିପିନ ବିହାରୀ ରାଉତ

କେବଳ ସାରସ୍ୱତ ମହଲ ନୁହେଁ ଓଡ଼ିଶାରେ ଉଣା ଅଧିକେ ସେ ପରିଚିତ ଥିଲେ ଗୋପୀ ବାବୁ ଓରଫ୍ ପଦ୍ମଭୂଷଣ ଗୋପୀନାଥ ମହାନ୍ତି, ବଞ୍ଚିଥିଲେ ଆଜି ତାଙ୍କୁ ଶହେ ଏଗାର ବର୍ଷ ହୋଇଥାନ୍ତା। ସେ ହୋଇଥାନ୍ତେ ଶତାୟୁ ପୁରୁଷ। ଫକୀରମୋହନ ସେନାପତିଙ୍କ ପରେ ଓଡ଼ିଆ ଗଦ୍ୟ ସାହିତ୍ୟକୁ ତାଙ୍କର ଅବଦାନ ଉଚ୍ଚାଙ୍ଗ ଓ ଅବିସ୍ମରଣୀୟ। ତାଙ୍କର କର୍ମମୟ ଜୀବନର ଅଧିକାଂଶ ସମୟ କଟିଥିଲା କୋରାପୁଟ ଜିଲ୍ଲାର ବଣଜଙ୍ଗଲ, ନଦୀ, ନାଳ, ମାଟି, ପବନ, ଆକାଶ ଏବଂ ସେଇ ଅଞ୍ଚଳର ଆଦିବାସୀ ଜନଜୀବନର ଦୁଃଖଦ, ସୁଖଦ ଓ ପ୍ରକୃତି ବିଶ୍ୱାସୀ ମଣିଷମାନଙ୍କ ଭିତରେ। ସେ ନିଜକୁ ସେମାନଙ୍କ ସହିତ ଏପରି ନିବିଡ଼ ଭାବରେ ମିଶାଇ ଦେଇଥିଲେ ଯେ, ଶେଷରେ ଉଭା ହୋଇଥିଲେ ଜଣେ ଆଦିବାସୀ ମଣିଷ ଭାବରେ। ସେ ଓଡ଼ିଆ ଗଦ୍ୟ ସାହିତ୍ୟର ପିତାମହ ବୋଲି ଅଭିହିତ ହୋଇଥିଲେ ମଧ୍ୟ ତାଙ୍କ ସୃଷ୍ଟିରେ ଛନ୍ଦେ ଛନ୍ଦେ ବଳିଷ୍ଠ ଇଂରାଜୀ ନାଟ୍ୟକାର ସେକ୍ସପିୟରଙ୍କ ଭଳି କବିତାର ବାସନା ଉକୁଟି ଉଠେ। ତାଳ, ଲୟ, ଛନ୍ଦ, ସବୁଥିରେ କବିତାର ଭୁରି ଭୁରି ମହକ ପ୍ରତ୍ୟେକ ପାଠକଙ୍କୁ ଆଚ୍ଛନ୍ନ ଓ ଆଚମ୍ବିତ କରେ। ଓଡ଼ିଆ ସାହିତ୍ୟର ବିଶିଷ୍ଟ ସାହିତ୍ୟିକ, ଔପନ୍ୟାସିକ ତଥା ଜ୍ଞାନପୀଠ ପୁରସ୍କାର ବିଜେତା ଗୋପୀନାଥ ମହାନ୍ତି ଏପ୍ରିଲ ୨୦ ତାରିଖ ୧୯୧୪ ମସିହା କଟକର ମହାନଦୀ ନିକଟସ୍ଥ ଏକ ଛୋଟ ଗାଁ ନାଗାବଳିରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କୁ ଓଡ଼ିଆ ସାହିତ୍ୟର ଜଣେ ମହାନ କଥାକାର କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଆ କ୍ଷୁଦ୍ରଗଳ୍ପର ରଚୟିତା ତଥା ଜନକ ଫକୀରମୋହନ ସେନାପତିଙ୍କ ପରେ ଗୋପୀନାଥ ଥିଲେ ଦ୍ୱିତୀୟ ସଫଳ କଥାକାର। ଗୋପୀନାଥ ମହାନ୍ତିଙ୍କ ବଡ଼ଭାଇ କାହ୍ନୁଚରଣ ମହାନ୍ତି ଓ ପୁତୁରା ଗୁରୁପ୍ରସାଦ ମହାନ୍ତିଙ୍କର ଓଡ଼ିଆ ସାହିତ୍ୟ ପ୍ରତି ରହିଥିଲା ଅନେକ ଅବଦାନ। ରେଭେନ୍ସା କଲେଜରେ ଉଚ୍ଚଶିକ୍ଷା ଶେଷ କରିବା ପରେ ସେ ୧୯୩୬ ମସିହାରେ ପାଟନା ବିଶ୍ୱବିଦ୍ୟାଳୟରୁ ଏମ୍.ଏ.ଡିଗ୍ରୀ ହାସଲ କରିଥିଲେ।

୧୯୩୮ ମସିହାରେ ସେ ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ। ପରେ ପରେ ଗୋପୀନାଥ ଲେଖାଲେଖିରେ ମନୋନିବେଶ କରିଥିଲେ। ଧୀରେ ଧୀରେ ଛୋଟ ଛୋଟ ଗଳ୍ପ ତଥା କବିତା ଲେଖୁ ଲେଖୁ ଉପନ୍ୟାସ ଲେଖିବାକୁ ଲାଗିବାକୁ ଆରମ୍ଭ କଲେ। ସେତେବେଳର ସାଧାରଣ ଲୋକ, ନିପଟ ଗାଉଁଲି ଜନସାଧାରଣଙ୍କ ଦୁଃଖ ଦୁର୍ଦ୍ଦଶା ତଥା ନିରଳସ ଜୀବନଧାରଣ ଆଦିକୁ କେନ୍ଦ୍ର କରି ତାଙ୍କର ସାହିତ୍ୟ ବାସ୍ତବତାକୁ କାହାଣୀ ରୂପ ନେଲା। ପ୍ରାୟତଃ ତାଙ୍କ ଲେଖାରେ ଓଡ଼ିଆ ଚଳଣି, ଓଡ଼ିଆ ସଂସ୍କୃତି ଆଦି ସ୍ଥାନ ପାଉଥିଲା। ସାଧାରଣ ମଣିଷର ଭାଷାକୁ ସେ ବାସ୍ତବତାର ରୂପ ଦେଇପାରୁଥିଲେ। ତାଙ୍କ ସାହିତ୍ୟ ଥିଲା ଜୀବନ୍ତ ସାହିତ୍ୟ। ଅସଂଖ୍ୟ ଦୁଃଖୀ ଦରିଦ୍ରଙ୍କ ମନର ଭାଷାକୁ ସେ କାହାଣୀ ମାଧ୍ୟମରେ ଫୁଟାଇ ପାରୁଥିଲେ। ଯାହାକୁ କୁହାଯାଏ ସାଧାରଣ ମଣିଷର କଥାଭାଷା। ଗୋପୀନାଥଙ୍କ ରଚନା ମଧ୍ୟରେ ୨୪ଟି ଉପନ୍ୟାସ, ୧୦ଟି କ୍ଷୁଦ୍ରଗଳ୍ପ, ୩ଟି ନାଟକ, ୨ଟି ଆତ୍ମଜୀବନୀ, ମହତ୍ତ୍ୱପୂର୍ଣ୍ଣ ନିବନ୍ଧର ଦୁଇଟି ସଂସ୍କରଣ, କନ୍ଧ, ଗଦବା ଓ ସୌରା ଜନଜାତିଙ୍କ ଭାଷାରେ ଲିଖିତ ୫ଟି ପୁସ୍ତକ ଓ ବହୁକ୍ଷୁଦ୍ର ଗଳ୍ପ ଅନ୍ୟତମ। ଇଂରାଜୀ ଲେଖକ ଟଲ୍ଷ୍ଟୟଙ୍କ 'ୱାର୍ ଆଣ୍ଡ ପିସ୍'କୁ ଓଡ଼ିଆରେ ଅନୁବାଦ କରିଥିଲେ। ଗୋପୀନାଥଙ୍କ ୪ଟି ଉପନ୍ୟାସ ପରଜା, ଦାନାପାଣି, ଲୟ ବିଲୟକୁ ବିକ୍ରମକେଶରୀ ଦାସ ଅନୁବାଦ କରିଥିବାବେଳେ ଦାଦିବୁଢ଼ାକୁ ଅରୁଣ ମହାନ୍ତି ଅନୁବାଦ କରିଛନ୍ତି। ତେବେ ଗୋପୀନାଥଙ୍କ ଉପନ୍ୟାସକୁ ଇଂରାଜୀରେ ଅନୁବାଦ କରିବାକୁ ଅନୁବାଦକମାନଙ୍କୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡୁଥିଲା। କାରଣ ଉପନ୍ୟାସର ବର୍ଣ୍ଣନା ଶୈଳୀ ତଥା ତାହାର ପ୍ରକୃତ ଭାବକୁ ଇଂରାଜୀରେ ଅନୁବାଦ କରିବା ସହଜ କାର୍ଯ୍ୟ ନଥିଲା। ତାଙ୍କ ରଚିତ ଦାନାପାଣି ଉପନ୍ୟାସ ନେଇ ଆମ ବଲିଉଡ ଫିଲ୍ମ ଇଣ୍ଡଷ୍ଟ୍ରି ଦାନାପାନି ନାମରେ ଫିଲ୍ମ ନିର୍ମାଣ କରିଥିଲା।

୧୯୪୦ ମସିହାରେ ତାଙ୍କର ପ୍ରଥମ ଉପନ୍ୟାସ ମନ ଗହୀର ଚାଷ ପ୍ରକାଶିତ ହୋଇଥିଲା। ତା'ପରେ ୧୯୪୪ରେ ଦାଦିବୁଢ଼ା, ୧୯୪୫ରେ ପରଜା, ୧୯୪୭ରେ ଅମୃତର ସନ୍ତାନ (କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ), ୧୯୪୮ରେ ହରିଜନ, ୧୯୫୦ରେ ଶରତବାବୁଙ୍କ ଗଳି, ୧୯୫୨ରେ ରାହୁର ଛାୟା, ୧୯୫୪ରେ ଦୁଇପତ୍ର ଓ ସପନ ମାଟି, ୧୯୫୫ରେ ଦାନାପାଣି ଓ ଶିବଭାଇ, ୧୯୬୧ରେ ଅପହଞ୍ଚ ଭଳି ଉପନ୍ୟାସ ପ୍ରକାଶିତ ହୋଇଥିଲା। ସେଇଭଳି ଗଳ୍ପଗୁଡ଼ିକ ମଧ୍ୟରେ ୧୯୫୧ରେ ଘାସର ଫୁଲ ଓ ପୋଡ଼ା କପାଳ, ୧୯୫୨ରେ ନବବଧୂ, ୧୯୫୬ରେ ଛାଇ ଆଲୁଅ, ୧୯୬୭ରେ ଗୁପ୍ତଗଙ୍ଗା, ୧୯୬୮ରେ ନାଁ ମନେ ନାହିଁ, ୧୯୭୧ରେ ଉଡ଼ନ୍ତା ଖଇ ପ୍ରମୁଖ ପ୍ରଧାନ। ୧୯୫୫ ମସିହାରେ ଭାରତର ପ୍ରଥମ ଉପନ୍ୟାସ ଭାବରେ ତାଙ୍କର ଅମୃତର ସନ୍ତାନ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଥିଲା। ସେ ମାକ୍ସିମ୍ ଗର୍କି ପାଇଁ ୧୯୭୦ରେ ସୋଭିଏଟ୍ ଲ୍ୟାଣ୍ଡ ନେହେରୁ ପୁରସ୍କାର ପାଇବାକୁ ହକ୍‌ଦାର ହୋଇଥିଲେ। ଟଲ୍‌ଷ୍ଟଙ୍କ ଲିଖିତ ଋଷୀୟ ବହି ୱାର ଆଣ୍ଡ ପିସକୁ ମଧ୍ୟ ଓଡ଼ିଆରେ ଅନୁବାଦ କରିଥିଲେ। ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ୧୯୮୧ ମସିହାରେ ପଦ୍ମ ଭୂଷଣ ଉପାଧି ମିଳିଥିବା ବେଳେ ୧୯୬୪ ମସିହାରେ ରଚିତ ଉପନ୍ୟାସ ମାଟି ମଟାଳ ପାଇଁ ୧୯୭୩ ମସିହାରେ ତାଙ୍କୁ ଜ୍ଞାନପୀଠ ପୁରସ୍କାର ପ୍ରଦାନ କରାଯାଇଥିଲା। ୧୯୭୬ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ଡିଲିଟ୍ ଡିଗ୍ରୀ ହାସଲ କରିଥିଲେ। ୟୁଜିସି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଦ୍ୱାରା ଓଡ଼ିଆରେ ରଚନାତ୍ମକ ଲେଖନ ଶୈଳୀ ପାଇଁ ଭାରତ ସରକାରଙ୍କ ଠାରୁ ୧୯୭୯ରେ ଫେଲୋସିପ୍ ପାଇଥିଲେ। ବିଶେଷକରି ଗୋପୀନାଥଙ୍କ ରଚନାରେ ସାଧାରଣ ମଣିଷର କଥାକୁହା ଭାଷା ଓ ଦୃଶ୍ୟାବଳୀକୁ ବେଶ୍ ଅନୁଭବ କରିହୁଏ। ଗ୍ରାମୀଣ ଜୀବନର ବାସ୍ତବ ରୂପ ତଥା ଆଦିବାସୀଙ୍କ ଜୀବନ କାହାଣୀକୁ ନେଇ ସେ ଲେଖୁଥିଲେ ଉପନ୍ୟାସ। ନିଜ କଳ୍ପନାରେ ସେ ଆଙ୍କି ପାରୁଥିଲେ ଅନେକ ବାସ୍ତବତାର ଚିତ୍ର। ଅଦ୍ୱିତୀୟ ଥିଲା ତାଙ୍କ ଗଦ୍ୟ ଶୈଳୀ। ସେ କହୁଥିଲେ କଳ୍ପନାଶୀଳତା ଜୀବନକୁ ଏକ ଶକ୍ତିଶାଳୀ ଛବିରେ ପରିବର୍ତ୍ତନ କରିଦିଏ। ତାଙ୍କ ଉପନ୍ୟାସରେ ଚିତ୍ରିତ ହୋଇଥିବା ମାନବ ଅସ୍ତିତ୍ୱର ବହୁ ରୂପରେଖାକୁ ସେ ପ୍ରାଥମିକତା ଦେଇଥାନ୍ତି। ଆଜି ତାଙ୍କର ଏହି ଜନ୍ମ ତିଥି ଅବସରରେ ତାଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି।

**ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ, E-mail : bipinrout@rediffmail.com**

# ବିଦ୍ୟା ଅଟଇ ମହାଧନ



ପ୍ରଦୀପ୍ତ କୁମାର କର

ଏ ପାର୍ଥିବ ଜଗତରେ ଈଶ୍ୱର ମନୁଷ୍ୟକୁ ସଂସାରରେ ତାଙ୍କ ଦ୍ୱାରା ସୃଷ୍ଟ ସମସ୍ତ ପ୍ରାଣୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ସ୍ଥାନ ଦେଇଛନ୍ତି। ମନୁଷ୍ୟ ସର୍ବଦା ଉଚ୍ଚ ଆଶା ଓ ସର୍ବୋଚ୍ଚ ଧନୀ ହେବାକୁ ଲକ୍ଷ୍ୟ ରଖି ଥାଏ। ଏହି ଧନ ପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜ ପରିବାର ଭିତରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛନ୍ତି, କେତେ ଅମୂଲ୍ୟ ଜୀବନ ଯାଉଛି, ଲୋକେ ତାଙ୍କର ମାନ ସମ୍ମାନ ହରାଉଛନ୍ତି ତାର ଠିକଣା ନାହିଁ। ସେଥିପାଇଁ ମନୁଷ୍ୟ ସର୍ବଦା ଧନ ସଞ୍ଚୟ କରିବା ପାଇଁ ଅତି ବ୍ୟାକୁଳ। ଯଦିଓ ଟଙ୍କା, ପଇସା, ଜମି ବାଡ଼ି, ହୀରା, ନୀଳା, ସୁନା, ଘର ଦ୍ୱାର, ଇତ୍ୟାଦିକୁ ଧନର ଆଖ୍ୟା ଦେଇଛନ୍ତି କିନ୍ତୁ ପ୍ରାଚୀନ କାଳରୁ ଅଦ୍ୟାବଧି ବିଦ୍ୟାକୁ ମହାଧନ ରୂପେ ଗ୍ରହଣ କରାଯାଇଛି। ଏହା ସମସ୍ତ ଭୌତିକ ଧନ ଠାରୁ ଅନେକ ପୃଥକ୍। ଏହି ପରିପ୍ରେକ୍ଷୀରେ ଭକ୍ତ କବି ମଧୁସୂଦନ ରାଓ ବିଦ୍ୟା ଅଟଇ ମହା ଧନ, ବାଳକେ କର ଉପାର୍ଜନ। ଏହି କବିତାର ପଙ୍କ୍ତିରେ କବି କୋମଳ ମତି ପିଲାମାନଙ୍କୁ ବିଦ୍ୟା ଅଧ୍ୟୟନର ମହତ୍ତ୍ୱ ବିଷୟରେ ବୁଝାଇଛନ୍ତି। ସୃଷ୍ଟିର ଆରମ୍ଭ କାଳରୁ ମନୁଷ୍ୟ ପାର୍ଥିବ ଜଗତର ଜଡ ବସ୍ତୁକୁ ହିଁ ନିଜର ଧନ ସଂପତ୍ତି ଭାବେ ଗ୍ରହଣ କରିଛି ଯାହାକୁ କେବଳ ଆମ ଦେଶ ନୁହେଁ ବରଂ ପୃଥିବୀର ପ୍ରତି ଦେଶର ଲୋକଙ୍କ ଏହି ଚିନ୍ତାଧାରା। ଏହି ଧନ ଲାଳସାରେ ଅତୀତରେ ଅନେକ ବିଦେଶୀଙ୍କ ଆକ୍ରମଣ ବାରମ୍ବାର ଆମ ଦେଶ ଉପରେ ହୋଇଛି ଓ ଇଂରେଜମାନେ ମଧ୍ୟ ଆମ ଦେଶରୁ ବିଭିନ୍ନ ପ୍ରକାରର ଧନ ସଂପତ୍ତି ଅନେକ ଉପାୟରେ ଆମ ଦେଶରୁ ଲୁଟି ନେଇଛନ୍ତି। ମୁଖ୍ୟତଃ ଭୌତିକ ଧନର କ୍ଷୟ ଅଛି, ଚୋରି ଭୟ ରହିଥାଏ କିନ୍ତୁ ବିଦ୍ୟା ଏପରି ଏକ ମନୁଷ୍ୟର ଅଧ୍ୟବସାୟର ଅର୍ଜନ ଯାହାର ନା ଅଛି କ୍ଷୟ ନା ଅଛି ଚୋରି ଭୟ। ସୁତରାଂ ବିଦ୍ୟାକୁ ମହଧନ କୁହାଯାଇଛି। ବିଦ୍ୟା ହିଁ ସବୁ ସ୍ଥାନରେ ଓ ସବୁ ସମୟରେ ବ୍ୟକ୍ତିର ମାନ ସମ୍ମାନ ବୃଦ୍ଧି କରିଥାଏ। ପଣ୍ଡିତ ଚାଣକ୍ୟଙ୍କ ଉକ୍ତିରେ ରାଜା କେବଳ ନିଜ ଦେଶରେ ହିଁ ପୂଜା ପାଏ କିନ୍ତୁ ପଣ୍ଡିତ ବା ବିଦ୍ୱାନମାନେ ସାରା ବିଶ୍ୱରେ ପୂଜା ପାଆନ୍ତି। ଏପରିକି ରାଜା ଭୋଜ, ବିକ୍ରମାଦିତ୍ୟଙ୍କ ଦରବାରରେ ଅନେକ ପଣ୍ଡିତ ନିଜର ବିଦ୍ୟା ଚତୁରି ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି। ସେହିପରି ଅତୀତରେ ଏହି ଭାରତ ବର୍ଷରେ ବାଲ୍ମୀକି, ବ୍ୟାସ, କାଳିଦାସ, ଚନ୍ଦ୍ରଶେଖର, ଉପେନ୍ଦ୍ରଭଞ୍ଜ ପ୍ରମୁଖ ପଣ୍ଡିତମାନେ ଭୌତିକ ଧନକୁ ତୁଚ୍ଛ ମନେ କରି ତାଙ୍କର ବିଦ୍ୟା ବଳରେ ସେମାନଙ୍କ ଯଶ ଅମ୍ଳାନ ହୋଇ ରହିଛି। ବିଦ୍ୟା ହେଉଛି ଏକ ଦିବ୍ୟ ଗୁଣର ପରିପ୍ରକାଶ। ବିଦ୍ୱାନ ବ୍ୟକ୍ତି ଜ୍ଞାନ ଆଲୋକରେ ଭୂଷିତ ହୋଇଥାଏ।

ବିଦ୍ୟା ରୂପକ ଧନରେ ଧନୀ ବ୍ୟକ୍ତିମାନଙ୍କର କୌଣସି ଭୟ ବା କ୍ଷୟର ଚିନ୍ତା ନ ଥାଏ। ସୁତରାଂ ବିଦ୍ୟାକୁ ମହାଧନ୍ କହିବା ସମିଚୀନ ଓ ଯୁକ୍ତି ଯୁକ୍ତ। ଭୌତିକ ଧନ ବିନଶ୍ୱର୍ ହେବାବେଳେ ବିଦ୍ୟାଧନ ଅବିନସ୍ୱର ରୂପେ ପରିଗଣିତ। ବିଦ୍ୟା ମନୁଷ୍ୟକୁ ସତମାର୍ଗରେ ପରିଚାଳିତ କରି ଅମୃତ ଅନୁଭବ କରିବାର ରାସ୍ତା ଦେଖାଇଥାଏ। ଏହି ଦୃଷ୍ଟିରେ ଦେଖିବାକୁ ଗଲେ ବିଦ୍ୟା ମହାଧନ ବୋଲି ବିବେଚନା କରାଯାଏ। ମନୁଷ୍ୟ ଧର୍ମ, କାମ, ଅର୍ଥ ଓ ମୋକ୍ଷ ପାଇଁ ବିଦ୍ୟା ଅପରିହାର୍ଯ୍ୟ। ଧର୍ମ ଦ୍ୱାରା ଚରିତ୍ରିକ ସୁଖ ଲାଭ ହୋଇଥାଏ, ଅର୍ଥ ଦ୍ୱାରା ଜୀବନ ନିର୍ବାହ ସୁଖମୟ ହୋଇଥାଏ, କିନ୍ତୁ କାମନାରୁ ନିବୃତ୍ତି ଓ ମୋକ୍ଷ ପାଇଁ ବିଦ୍ୟା ଆବଶ୍ୟକତା ନିହାତି ଆବଶ୍ୟକ। ବିଦ୍ୟାଦାନ ମଧ୍ୟ ଏକ ଶ୍ରେଷ୍ଠ ଦାନ। ଏଥିରେ ଅର୍ଜିତ ପୁଣ୍ୟ ଜନ୍ମ ଜନ୍ମାନ୍ତର ପାଇଁ ସଞ୍ଚିତ ହୋଇଯାଏ। ବିଦ୍ୟାଧନ ଜୀବନ ଉନ୍ନତିର ଉତ୍ତମ ସହାୟକ ଓ ଏହା ଯୋଗୁଁ ମନୁଷ୍ୟର ଅଜ୍ଞାନତା ଦୂର ହୋଇ ସମାଜରେ ପ୍ରତିଷ୍ଠିତ ହୁଏ। ଅଧ୍ୟବସାୟ ବଳରେ ମନୁଷ୍ୟର ଜ୍ଞାନ ଅର୍ଜନ କରିଥାଏ। ତେଣୁ ଛାତ୍ରଛାତ୍ରୀମାନେ ଜୀବନରେ ନିଜର ଆଳସ୍ୟକୁ ତ୍ୟାଗ କରି ବିଦ୍ୟା ରୂପକ ମହାଧନକୁ ଆଦରି ନେବା ଦରକାର। ସାମ୍ପ୍ରତିକ ପରିସ୍ଥିତିରେ ବିଦ୍ୟାର ଉପାଦେୟତା ଯଥେଷ୍ଟ ପରିମାଣରେ ଅଧିକ ଅଛି। ଶିକ୍ଷକ, ଅଧ୍ୟାପକ, ଆଇନିଜ୍ଞ, ଡାକ୍ତର, ଇଞ୍ଜିନିୟର ଓ ଅନ୍ୟ ବିଦ୍ୟାର ଅଧିକାରୀମାନେ ନିଜର ବିଦ୍ୟାର ଜ୍ଞାନ ଦ୍ୱାରା ସମାଜରେ ନିଜର ସ୍ଥିତି ବଜାୟ ରଖି ଗୌରବାନିତ ହୋଇ ପାରିଛନ୍ତି। ଏବେ କିଛି ବ୍ୟବସାୟୀ ନିଜର ଉପାର୍ଜନ ସଂସ୍ଥା ଖୋଲି ସେଥିରେ ବିଭିନ୍ନ ପ୍ରକାରର ସ୍କୁଲ କଲେଜ, ଖୋଲି ନିଜର ବିଦ୍ୟା ବ୍ୟବସାୟ ଖୁବ୍ ଜୋରଦାର ଭାବରେ ଚଳାଇଛନ୍ତି। ସେଠାରେ ବିଦ୍ୟାକୁ ବିକ୍ରି କରାଯାଉଛି ଯାହା ଫଳରେ ସେଠାରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ମନରେ ବିଦ୍ୟା ପ୍ରତି ଆଗ୍ରହ ସୃଷ୍ଟି ନ ହୋଇ କେବଳ ବାଧ୍ୟ ବାଧକରେ ଯାହା ପାଠ ପଢି ଭବିଶ୍ୱତ ଉପାର୍ଜନ ପାଇଁ ଜାଗ୍ରତ ହେଉଛନ୍ତି ଓ ଅଧ୍ୟାପକ ଓ ଅଧ୍ୟାପିକାମାନେ ମଧ୍ୟ ବିଦ୍ୟା ଯେ ଏକ ମହାଧନ ତାହା ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇବା ପାଇଁ ଏତେ ଟିକିଏ ଚେଷ୍ଟା ମଧ୍ୟ କରୁ ନାହାନ୍ତି। ସାମ୍ପ୍ରତିକ ପରିସ୍ଥିତିରେ ବିଦ୍ୟା ଅର୍ଜନର କ୍ଷେତ୍ର ଅନେକ ପ୍ରଶସ୍ତ ଓ ଅନେକ ପ୍ରକାରର ବିଭାଗ ଖୋଲି ଯାଇଛି ଯାହା ଦ୍ୱାରା ଛାତ୍ରଛାତ୍ରୀମାନେ ଅନେକ ଗବେଷଣା ଓ ଶିକ୍ଷା ଗ୍ରହଣ କରିପାରିବେ। ସର୍ବଦା ମନେ ରଖିବା ଦରକାର ଯେ ସଂସାରରେ ବିଦ୍ୟା ଠାରୁ ଆଉ କୌଣସି ମାର୍ଗ ଅଧିକ ନୁହେଁ ଏହାର ଆଦର ହିଁ ସର୍ବଦା ହୃଦୟରେ ରହିବା ଦରକାର।

**ପ୍ଲଟ ନଂ ୨୫, ସୂର୍ଯ୍ୟ ନଗର, ଭୁବନେଶ୍ୱର, ୯୮୬୧୦୭୫୪୦୪**

## ଗଜପତିରେ କାଳବୈଶାଖୀର ତାଣ୍ଡବ ଉପୁଡ଼ିଲା ଗଛ, ଉଡ଼ିଲା ଛପର



**ପାରଳାଖେମୁଣ୍ଡି,(ଡିକେ ନ୍ୟୁଜ):** ଗଜପତି ଜିଲ୍ଲାର ମୋହନା ଓ ଆର୍.ଉଦୟଗିରି ବ୍ଲକରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଥିଲା। ଯାହା ଫଳରେ ପ୍ରବଳ ବେଗରେ ପବନ ବୋହିବା ଯୋଗୁଁ ଯାହା ଫଳରେ ଅଧିକାଂଶ ଲୋକଙ୍କ ଘରର ଛପର ଉଡିଯିବା ସହ କେତେକ ସ୍ଥାନରେ ପୁରାତନ ଗଛ ଉପୁଡି ଯାଇଥିବା ଦେଖିବାକୁ ମିଳିଥିଲା। ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହି ତାଣ୍ଡବରେ ମୋହନା ବ୍ଲକ ଅନ୍ତର୍ଗତ ଲିଲିଗଡ଼ ପଞ୍ଚାୟତ ଡେଙ୍ଗାଆମ୍ବ ଗାଁରେ ବର୍ଷା ପବନ ଯୋଗୁ ଗୁଡୁ ମଳିକ, କାଳୁ ମଳିକ, ରବି ମଳିକଙ୍କ ଟିଣ ଛପର ଉଡ଼ାଇ ନେବା ଫଳରେ ଘରେ ଗଚ୍ଛିତ ରଖା ଯାଇଥିବା ଧାନ, ଚାଉଳ ଆସବାବପତ୍ର ନଷ୍ଟ ହୋଇ ଯାଇଛି। ସେମିତି ଆର୍ ଉଦୟଗିରୀ ବ୍ଲକ ରାମଗିରି ଗାଁରେ ପ୍ରସିଦ୍ଧ ମା' କୁରେଇସୁଣି ମନ୍ଦିର ପରିସରରେ ଥିବା ଯୁବକ ସଂଘ ଗୃହର ସମ୍ପୂର୍ଣ୍ଣ ଟିଣ ଛପର ଉଡିଯାଇଛି। ଏହି କାଳବୈଶାଖୀର ତାଣ୍ଡବ ଯୋଗୁଁ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା।

# ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କଲେ ରାଜ୍ୟପାଳ

**ପୁରୀ,(ଡିକେ ନ୍ୟୁଜ):** ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ରାଜ୍ୟପାଳ ଡ.ହରି ବାବୁ କମ୍ଭମପାଟି ଜିଲ୍ଲାର ସ୍ଥିତି ଓ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ସମୀକ୍ଷା କରିଛନ୍ତି। ସରକାର ଓ ପ୍ରଶାସନ ସାଧାରଣ ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ ସହ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାରେ ଯୋଗ୍ୟତା ଅନୁସାରେ ସେମାନଙ୍କୁ ସାମିଲ କରିବା ଉଚିତ ବୋଲି ସମୀକ୍ଷା ସମୟରେ ରାଜ୍ୟପାଳ କହିଥିଲେ। ଲୋକ ପ୍ରତିନିଧିମାନଙ୍କୁ ଏ ସମସ୍ତ କାର୍ଯ୍ୟରେ ସାମିଲ କରାଯିବା ସହ ଏହି ସବୁ କାର୍ଯ୍ୟର ସମୀକ୍ଷା ସେମାନେ କରିବା ଆବଶ୍ୟକ। ପ୍ରଶାସନ ଉପଯୁକ୍ତ ହିତାଧିକାରୀ ଚୟନ ସମୟରେ ସରକାର ପ୍ରଦତ୍ତ ମାର୍ଗଦର୍ଶିକା ଆଧାରରେ ତାଲିକା ପ୍ରସ୍ତୁତ କରିବା ଉଚିତ। ଫଳରେ ଉପକୃତ ହେଉଥିବା ହିତାଧିକାରୀ ଓ ଅପେକ୍ଷା ତାଲିକାରେ ରହୁଥିବା ବ୍ୟକ୍ତିମାନଙ୍କ ଚିହ୍ନଟ ସହଜ ହେବ। ଲୋକମାନଙ୍କୁ ଶୁଣିବା ଓ ସେମାନଙ୍କୁ ସହାୟତା ଯୋଗାଇ ଦେବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଯେ କୌଣସି ପ୍ରକଳ୍ପର ପ୍ରକୃତ ଲକ୍ଷ୍ୟ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବା ସହ ସଫଳତା ହାସଲ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଭୁବନେଶ୍ୱର ରାଜଭବନକୁ ସମ୍ପୂର୍ଣ୍ଣ ସୋଲାର ବା ପିଏମ ସୂର୍ଯ୍ୟ ଘର ଯୋଜନାରେ ସାମିଲ କରାଯାଇଛି। ତେଣୁ ପିଏମ ସୂର୍ଯ୍ୟ ଘର ଯୋଜନା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ସହ ସମସ୍ତ ସରକାରୀ କାର୍ଯ୍ୟାଳୟ ମାନଙ୍କରେ ଏହାର ଉପଯୋଗ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୀ ଲୋକ ସଭା ସାଂସଦ ଡା ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଓ ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ଯୋଗଦେଇ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲ୍ଲା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ.ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନିଳମାଧବ ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଯୋଜନା ଓ ପର୍ଯ୍ୟାଲୋଚନା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଧର ସେଠୀ, ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କ ସମେତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଯୋଗ ଦେଇଥିଲେ। ଆଇନ ଶୃଙ୍ଖଳା ରକ୍ଷା, ଜଙ୍ଗଲ ବିଭାଗ, ଚିଲିକା ଉନ୍ନୟନ, ମତ୍ସ୍ୟ ସମ୍ପଦ, ପ୍ରାଣୀ ସମ୍ପଦ, ବିଦ୍ୟୁତ, ପର୍ଯ୍ୟଟନ, କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ଗ୍ରାମ୍ୟ ଜଳ ଯୋଗାଣ ଓ ଜଳ ସମ୍ପଦ ଆଦି ବିଭାଗ ସମ୍ପର୍କରେ ରାଜ୍ୟପାଳ ସମୀକ୍ଷା କରିବା ସହ ବିଭିନ୍ନ ପରାମର୍ଶ ଦେଇଥିଲେ। ଲୋକଙ୍କ ହିତ ପାଇଁ କାର୍ଯ୍ୟ କରିବାର ଅଛି। ତେଣୁ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଅଧିକ କରିବାର ମାନସିକତା ରଖିବା। ରାଜ୍ୟରେ ସମସ୍ତ ସୁବିଧା ସୁଯୋଗ ରହିଛି ତେଣୁ ସମସ୍ତଙ୍କ ସହଯୋଗରେ ଏହାକୁ ବିକଶିତ ଓଡିଶାରେ ପରିଣତ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ।



# ଜିଲ୍ଲାସ୍ତରୀୟ ଓଡ଼ିଆ ସପ୍ତାହ ପାଳିତ



**ଖୋର୍ଦ୍ଧା,(ଡିକେ ନ୍ୟୁଜ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧକ୍ଷତାରେ ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ଓଡ଼ିଆ ସପ୍ତାହ ପାଳିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ପ୍ରତି ବର୍ଷ ଏପ୍ରିଲ ୧୫ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ସପ୍ତାହ ଭାବେ ପାଳନ କରାଯିବା ସହ ଓଡ଼ିଶାର ଇତିହାସ, ପୂର୍ବସୁରୀ ମାନଙ୍କ ବଳିଦାନ, ତ୍ୟାଗ ଆଦର୍ଶ, ବୀରତ୍ୱ ସମ୍ବନ୍ଧରେ ଆଲୋଚନା କରାଯାଇ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଆଦର୍ଶକୁ ଉଜ୍ଜୀବିତ କରି ରଖିବା ନିମନ୍ତେ ସମସ୍ତଙ୍କୁ ସଚେତନ କରାଯିବ। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ସମସ୍ତ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ଖୋର୍ଦ୍ଧାର ଇତିହାସ ଓ ଓଡ଼ିଶା ପ୍ରତି ଏହାର ଅବଦାନ ସଂପର୍କିତ ଓଡ଼ିଆ ପ୍ରବନ୍ଧ ଏବଂ ପାଇକ ବିଦ୍ରୋହ ଓ ଭାରତର ସ୍ୱାଧୀନତା ପ୍ରତି ଏହାର ଅବଦାନ ବିଷୟ ଉପରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ଅଧିକାରୀମାନେ ମୁଖ୍ୟତଃ ଅଂଶ ଗ୍ରହଣ କରିଥିବାବେଳେ ବରିଷ୍ଠ ଓ କନିଷ୍ଠ ରାଜସ୍ୱ ସହାୟକ/ ସହାୟିକାମାନେ ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ଓଡ଼ିଆ ସପ୍ତାହ ପାଳନରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧକ୍ଷତାରେ ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ ଗୀତାଂଶୁ ମୋହନ ଦାଶ, ଡେପୁଟି କଲେକ୍ଟର, ରାଜସ୍ୱ, ନିବେଦିତା ପରିଡ଼ା ବିଚାରକ ମଣ୍ଡଳୀରେ ଆସନ ଅଳଙ୍କୃତ କରିଥିଲେ। ଡେପୁଟି କଲେକ୍ଟର, ଜରୁରୀ, ଶ୍ରିତପା ମିଶ୍ର, ଡେପୁଟି କଲେକ୍ଟର, ପ୍ରତିଷ୍ଠାନ, ଦେବବ୍ରତ କର, ଡେପୁଟି କଲେକ୍ଟର ସୂଚନା ଅଧିକାର ଆଇନ, ଅନନ୍ୟା ସୃଷ୍ଟି ଶତପଥୀ, ଭୁ-ଅର୍ଜନ ଅଧିକାରୀ କ୍ରିଷ୍ଣା କୁମାର ଜେନା, ଡେପୁଟି କଲେକ୍ଟର, ନିର୍ବାଚନ ଓ ନ୍ୟାୟିକ, ମନୋଜ କୁମାର ସେନାପତି, ଡେପୁଟି କଲେକ୍ଟର, ସାଧାରଣ ଓ ବିବିଧ, ପ୍ରଧାନ ଟୁଲିଆମା, ଆସିଷ୍ଟାଣ୍ଟ କଲେକ୍ଟର ଅକ୍ଷୟ କୁମାର ଜେନା, ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସଙ୍କ ସମେତ ସମସ୍ତ କର୍ମଚାରୀମାନେ ଉପସ୍ଥିତଥିଲେ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସମ୍ବଲପୁର ଶାଖାର ସ୍ୱତନ୍ତ୍ର ବୈଠକ



**ସମ୍ବଲପୁର,(ଡିକେ ନ୍ୟୁଜ):** ସମ୍ବଲପୁର ବୁଢ଼ାରଜା ପାହାଡେଶ୍ୱର ମନ୍ଦିର ପରିସରେ ସମ୍ବଲପୁର ଜିଲ୍ଲା ଓଡ଼ିଶା ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ସ୍ୱତନ୍ତ୍ର ବୈଠକ ସଭାପତି ପ୍ରକୃତି ବନ୍ଧୁ ଡ.ବଂଶୀଧର କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ସଂଘର ମୁଖ୍ୟ ଉପଦେଷ୍ଟା ସେବାନିବୃତ୍ତ ପ୍ରଶାସକ ସିତାଂଶୁ ତ୍ରିପାଠୀ, ଉପଦେଷ୍ଟା ଡ.ବିନୋଦବିହାରୀ ନାଏକ, ଉପ-ସଭାପତି ତେଜରାଜ ପଣ୍ଡା, ସଚ୍ଚିଦାନନ୍ଦ ପ୍ରଧାନ, ରାମନାରାୟଣ ପାଢୀ, ସୁରେନ୍ଦ୍ର କୁମାର ସାହୁ,ସରୋଜ ସାମନ୍ତରାୟଙ୍କ ସହ ଅନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। ସଭାରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ଉପରେ ବିଷଦ ଆଲୋଚନା କରାଯାଇଥିଲା। ରାଜ୍ୟସରକାର କର୍ମଚାରୀ ତଥା ପେନସନ ଭୋଗୀଙ୍କ ଦୁଇ ପ୍ରତିଶତ ମହଙ୍ଗାଭତ୍ତା ବୃଦ୍ଧି କରିବା, ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ପେନସନ ଭୋଗୀ, ଆୟକର ଦାତା, ୭୦ ବର୍ଷରୁ ଉର୍ଦ୍ଧ୍ୱଙ୍କୁ ବୟୋ ବନ୍ଦନା ଯୋଜନାରେ ସାମିଲ କରିଥିବାରୁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କୁ ସଂଘ ପକ୍ଷରୁ ସାଧୁବାଦ ଜଣାଯାଇଛି। ବରିଷ୍ଠ ନାଗରିକମାନଙ୍କୁ ରେଳଯାତ୍ରା କ୍ଷେତ୍ରରେ ଟିକେଟ ମୂଲ୍ୟରେ ରିହାତି ପ୍ରଥାର ପୁନଃ ଚାଲୁ କରିବା ପାଇଁ ସଂଘ ପକ୍ଷରୁ ନିବେଦନ କରାଯାଇଛି। ସେହିପରି ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଶୀତଳଷଷ୍ଠି ଯାତ୍ରା ସମୟରେ ସଂଘ ପକ୍ଷରୁ ଜନସାଧାରଣଙ୍କୁ ପାନୀୟଜଳ ବ୍ୟବସ୍ଥା ତଥା ବିଭିନ୍ନ ସେବା କିପରି ଯୋଗାଇ ଦିଆଯିବ ସେ ବିଷୟରେ ପୂର୍ବ ପ୍ରସ୍ତୁତି ହୋଇଥିଲା।

## ମହିଳା କମିଶନଙ୍କ ହସ୍ତକ୍ଷେପ ପରେ ରୁଜୁ ହେଲା ମାମଲା

# ସ୍କୁଲ ଛାତ୍ରୀଙ୍କୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗ : ଜେଲ ଗଲେ ଶିକ୍ଷକ

**କଳାହାଣ୍ଡି,(ଡିକେ ନ୍ୟୁଜ):** ଜଣେ ନାବାଳିକା ସ୍କୁଲ ଛାତ୍ରୀଙ୍କୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ଜଣେ ଶିକ୍ଷକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଅମ୍ବାଦଳା ପୁଲିସ। କଳାହାଣ୍ଡି-ରାୟଗଡ଼ା ଜିଲ୍ଲା ସୀମାନ୍ତରେ ଘଟିଥିବା ଏହି ଘଟଣାଟି ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଅଭିଯୋଗ ଅନୁଯାୟୀ, ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଥାନାଞ୍ଚଳର ଜଣେ ନାବାଳିକା ଛାତ୍ରୀ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ସୀମାନ୍ତ ଭୁର୍ଟିଗଡ଼ ହାଇସ୍କୁଲରେ ନବମ ଶ୍ରେଣୀରେ ପାଠ ପଢୁଥିଲା। ସେଇ ସ୍କୁଲରେ ଶିକ୍ଷକତା କରୁଥିବା ଜଣେ ଶିକ୍ଷକ ଶେଷଦେବ ପାତ୍ର ସମ୍ପୃକ୍ତ ଛାତ୍ରୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ଅପହରଣ ଓ ଦୁଷ୍କର୍ମ କରିବା ଅଭିଯୋଗରେ ଆଜି ଅମ୍ବାଦଳା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ଅମ୍ବାଦଳା ଥାନାରେ କେସ ନଂ ୯୮/ ୨୦୨୫ ତଥା ଭାରତୀୟ ନ୍ୟାୟ ସଂହିତା ୬୪(୨)(ଏମ), ୧୩୭(୨)ରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି। ଅମ୍ବାଦଳା ଥାନାଧିକାରୀ କଳ୍ପନା ବେହେରାଙ୍କ ତତ୍ତ୍ୱାବଧାନରେ ଏସଆଇ ମନୋଜ କୁମାର ମାଝୀ ଘଟଣାର ତଦନ୍ତ କରୁଥିବା ଜଣାପଡିଛି। ପନ୍ଦର ଦିନ ପୂର୍ବରୁ ଏହି ଲଜ୍ଜାଜନକ ଘଟଣାଟି ଘଟିଥିବାବେଳେ ଶିକ୍ଷକଙ୍କ ପରିବାର ଲୋକେ ଏହାକୁ ଚାପିଦେବାକୁ ଉଦ୍ୟମ କରିଥିଲେ। କିନ୍ତୁ ପୀଡିତା ଛାତ୍ରୀ ଜଣକ ଧମକ ଚମକକୁ ଭୟ ନକରି ନିଜ ପ୍ରଚେଷ୍ଟାରେ ଭୁବନେଶ୍ୱର ଯାଇ ମହିଳା କମିଶନର ଦ୍ୱାରସ୍ଥ ହେବା ଏବଂ କମିଶନଙ୍କ ହସ୍ତକ୍ଷେପ ପରେ ଭୁବନେଶ୍ୱର ମହିଳା ଥାନାରେ ଜିରୋ ଏଫଆଇଆର ରୁଜୁ ହୋଇଥିଲା। ପରେ ମାମଲାଟି ଅମ୍ବାଦଳା ଥାନାକୁ ସ୍ଥାନାନ୍ତର ହେବା ପରେ ଏହାକୁ ଗୁରୁତ୍ୱର ସହିତ ନେଇ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଏପରିକି ଫେରାର ଥିବା ଅଭିଯୁକ୍ତ ଶିକ୍ଷକକୁ ଖୋଜାଖୋଜି କରି ଆଜି ଗିରଫ କରିବା ସହିତ କୋର୍ଟଚାଲାଣ କରାଯାଇଛି। ସେହିପରି ପୀଡ଼ିତାଙ୍କୁ ଡାକ୍ତରୀ ମାଇନା କରିବା ପରେ ସିଡବ୍ଲ୍ୟୁସି ନିକଟରେ ହାଜର କରାଯାଇଛି। ଅପରପକ୍ଷରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଉପସ୍ଥିତିରେ ପୀଡ଼ିତାଙ୍କ ପରିବାରର ବୟାନ ରେକର୍ଡ କରାଯାଇଛି।

## ଗୌରୀ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ ସମାପିତ

**ପାରଳାଖେମୁଣ୍ଡି,(ଡିକେ ନ୍ୟୁଜ):** ଗଜପତି ଜିଲ୍ଲାର କାଶୀନଗର ବ୍ଲକରେ ଥିବା ଗୋରିବନ୍ଧା ପଞ୍ଚାୟତ ଅନ୍ତର୍ଗତ ଖୁରିଗାଁ ଠାରେ ଗୌରୀ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମାପିତ ହୋଇଯାଇଛି। ୧୬ ତାରିଖରୁ ୧୮ ତାରିଖ ଯାଏଁ ଏ ଉପଲକ୍ଷେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ହଜାର ହଜାର ଭକ୍ତ ଭାଗ ନେଇଥିଲେ। ପ୍ରକାଶ ଯୋଗ୍ୟ ଯେ , ଗଜପତି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି . ତିରୁପତି ରାଓଙ୍କ ପିତା ପ୍ରଥମେ ଏକ ଛୋଟ ମନ୍ଦିର ନିର୍ମାଣ କରାଇଥିଲେ ଓ ତାହା କ୍ରମଶଃ ସୌନ୍ଦର୍ଯ୍ୟ ହରାଇ ନଷ୍ଟ ହେବାରେ ଲାଗିଥିଲା। ଯାତାୟାତର ସୁବିଧା ନଥିବାରୁ ବହୁ ଲୋକ ସେଠାକୁ ଯାଇ ପାରୁ ନଥିଲେ। ଅଧକ୍ଷଙ୍କ ନିଷ୍ଠାପର ଉଦ୍ୟମ ଫଳରେ ବର୍ତ୍ତମାନ ଉକ୍ତ ଜାଗାରେ ଗୌରୀ ନୀଳକଣ୍ଠେଶ୍ୱରଙ୍କୁ ସମର୍ପିତ ଏକ ଭବ୍ୟ ମନ୍ଦିର ନିର୍ମିତ ହୋଇପାରିଛି। ଶୁକ୍ରବାର ଦିନ ଯଜ୍ଞରେ ପୂର୍ଣାହୂତି ଦିଆଯିବା ଅବସରରେ ମନ୍ଦିର ପରିଚାଳନା ଟ୍ରଷ୍ଟର ମୁଖ୍ୟ ତଥା ଜିଲ୍ଲା ପରିଷଦ ଅଧକ୍ଷ ଓ ତାଙ୍କ ଧର୍ମପତ୍ନୀ ନିର୍ମଳା କର୍ତ୍ତା ଆସନ ଅଳଙ୍କୃତ କରିଥିବା ବେଳେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ହାଇଟେକ୍ ମେଡିକାଲ କଲେଜ ପରିଚାଳନା କମିଟି ସଭାପତି ତିରୁପତି ପାଣିଗ୍ରାହୀ, ବିଜେଡିର ଗଜପତି ଜିଲ୍ଲା ସଭାପତି ପ୍ରଦୀପ ନାୟକ, କାଶୀନଗର ପଞ୍ଚାୟତ ସମିତି ଅଧକ୍ଷା ବି. ସାୟାମ୍ମାଙ୍କ ସମେତ ସ୍ଥାନୀୟ ବହୁ ଜନପ୍ରତିନିଧି ଓ ଶ୍ରଦ୍ଧାଳୁ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ। ଶତାଧିକ ଯୁବକଙ୍କ ଦ୍ୱାରା ୧୧ ଦିନ ଧରି ଚାଲିଥିବା ଓଁ ନମଃ ଶିବାୟ ଜପ କାର୍ଯ୍ୟକ୍ରମ ବି ଉଦଯାପିତ ହୋଇଥିଲା। ମନ୍ଦିରର ପୁନରୁଦ୍ଧାର ଓ ନବ ନିର୍ମାଣ ପାଇଁ ଯେଉଁମାନେ ମୁକ୍ତ ହସ୍ତରେ ଦାନ କରିଛନ୍ତି, ସେମାନଙ୍କୁ ଉଲ୍ଲେଖିତ ଟ୍ରଷ୍ଟ ପକ୍ଷରୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରା ଯାଇଛି।

# କାଜୁଜଙ୍ଗଲକୁ ନେଇ ୨ ଗାଁ ଭିତରେ ସଂଘର୍ଷ : ୩୦ରୁ ଉର୍ଦ୍ଧ୍ୱ ଆହତ



**ଅସ୍ତରଙ୍ଗ,(ଡିକେ ନ୍ୟୁଜ):** ଅସ୍ତରଙ୍ଗ ବ୍ଲକ ନଗର ପଞ୍ଚାୟତରେ ଘଟିଛି ଏକ ଅଭାବନୀୟ ଘଟଣା। କାଜୁ ଜଙ୍ଗଲକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଭୟାନକ ସଂଘର୍ଷ ହେବାରୁ ୩୦ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଥିବା ବେଳେ ୭ ଜଣ ଗୁରୁତରଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ ବାଲିଡିଆ ଗ୍ରାମରେ ୬୦ରୁ ଉର୍ଦ୍ଧ ପରିବାର ଦେବୀ ନଦୀ ଅପରପାର୍ଶ୍ୱରେ ଥିବା ବାଲିବନ୍ତରେ ଦୀର୍ଘ ୨୦ ବର୍ଷ ଆଗରୁ କାଜୁ ଜଙ୍ଗଲ ସୃଷ୍ଟି କରି ସେଠାରୁ କାଜୁ ତୋଳି ନିଜ ନିଜର ଆର୍ଥିକ ଗୁଜୁରାଣ ମେଣ୍ଟାଇ ଆସୁଥିଲେ। ମାତ୍ର ଶନିବାର ସକାଳୁ ଉକ୍ତ ପରିବାରର ସଦସ୍ୟମାନେ ଡ଼ଙ୍ଗାରେ ଯାଇ କାଜୁ ଜଙ୍ଗଲରେ କାଜୁ ମଞ୍ଜି ତୋଳୁଥିବା ସମୟରେ ଅପରପାର୍ଶ୍ୱରେ ସୁନେଇଡିଆ ଅଞ୍ଚଳର ହାରାହାରି ୫୦୦ ଶହ ଲୋକ ହାତରେ ଠେଙ୍ଗା, ବାଡ଼ି, ଭୁଜାଲି କଟୁରୀ କାଚ ବୋତଲ ଧରି ବାଲିଡିଆ ଗ୍ରାମ ଲୋକଙ୍କ ସହିତ ଝଗଡା କରିବା ସହିତ ସଙ୍ଘବଧ ଆକ୍ରମଣ କରିଥିଲେ। ଏହି ଆକ୍ରମଣ ରେ ବାଲିଡିଆ ଗ୍ରାମର ବୟସ୍କ ବ୍ୟକ୍ତି, ଯୁବକ ଓ ମହିଳା ମିଶି ପାଖାପାଖି ୩୦ଜଣ ଆହତ ହୋଇଥିବା ସୂଚନା ମିଳିଛି। ଆକ୍ରମଣ ଖବର ପାଇବା ପରେ ବାଲିଡିହା ଗ୍ରାମବାସୀମାନେ ଡ଼ଙ୍ଗା ନେଇ କିଛି ଆହତ ଲୋକମାନଙ୍କୁ ଜଙ୍ଗଲରୁ ଉଦ୍ଧାର କରି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରି ସେମାନଙ୍କ ଚିକିତ୍ସା କରାଇଥିଲେ। ଆଉ କେତେକ ଆହତମାନଙ୍କୁ ଅସ୍ତରଙ୍ଗ ପୋଲିସ ସହାୟତାରେ ଚିକିତ୍ସା କରାଯାଇଥିଲା। ସେଥି ମଧ୍ୟରୁ ଗୁରୁତ୍ୱର ଆହତ ବ୍ୟକ୍ତି ଲୋକନାଥ ବେହେରା (୫୫) ବିଦ୍ୟାଧର ବେହେରା (୬୦) ଧୁଶାସନ ବେହେରା (୮୦) ଉଗ୍ରସେନ ବେହେରା (୬୪)ସୁନ୍ଦର ବେହେରା (୬୦) ଚହଲି ବେହେରା (୭୫)ରବିନ୍ଦ୍ର ବେହେରା (୬୦)ଙ୍କୁ ମୁଣ୍ଡରେ ଆଘାତ ଲାଗିବା କାରଣରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାତରିତ କରାଯାଇଛି। ସଂଘର୍ଷ ଖବର ପାଇ ନିମାପଡା ଡିଏସପି ଜନାର୍ଦ୍ଦନ ପତି, ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିଆରସିଂଙ୍କ ଏକ ଟିମ ପୋଲିସ ଫୋର୍ସ ସହିତ ଅସ୍ତରଙ୍ଗ ଡାକ୍ତର ଖାନା ଏବଂ ଘଟଣା ସ୍ଥଳରେ ପହଁଞ୍ଚି ତଦନ୍ତ ଜାରି ରଖିଛନ୍ତି। ବହୁ ଗୁରୁତ୍ୱ ପୂର୍ଣ୍ଣ ଘଟଣା ହେଲା ଗୋଟେ ପଟେ ବାଲିଡିଆ ଗ୍ରାମବାସୀ ଏହି କାଜୁ ଜଙ୍ଗଲ ସେମାନଙ୍କର ଦାବି କରିଥିବା ବେଳେ ତରାସାହି ସୁନେଇଡିଆ ଲୋକ ତାଙ୍କର ଜମି ବୋଲି ଦାବି କରିଛନ୍ତି। ଏବେ ଏଇ ସଂଘର୍ଷ ପରେ ଦେଖିବାକୁ ବାକିରହିଲା ଉକ୍ତ କାଜୁ ଜଙ୍ଗଲ କାହାର ତାହା ପ୍ରଶାସନର ତଦନ୍ତ ପରେ ଜଣାପଡିବ। ଅନେକ ଆହତମାନଙ୍କ ମୁଣ୍ଡ ଗୋଡ଼ ଏବଂ ଶରୀରର ଅନ୍ୟ ସ୍ଥାନରେ ଆଘାତ ଲାଗିଥିବାରୁ ଏବେ ଏହି ଅଞ୍ଚଳରେ ଏକ ପ୍ରକାର ଭୟାର ବାତାବରଣ ସୃଷ୍ଟି ହୋଇଥିବା ବେଳେ ସ୍ଥାନୀୟ ପୋଲିସ ଘଟଣାକୁ ନେଇ ଅଧିକ ତଦନ୍ତ ଆରମ୍ଭ କରିଛନ୍ତି।

# ମୌଳିକ ସୁବିଧାରୁ ବଞ୍ଚିତ କେନ୍ଦ୍ରା ଗ୍ରାମର ଜନଜାତି



**ରାୟଗଡା /ଚନ୍ଦ୍ରପୁରୁ,(ଡିକେ ନ୍ୟୁଜ):** ଦେଶ ସ୍ୱାଧୀନ ହୋଇ ୭୮ ବର୍ଷ ବିତିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ମୌଳିକ ସୁିଧାରୁ ବଞ୍ଚିତ ବେହା ସହ ବିକାଶ ସାତସପନ ହୋଇ ଯାଇଛି ରାୟଗଡା ଜିଲ୍ଲାର ଜନଜାତି ବହୁଳ ଚନ୍ଦ୍ରପୁର ବ୍ଲକ ବିଜାପୁର ପଞ୍ଚାୟତ କେନ୍ଦ୍ରା ଗ୍ରାମର ଜନଜାତି ବାସିନ୍ଦାଙ୍କ ପାଇଁ। କଂଗ୍ରେସ ସରକାର ତିନି ଦଶନ୍ଧୀ ଓଡିଶାକୁ ଶାସନ କଲା ପରେ ଦୀର୍ଘ ୨୪ ବର୍ଷ କାଳ ବିଜେଡି ସରକାର ଶାସନ କଲେ। ସେମାନେ ନାରା ଦେଇଥିଲେ ମା'କୁ ସମ୍ମାନ ଗାଁ କୁ ରାସ୍ତା, ପାନୀୟ ଜଳର ସୁବିଧା, ବିଜୁଳି ଆଲୋକିକରଣ, ଶିକ୍ଷାର ଉନ୍ନତି, କିନ୍ତୁ ଏ ନାରା ନିରୀହ କେନ୍ଦ୍ରା ଗ୍ରାମର ଜନ ଜାତିଙ୍କ ପାଇଁ ଆଜି ପର୍ଯ୍ୟନ୍ତ ସ୍ୱପ୍ନରେ ପରିଣତ ହୋଇଛି। ନିର୍ବାଚନ ଆସିଲେ ପୁଳାପୁଳା ନେତା ମାନଙ୍କର ସୁଅ ଛୁଟେ ଏହି ଗ୍ରାମକୁ, ହାତୀ ଦୋ ଘୋଡା ଦେବୀ ଗାଁ ର ସବୁ ସୁବିଧା କରାଇ ଦେବି ଏପରି ଅନେକ ଲୋଭ ଭରା ପ୍ରତି ଶୃତି ଦେଇ ଭୋଟ ନେଇ ରାଜ ସିଂହାସନରେ ବସିଲା ପରେ ଆଉ କେନ୍ଦ୍ରା ଗ୍ରାମର ଜନଜାତିଙ୍କ କଥା ମନେ ପଡେ ନାହିଁ। ପୁନଶ୍ଚ ଭୋଟ ଆସିଲେ ଏହି ଗ୍ରାମକୁ ନେତା ଅଧୀକାରୀଙ୍କ ଭିଡ ଜମେ ଭୋଟ ହାତେଇବା ପାଇଁ। ହେଲେ ଏହି ଗ୍ରାମବାସୀ କେଉଁ ପରିସ୍ଥିତିରେ ଅଛନ୍ତି, ତାଙ୍କର ଶିକ୍ଷାର ବ୍ୟବସ୍ଥା, ରାସ୍ତା ଘାଟ, ପିଇବା ପାଣି, ବିଦ୍ୟୁତ୍, ଆବାସ ଯୋଜନା ସମେତ କୌଣସି ବିକାଶର ଚିତ୍ର ଦେଖିବାକୁ ମିଳୁନାହିଁ। ଜହ୍ନ ଆଲୁଅରେ ରାତି ବିତୁଛି, ଚୁଆପାଣିରେ ତୃଷା ମେଣ୍ଟୁଛି, ଭଙ୍ଗା କୁଡିଆରେ ଦିନ କଟୁଛି, ରାସ୍ତା ନଥାଇ ଜଙ୍ଗଲ ଓ ପାହାଡରେ ପାଦଚଲା ରାସ୍ତା ଭାଗ୍ୟ ଆଦରିଛି। ସରକାରଙ୍କ ଶିକ୍ଷା ନୀତି ବିଦ୍ୟାଳୟ ନଥାଇ କାଗଜ କଲମରେ ପଢା ଚାଲିଛି। ଆବାସ ଯୋଜନା କଥା ନ କହିବା ବରଂ ଭଲ। ଏପରି ନିଅଣ୍ଟିଆ ମୌଳିକ ବିକାଶର ଅଭାବନୀୟ ପରିସ୍ଥିତି ଜିଲ୍ଲାପାଳ, ବିଡିଓ, ତହସିଲଦାର ଓ ନେତାଙ୍କ ପାଦ ପଡି ନଥିବା ବେଳେ ଏହି ଗ୍ରାମର ଉନ୍ନତି ପାଇଁ ଆଗ୍ରହ ପରିଲକ୍ଷିତ ହେଉ ନାହିଁ, ସତେ ଯେମିତି ଚନ୍ଦ୍ରପୁରୁ ବ୍ଲକରେ ଏହି ଗ୍ରାମଟି ସାବତ ପୁଅ ସଦୃଶ୍ୟ ପାଲଟିଯାଇଛି। ଅଧିକାରୀମାନଙ୍କ ପାଦ ପଡିଲେ ବି ଏହି ଗ୍ରାମର ବିକାଶ ନାଁ ନେଇ ନେତା ଅଫିସର ଲୁଟି ଖାଉଛନ୍ତି। ସରକାରୀ ଯୋଜନା ବିଷୟରେ ଏମାନେ ଅଜ୍ଞ, କୃଷି ସାମଗ୍ରୀ ଠାରୁ ଅନ୍ୟାନ୍ୟ ସୁିଧା ସୁଯୋଗ ବ୍ଲକରୁ ମଧ ସେମାନେ ନ ପାଇ ବାଟ ମାରଣ ହେଉଥିବା ଅଭିଯୋଗ ହେଉଛି। ତେଣୁ ଏସୁ ଅଭାବନୀୟ ସମସ୍ୟାର ସମାଧାନ କରିବାକୁ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଥିବା ବେଳେ ଏହି ଗ୍ରାମକୁ ୨୪ ବର୍ଷ ଭିତରେ କଣ କଣ ସରକାରୀ ସାହାଯ୍ୟ ଓ ଉନ୍ନୟନ କାର୍ଯ୍ୟ ହୋଇଛି ତାହା ଗ୍ରାମବାସୀଙ୍କ ଉପସ୍ଥିତିରେ ତର୍ଜମା କରାଗଲେ ବିକାଶର ବାଟବଣା କରିଥିବା ଅଧିକାରୀ ଓ ନେତାଙ୍କ ଦ୍ୱାରା ସମ୍ଭବ ହୋଇଥିବା ଲୋକ ଲୋଚନକୁ ଆସିବ।

## ଶ୍ରମ ନିର୍ଦ୍ଦେଶାଳୟ ନିୟମକୁ ଖୋଲା ଉଲ୍ଲଘଂନ
## ଡହଡହ ଖରାରେ ଚାଲିଛି ପୂର୍ତ୍ତ ବିଭାଗର ଗାର୍ଡୱାଲ କାର୍ଯ୍ୟ

**ନାଉଗାଁ,(ଡିକେ ନ୍ୟୁଜ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ବାଲିଭଉଁରୀ-ଶିଖରଘାଟ ରାସ୍ତା ପୂର୍ତ୍ତ ବିଭାଗ ଅଧିନରେ ରହିଛି। ଏହି ରାସ୍ତାର ପାର୍ଶ୍ୱରେ ଗାର୍ଡ ୱାଲ ନିର୍ମାଣ କରାଯାଉଛି। କିନ୍ତୁ ଏହି ବ୍ଲକ ଅନ୍ତର୍ଗତ ସୁଦ୍ଧକଣ୍ଠି ଗ୍ରାମ ନିକଟରେ ଗ୍ରୀଷ୍ମ ପ୍ରବାହ ପ୍ରଖର ରହିଥିବା ଓ ବାହାରକୁ ବାହାରି ହେଉ ନଥିବା ବେଳେ ନିଯୁକ୍ତ ଠିକାଦାର ପ୍ରାୟ ଦିବା ୧ଟା ସମୟରେ ଡହ ଡହ ଖରାରେ ଶନିବାର ଶ୍ରମିକମାନଙ୍କୁ ନେଇ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଓଡିଶା ସରକାରଙ୍କ ପକ୍ଷରୁ ସମସ୍ତ ସରକାରୀ କାର୍ଯ୍ୟାଳୟକୁ ସକାଳୁ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ତାସହିତ ଗ୍ରୀଷ୍ମ ପ୍ରବାହ ସମ୍ବନ୍ଧରେ ସଚେତନତାମୂଳକ କାର୍ଯ୍ୟକ୍ରମମାନ ଗ୍ରହଣ କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଫଳରେ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଗୁଡିକ ସକାଳ ସମୟରେ ଖୋଲାଯାଉଛି। ସେହିପରି ଅଂଶୁଘାତରୁ ଶ୍ରମିକମାନେ ରକ୍ଷା ପାଇବା ପାଇଁ ଶ୍ରମ ନିର୍ଦ୍ଦେଶାଳୟ ପକ୍ଷରୁ ଶ୍ରମିକମାନେ ୧୧ଟାରୁ ୧୧ଟା ୩୦ମିନିଟ ମଧ୍ୟରେ କାର୍ଯ୍ୟ ବନ୍ଦ ରଖି ପୁନର୍ବାର ଅପରାହ୍ନ ୩ଟା ପରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। କିନ୍ତୁ ପୂର୍ତ୍ତ ବିଭାଗ ପକ୍ଷରୁ ନିଯୁକ୍ତ ହୋଇଥିବା ଠିକାଦାର ଦ୍ୱାରା ଶ୍ରମ ନିର୍ଦ୍ଦେଶାଳୟର ନିୟମକୁ ଖୁଲମଖୁଲା ଉଲ୍ଲଘଂନ କରାଯାଇ ଦିବା ୧ଘଟିଟା ସମୟରେ କାର୍ଯ୍ୟ କରାଯାଉଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏହି ରାସ୍ତାଟି ଜଗତସିଂହପୁର ଜିଲ୍ଲା ସଦର ମହକୁମାରୁ ନାଉଗାଁ ବ୍ଲକ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ବେଳେ ଏହି ରାସ୍ତା ଦେଇ ବିଭାଗୀୟ ଅଧିକାରୀମାନେ ଯାତାୟତ କରୁଛନ୍ତି। ହେଲେ ସଂପୃକ୍ତ ଠିକାଦାର ଓ ପୂର୍ତ୍ତ ବିଭାଗର ଅଧିକାରୀମାନେ ଶ୍ରମ ବିଭାଗର ନିର୍ଦ୍ଦେଶକୁ ଖୁଲମଖୁଲା ଉଲ୍ଲଘଂନ କରାଯାଉଥିବା ବେଳେ ଏହା ଉପରେ କାହାର ନଜର ନ ପଡିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ବିଧାୟକଙ୍କ ଦ୍ୱାରା ଦୁଇଟି ପୋଲର ଭିତ୍ତିପ୍ରସ୍ତର ସ୍ଥାପନ



**ନାଉଗାଁ,(ଡିକେ ନ୍ୟୁଜ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ନାଉଗାଁ ପଂଚାୟତସ୍ଥିତ କୋକିଡିଅ ଠାରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ଦ୍ୱାରା ଗୋବରୀ ନାଳର କୋକିଡିଅ ଏବଂ ଶାଖା ବାଂଶ ପାଇଁ ଦୁଇ ନୂତନ ପୋଲର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ଶନିବାର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ଦାସଙ୍କ ସମେତ ପଂଚାୟତ ସମିତି ଅଧ୍ୟକ୍ଷା ତୃଷ୍ଣା ଲେଙ୍କା, ଉପାଧ୍ୟକ୍ଷ ସୁଜିତ ପୁହାଣ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗନ୍ନାଥ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଓଡିଶା ସରକାରଙ୍କ ଜଳ ସମ୍ପଦ ବିଭାଗର ଜଳ ନିକାସ ବିଭାଗ, ଜଗତସିଂହପୁର ବିଭାଜନ ଅଧିନରେ ଉକ୍ତ ପୋଲର ନିର୍ମାଣ କାର୍ଯ୍ୟ କରାଯିବ। ଏହି ଦୁଇଟି ପୋଲ ନିର୍ମାଣ ପାଇଁ ବିଭାଗ ପକ୍ଷରୁ ୮୬ ଲକ୍ଷ ୧୫ ହଜାର ୧୯୦ ଟଙ୍କାର ଅର୍ଥ ବ୍ୟୟ ବରାଦ କରାଯାଇଥିବା ଜଣାଯାଇଛି। ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ସ୍ଥାନୀୟ ବରିଷ୍ଠ ବିଜେପି ନେତା ପ୍ରଭୁଚରଣ ଦାସ, ଅଶୋକ କୁମାର ମହାନ୍ତି, ଅଲେଖ ସାହୁ, ଯୁବନେତା ତାପସ ଦାସ ଆଦି ଉପସ୍ଥିତ ଥିଲେ।

# ଭିଜିଲାନ୍ସ ଜାଲରେ ଅତିରିକ୍ତ ତହସିଲଦାର



**ସମ୍ବଲପୁର,(ଡିକେ ନ୍ୟୁଜ):** ସମ୍ବଲପୁର ଜିଲ୍ଲା ମାନେଶ୍ୱର ତହସିଲର ଅତିରିକ୍ତ ତହସିଲଦାର ଭୁବନାନନ୍ଦ ସାହୁଙ୍କୁ ଲାଞ୍ଚ ନେବା ବେଳେ ଧରିଛି ଭିଜିଲାନ୍ସ। ଚଷଜମିର କିସମ ପରିବର୍ତ୍ତନ କରିବାକୁ ୬ ହଜାର ଲାଞ୍ଚ ନେଉଥିଲେ ଅତିରିକ୍ତ ତହସିଲଦାର ଭୁବନାନନ୍ଦ ସାହୁ। ମିଳିଥିବା ସୂଚନା ମୁତାବକ ମାନେଶ୍ୱର ତହସିଲର ଅତିରିକ୍ତ ତହସିଲଦାର ଭୁବନାନନ୍ଦ ସାହୁ ଜଣେ ବ୍ୟକ୍ତିଙ୍କୁ ଚଷଜମିର କିସମ ପରିବର୍ତ୍ତନ କରି ଘରବାରି ବ୍ୟବହାରରେ ପରିଣତ କରିବା ଏବଂ ସେମାନଙ୍କ ସପକ୍ଷରେ ଏକ ରେକର୍ଡ ଅଫ୍ ରାଇଟ୍ସ (ଆରଓଆର) ପ୍ରଦାନ କରିବା ପାଇଁ ଲାଞ୍ଚ ମାଗିଥିଲେ। ପ୍ରଥମେ ୧୦,୦୦୦ ଟଙ୍କା ଦାବି କରିଥିଲେ କିନ୍ତୁ ପରେ ଏହି ପରିମାଣକୁ ୬,୦୦୦ ଟଙ୍କାକୁ ହ୍ରାସ କରିଥିଲେ। ଯେତେବେଳେ ଅତିରିକ୍ତ ତହସିଲଦାର ଭୁବନାନନ୍ଦ ସାହୁ ଲାଞ୍ଚ ବିନା ଅଭିଯୋଗକାରୀଙ୍କ ଅନୁରୋଧକୁ ପ୍ରକ୍ରିୟାକରଣ କରିବାକୁ ମନା କରିଦେଲେ, ଅଭିଯୋଗକାରୀ ଓଡ଼ିଶା ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, ଭିଜିଲାନ୍ସ ଆଜି ଅତିରିକ୍ତ ତହସିଲଦାର ସାହୁଙ୍କୁ ଉକ୍ତ ବ୍ୟକ୍ତିଙ୍କଠାରୁ ଲାଞ୍ଚ ନେବା ବେଳେ ଗିରଫ କରିଛି। ଅତିରିକ୍ତ ତହସିଲଦାର ଭୁବନାନନ୍ଦ ସାହୁଙ୍କ ନିକଟରୁ ଲାଞ୍ଚ ଟଙ୍କା ମଧ୍ୟ ଭିଜିଲାନ୍ସ ଦ୍ୱାରା ଜବତ କରାଯାଇଛି। ଅତିରିକ୍ତ ତହସିଲଦାର ଭୁବନାନନ୍ଦ ସାହୁ ଗିରଫ ପରେ, ଭିଜିଲାନ୍ସ ଅଧିକାରୀମାନେ ସମ୍ଭାବ୍ୟ ଆୟ ବର୍ହିଭୂତ ସମ୍ପତ୍ତିର ତଦନ୍ତ ପାଇଁ ତାଙ୍କ କାର୍ଯ୍ୟାଳୟ ସମେତ ତିନୋଟି ସ୍ଥାନରେ ଏକକାଳୀନ ଚଢାଉ କରିଛି। ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ, ୨୦୧୮ର ଧାରା ୭ ଅନୁଯାୟୀ ତାଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ଗଜପତି : ବଣ ଘୁଷୁରୀକୁ ମାରି ୨ ଗିରଫ



**ପାରଳାଖେମୁଣ୍ଡି,(ଡିକେ ନ୍ୟୁଜ):** ଗଜପତି ଜିଲ୍ଲାରେ ବଣ ଘୁଷୁରୀକୁ ମାରି ୨ ଜଣ ଗିରଫ ହୋଇଥିବା ସୂଚନା ମିଳିଛି। ପାରଳାଖେମୁଣ୍ଡି ବନ ଉପଖଣ୍ଡର ଉପଲୋଡ଼ା ଗ୍ରାମର ଶବରା ନଗରର ସିରିଙ୍ଗା ଶବର ଓ ଏସାକୁ ଭୂୟାଁ ୨ ଜଣଙ୍କୁ ବଣ ଘୁଷୁରୀ ମାରିବା ଅଭିଯୋଗରେ ବନ ବିଭାଗ ଗିରଫ କରିଥିବା ସୂଚନା ମିଳିଛି। ଏମାନଙ୍କ ଠାରୁ ୮ କିଲୋ ବଣ ଘୁଷୁରୀ ମାଂସ ୫ ଗୋଟି କୁରାଢ଼ିକୁ ବନ ବିଭାଗ ଜବତ କରିଥିବା ସୂଚନା ଦିଆଯାଇଛି। ଗିରଫ ୨ ଜଣଙ୍କୁ ପାରଳାଖେମୁଣ୍ଡି କୌଟକୁ ଚାଲାଣ କରାଯାଇଛି। ମାନ୍ୟବର କୋର୍ଟ ଏ ଦୁହିଁଙ୍କୁ ପାରଳାଖେମୁଣ୍ଡି ଜେଲ ହାଜତକୁ ପଠାଇ ଦେଇଥିବା ସୂଚନା ମିଳିଛି।

# ନୂତନ ରାସନ କାର୍ଡ଼ ଲାଗି ଇ-କେୱାଇସି ଜରୁରୀ

**ପୁରୀ,(ଡିକେ ନ୍ୟୁଜ):** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ନୂତନ ରାସନ କାର୍ଡ଼ ପାଇଁ ଆବେଦନ କରିଥିବା ସମସ୍ତ ଆବେଦନକାରୀଙ୍କ ଯାଞ୍ଚ ଓ କ୍ଷେତ୍ର ତର୍ଜମା ପରେ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ବର୍ତ୍ତମାନ ନୂତନ ରାସନ କାର୍ଡ଼ ପ୍ରସ୍ତୁତ କରାଯାଉଛି। ଏହି ପରିପ୍ରେକ୍ଷୀରେ ନୂତନ ରାସନ କାର୍ଡ଼ ପ୍ରସ୍ତୁତି ନିମନ୍ତେ ପରିବାରର ସମସ୍ତ ସଦସ୍ୟଙ୍କ ଇ-କେୱାଇସି ଯାଞ୍ଚ ନିହାତି ଜରୁରୀ। ତେଣୁ ଜିଲ୍ଲାର ସମସ୍ତ ଆବେଦନକାରୀ ନିଜ ବ୍ଲକ କିମ୍ବା ପୌରାଞ୍ଚଳରେ ଥିବା ଯୋଗାଣ ନିରୀକ୍ଷକଙ୍କ ସହ ଯୋଗାଯୋଗ କରି ଯଥାଶୀଘ୍ର ଇ-କେୱାଇସି ଯାଞ୍ଚ କରାଇ ନେବାକୁ ଜିଲ୍ଲା ଯୋଗାଣ ଅଧିକାରୀ ସୁବୋଧ ହୋତା ସୂଚନା ଦେଇଛନ୍ତି।

# ବାଜପାୟୀଙ୍କ ଜନ୍ମ ଶତବାର୍ଷିକ ସମାରୋହରେ ବିଜେପି ବରିଷ୍ଠ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

**ପାରାଦୀପ/ଜଗତସିଂହପୁର,(ଡିକେ ନ୍ୟୁଜ):** ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପାୟୀଙ୍କ ଜନ୍ମ ଶତବାର୍ଷିକ ସମାରୋହ ପାଳନ କାର୍ଯ୍ୟକ୍ରମ ଜଗତସିଂହପୁର ଜିଲ୍ଲା ସଂସ୍କୃତି ଭବନ ଠାରେ ଶନିବାର ଦିନ ଆୟୋଜିତ ହୋଇଯାଇଛି। ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ବରିଷ୍ଠ ବିଜେପି ନେତା ସଞ୍ଜୟ ମହାନ୍ତି, ରାଜ କିଶୋର ବେହେରା, ସତ୍ୟ ସାରଥୀ ମହାନ୍ତି, ନୃସିଂହ ସାହୁ ପ୍ରମୁଖ ଯୋଗଦେଇ ବାଜପାୟୀଙ୍କ ସ୍ମୃତି ଚାରଣ କରିଥିଲେ। ସଭାକାର୍ଯ୍ୟ ପରିଚାଳନା କରିଥିଲେ ଜିଲ୍ଲା ଉପ ସଭାପତି ସୌଭାଗ୍ୟ ମହାନ୍ତି। ଏହି ଅବସରରେ ବିଜେପି ଦଳର ବାଜପାୟୀଙ୍କ ସମୟରେ କାର୍ଯ୍ୟ କରିଥିବା କର୍ମକର୍ତ୍ତା ବୀରେନ୍ଦ୍ର ବିଶ୍ୱାଳ, ଶଶାଙ୍କ ଶେଖର ଆଚାର୍ଯ୍ୟ, ରାମ ଚନ୍ଦ୍ର ସ୍ୱାଇଁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ପାରାଦୀପ ନଗର ମଣ୍ଡଳ ସଭାପତି ସୁବ୍ରତ କୁମାର ପ୍ରଧାନ, ପୁରାତନ କାର୍ଯ୍ୟକର୍ତ୍ତା କୈଳାସ ମଲ୍ଲିକ, ପୂର୍ଣ୍ଣ ଚନ୍ଦ୍ର ସେଠୀଙ୍କ ସମେତ ବହୁ ଦଳୀୟ କର୍ମୀ ଓ ନେତା ଉପସ୍ଥିତ ଥିଲେ।



# ଏକରରୁ ଉର୍ଦ୍ଧ୍ୱ ଜବରଦଖଲ ଜଙ୍ଗଲ ଜମିରେ ଅଣ ଓଡ଼ିଆ ଠିକାଦାରଙ୍କ ବେଆଇନ ପାର୍କିଂ



**ଦାନଗଦୀ,(ଡିକେ ନ୍ୟୁଜ):** କଳିଙ୍ଗନଗର ଶିଳ୍ପାଞ୍ଚଳ ଚାରିପାଖରେ ଏକର ଏକର ସରକାରୀ ଜମି ନିର୍ଭୟରେ ବେଧଡକ ଭାବେ ଜବରଦଖଲ ଦିନକୁ ଦିନ ବଢ଼ି ଚାଲିଛି। ପ୍ରଶାସନର ରାଜସ୍ୱ ବିଭାଗ ଓ ଜଙ୍ଗଲ ବିଭାଗ ଏସବୁ ଦେଖି ଜାଣି ନ ଜାଣିଲାର ଅଭିନୟ କରି ନୀରବ ଦ୍ରଷ୍ଟା ସାଜିଛନ୍ତି। ଏପରି ଏକର ଏକର ବେଆଇନ ଜଙ୍ଗଲ ଜମି ଜବରଦଖଲ ହୋଇଥିବା ଦେଖିବାକୁ ମିଳିଛି ଦାନଗଦୀ ତହସିଲ ଅନ୍ତର୍ଗତ ନଡ଼ିଆଭଙ୍ଗା ମୌଜାର ଖାତା ନମ୍ବର ୯୦ ର ପ୍ଲଟ ନମ୍ବର ୯୩ ଓ ୧୦୩ ଜମିରେ। ଏହି ଏକ ଏକରରୁ ଉର୍ଦ୍ଧ୍ୱ ଜାଗାରେ ଏକ ଅଣ ଓଡ଼ିଆ ଠିକାଦାର ଗାଡି ପାର୍କିଂ କରିବା ସହ ଷ୍ଟକୟାର୍ଡ଼ ଭାବେ ବ୍ୟବହାର କରୁଛି। ଏହି ଗାଡି ପାର୍କିଂ ଓ ଷ୍ଟକ ୟାର୍ଡ଼ଟି ଡୁବୁରୀରୁ ଦୈତାରୀ ରାଜ୍ୟରାଜପଥରେ ଯିବା ବେଳେ ରାସ୍ତା ପାର୍ଶ୍ୱରେ ଜାମୁପଶୀ ନିକଟରେ ହୋଇଛି। ଏହି ଜମିର କିସମ ଶାଳ ଜଙ୍ଗଲ (ଅନାବାଦୀ )ଥିବା ବେଳେ ସେହିଠାରେ ଆଗରୁ ଝାଟି ଜଙ୍ଗଲ ଥିଲା। ଏହି ସରକାରୀ ଜମିରୁ ଧୀରେ ଧୀରେ ଜଙ୍ଗଲ ସଫାକରି ଜଙ୍ଗଲ ଓ ରାଜସ୍ୱ ବିଭାଗ ଜାଣତରେ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଜମି ମାଫିଆ ଯୁଏଇ ନାମକ ଜଣେ ବାହାର ଅଣ ଓଡ଼ିଆ ଠିକାସଂସ୍ଥାକୁ ମାସକୁ ଲକ୍ଷାଧିକ ଟଙ୍କାରେ ଭଡା ସୂତ୍ରରେ ଦେଇଥିବା ଅଭିଯୋଗ ହେଉଛି। ବିବେକ ଜୈନ ନାମକ ଜଣେ ଠିକାଦାର ଏହି ଜାଗାକୁ ଧୀରେ ଧୀରେ ପାଚେରୀ କରି ମାଡି ବସି ଶହ ଶହ ଭାରୀ ଯାନ ପାର୍କିଂ କରିବା ଫଳରେ ମାତ୍ରାଧିକ ଧୂଳି ଉଡି ସ୍ଥାନୀୟ ଅଞ୍ଚଳରେ ପ୍ରଦୂଷଣ ବୃଦ୍ଧି ପାଉଥିବା ବେଳେ ଟ୍ରାଫିକ ସମସ୍ୟା ଉପୁଜୁଛି। କଳିଙ୍ଗନଗରରେ ଶିଳ୍ପ ଜନିତ ପ୍ରଦୂଷଣ ଜଙ୍ଗଲ ଓ ସବୁଜ ବଳୟ ଅଭାବ କାରଣରୁ ବୃଦ୍ଧି ପାଉଥିବା ବେଳେ ପ୍ରଶାସନ ଜଙ୍ଗଲ ଜମିରେ ବୃକ୍ଷରୋପଣ କରିବା ପରିବର୍ତ୍ତେ ଦେଖି ନ ଦେଖିଲା ପରି ରକ୍ଷକ ହୋଇ ଭକ୍ଷକ ହେବା ସାଧାରଣରେ ପ୍ରଶ୍ନବାଚୀ ହୋଇଛି। ପ୍ରଶାସନ ଏତେ ପରିମାଣରେ ଜଙ୍ଗଲଜମିକୁ ଅଣ ଓଡ଼ିଆ ଠିକାଦାରଙ୍କ କବ୍‌ଜାରୁ ଉଦ୍ଧାର କରି ନୂତନ ଜଙ୍ଗଲ ସୃଷ୍ଟି କରି ପରିବେଶ ସୁରକ୍ଷା କରିବା ପାଇଁ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀମାନେ ଦାବି କରୁଛନ୍ତି।

# କିଶୋରନଗର ଉଚ୍ଚ ବିଦ୍ୟାଳୟରେ ଏଡ଼ସ ସଚେତନତା କାର୍ଯ୍ୟକ୍ରମ




**ଆଠମଲ୍ଲିକ,(ଡିକେ ନ୍ୟୁଜ):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ କିଶୋରନଗର ବ୍ଲକ କିଶୋରନଗର ଉଚ୍ଚ ବିଦ୍ୟାଳୟର ଜୁନିୟର ରେଡ଼କ୍ରସ୍ ବିଭାଗ ଆନୁକୂଲ୍ୟରେ ଆଜି ବିଦ୍ୟାଳୟ ପରିସରରେ ଏଡ଼ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏଡ଼ସ କାଉନସିଲର ମନୋଜ କୁମାର ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଙ୍କ ବକ୍ତବ୍ୟ ମାଧ୍ୟମରେ ଏଡ଼ସ ରୋଗର ଭୟାଭୟତା ଓ ତା'ର ନିରାକରଣ ଉପରେ ସଚେତନତା ସୃଷ୍ଟି କରିଥିଲେ। ଏଡ଼ସ ରୋଗର ମୁକାବିଲା ପାଇଁ ମିଳୁଥିବା ସରକାରୀ ସୁବିଧା ସୁଯୋଗ ଉପରେ ଅତିଥିମାନେ ଆଲୋଚନା କରିଥିଲେ। ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଜୁନିୟର ରେଡ଼କ୍ରସ୍ କାଉନସିଲର ଚିନ୍ମୟ କୁମାର ଧୁରୁଆ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ଭୈରବ କୁମାର ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଶୁଭ୍ରଜ୍ୟୋତି ପ୍ରଧାନ, ସଞ୍ଜୟିତା ସାହୁ, ଲଭଲି ପ୍ରଧାନ, ଛତ୍ରପତି ସ୍ୱାଇଁ ଓ ଶାଶ୍ୱତ କୁମାର ପ୍ରଧାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ଏଡ଼ସ ସଚେତନତା ସମ୍ବନ୍ଧୀୟ ଲିପଲେଟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# କାଳ ବୈଶାଖୀ ପ୍ରଭାବରେ ଝଡ଼ ତୋଫାନ : ଜମ୍ବୁଦ୍ୱୀପ ମହୋତ୍ସବର ଚତୁର୍ଥ ସନ୍ଧ୍ୟା ବାତିଲ



**କେନ୍ଦ୍ରାପଡ଼ା,(ଡିକେ ନ୍ୟୁଜ):** କାଳବୈଶାଖୀ ପ୍ରଭାବରେ ଶୁକ୍ରବାର ସନ୍ଧ୍ୟାରେ ମହାକାଳପଡ଼ାରେ ପ୍ରବଳ ଝଡ଼ ତୋଫାନ ହୋଇଛି। ଏହାଦ୍ୱାରା ଟେଣ୍ଟ ଭାଙ୍ଗି ଯାଇଥିଲା। ଟେଣ୍ଟ ଭିତରେ ମହୋତ୍ସବ ଦେଖିବା ପାଇଁ ରହିଥିବା ହଜାର ହଜାର ଦର୍ଶକ ଆତଙ୍କିତ ହୋଇପଡିଥିଲେ। ଟେଣ୍ଟ ଭିତରୁ ବାହାରି ଯିବା ପାଇଁ ଲୋକେ ଉଦ୍ୟମ କରୁଥିବା ବେଳେ ଠେଲାପେଲାରେ ୨ ଜଣ ଆହତ ହୋଇଥିଲେ। ଅତିଥି ଭାବେ ଯୋଗଦେବାକୁ ଆସିଥିବା ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୂର୍ତ୍ତବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ, ସାନଖେମୁଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଫେରି ଯାଇଥିଲେ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ କରିବାକୁ ଆସିଥିବା କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ତାଙ୍କ ସାଥୀମାନେ ମଧ୍ୟ କାର୍ଯ୍ୟକ୍ରମ ବାତିଲ ହେବାରୁ ଫେରି ଯାଇଥିଲେ। ଝଡ଼ତୋଫାନ କମିବା ପରେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ଘଟଣା ସ୍ଥଳକୁ ଆସି ସ୍ଥିତି ପରଖିଥିଲେ। ଆହତମାନଙ୍କ ସମ୍ପର୍କରେ ପଚାରି ବୁଝିଥିଲେ। ସେହିପରି କ୍ଷତିଗ୍ରସ୍ତ ହୋଇଥିବା ଦୋକାନୀମାନଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ କ୍ଷୟକ୍ଷତି ଭରଣ କରାଯିବ ବୋଲି ବିଧାୟକ ଡ. ନାୟକ ପ୍ରତିଶ୍ରୁତି ଦେଇଥିଲେ। ସୂଚନା ଥାଉକି ଜମ୍ବୁଦ୍ୱୀପ ମହୋତ୍ସବର ଚତୁର୍ଥ ସନ୍ଧ୍ୟାକୁ ପାଳନ କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଥିଲା। ମଞ୍ଚକୁ ଆସିବା ପାଇଁ ଅପେକ୍ଷା କରିଥିଲେ ଅତିଥି ୨ ମନ୍ତ୍ରୀ ଓ ଦୁଇ ବିଧାୟକ। କିନ୍ତୁ ସମସ୍ତ ଆଶା ଓ ଉଦ୍ଦୀପନାକୁ କାଳବୈଶାଖୀ କ୍ଷଣକରେ ଧୂଳିଶାତ କରିଦେଇଥିଲା। ଏହି ସମୟରେ ଟେଣ୍ଟ ଭିତରେ ଥିବା ହଜାର ହଜାର ଦର୍ଶକ ଜୀବନ ବିକଳରେ ମା' ରାମଚଣ୍ଡୀଙ୍କୁ ପ୍ରାର୍ଥନା କରିଥିଲେ। ସମସ୍ତେ ଟେଣ୍ଟରୁ ବାହାରି ମା'ଙ୍କ ମନ୍ଦିର ପରିସରକୁ ଚାଲିଯାଇଥିଲେ। ଝଡ଼ ତୋଫାନ ଥମିବା ପରେ ବିଧାୟକ ଡ. ନାୟକ ଉତ୍ସବ ସ୍ଥଳକୁ ଆସି ସ୍ଥିତି ପରଖିଥିଲେ। ସଭା ସ୍ଥଳରେ ଆଣ୍ଠୁଏ ପାଣି ଜମିଛି। ଫଳରେ ଉତ୍ସବ ଓ ମେଳା ବନ୍ଦ ରହିଛି। ସଭା ସ୍ଥଳରେ ଥିବା ଏଲସିଡି, ପ୍ରୋଜେକ୍ଟର, ଲ୍ୟାପଟପ କ୍ଷତିଗ୍ରସ୍ତ ହୋଇଛି।

# ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଆ ସପ୍ତାହ ପାଳିତ




**ସୁବର୍ଣ୍ଣପୁର,(ଡିକେ ନ୍ୟୁଜ):** ଓଡ଼ିଆ ଭାଷା ଓ ଲିପିର ସମୃଦ୍ଧି ତଥା ପ୍ରଶାସନିକସ୍ତରରେ ଓଡ଼ିଆ ଭାଷାର ବ୍ୟବହାରିକ କାର୍ଯ୍ୟ ସମ୍ପାଦନକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଓଡ଼ିଆ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ କାର୍ଯ୍ୟାଳୟର ପ୍ରଶାସନିକ କର୍ମଚାରୀଙ୍କ ମଧ୍ୟରେ ସମାଜ ବିକାଶରେ ଆମ ଭାଷା ସଂସ୍କୃତିର ଭୂମିକା ଶୀର୍ଷକରେ ପ୍ରବନ୍ଧ ଲିଖନ ଏବଂ ପ୍ରଶାସନିକ ବିଧି ବ୍ୟବସ୍ଥାରେ ଓଡ଼ିଆ ଭାଷାର ଗୁରୁତ୍ୱକୁ ନେଇ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ସହକାରୀ ଜିଲ୍ଲାପାଳ ଜ୍ୟୋର୍ତିମୟୀ ମଲ୍ଲିକଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସୃଜନାତ୍ମକ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଓ ଡେପୁଟି କଲେକ୍ଟର ଯଶସ୍ୱୀନି ପୋଥାଲ ଅତିଥି ଭାବେ ଯୋଗଦେଇ ପ୍ରଶାସନିକ କାର୍ଯ୍ୟରେ ଓଡ଼ିଆ ଭାଷାର ପ୍ରଚଳନ ସମାଜ ବିକାଶରେ ଗୁରୁତ୍ୱ ରଖେ ବୋଲି କହିବା ସହ ଓଡ଼ିଆ ଲିପି ଓ ଭାଷାର ବ୍ୟବହାର ଦିଗ ପ୍ରତି ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାପାଳ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଓଡ଼ିଆ ଅସ୍ମିତାର ପ୍ରାଚୁର୍ଯ୍ୟକୁ ବଜାୟ ରଖିବାକୁ ସମୂହ ସଂକଳ୍ପ ନିଆଯାଇଥିଲା।

# ପୂର୍ବୋଦୟରେ ଓଡ଼ିଆ ଓ ଓଡ଼ିଶାର ଭୂମିକା ଶୀର୍ଷକ ଆଲୋଚନା

**ପୁରୀ,(ଡିକେ ନ୍ୟୁଜ):** ଆଜି ଥିଲା ପୁରୀ ସାହିତ୍ୟ ମହୋତ୍ସବର ଦ୍ୱିତୀୟ ଦିବସ୍ୟ ସାହିତ୍ୟ ଭିନ୍ନ ବାଣିଜ୍ୟ, ବୈଷୟିକ ଜ୍ଞାନ କୌଶଳ, ସଂସ୍କୃତି, କୃତ୍ରିମ ବୁଦ୍ଧିମତା ଭଳି ବିଭିନ୍ନ ଦିଗରୁ ସାହିତ୍ୟକୁ ଯୋଡ଼ାଯାଇ ଏହା ଉପରେ ବିସ୍ତୃତ ଆଲୋଚନା ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ସତ୍ରରେ ହିନ୍ଦୋଳ ସେନଗୁପ୍ତା, ମଧୂପର୍ଣ୍ଣା ଦାସ ଏବଂ ଅଭିଜିତ ମଜୁମଦାରଙ୍କୁ ନେଇ 'ବର୍ତ୍ତମାନ ସମୟରେ ଲେଖକଙ୍କର ଅବଦାନ' ବିଷୟରେ ଆଲୋଚନା କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଦୀପ୍ ହଳଧର, ନନ୍ଦିନୀ ସେନଗୁପ୍ତା, ତୁହିତ ସିହ୍ନା, ଉତ୍ପଳ କୁମାର, ମୌପିଆ ବାସୁ ପ୍ରମୁଖଙ୍କ ମଧ୍ୟରେ 'ପରିବର୍ତ୍ତନର ସ୍ୱର' ସାମାଜିକ ସମାଲୋଚକ ଏବଂ ସକ୍ରୀୟକର୍ମୀ ଭାବେ ଲେଖକଙ୍କ ଭୂମିକା' ସମ୍ପର୍କରେ ଆଲୋଚନା କରାଯାଇଥିଲା। ତୃତୀୟ ଅଧିବେଶନରେ ରାଘବ କୃଷ୍ଣ, ରାଜୀବ ବାସୁଦେବନ, ଅଜିତ ପଦ୍ମନାଭ ପ୍ରମୁଖ 'ନବୋତ୍ପାଦ ଏବଂ ନବ ଆକାଂକ୍ଷା ଭାରତରେ ଷ୍ଟାର୍ଟ-ଅପ୍ ବିପ୍ଳବ' ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବିଷୟର ପ୍ରାଥମିକ ପର୍ଯ୍ୟାୟରେ ରୋଜାଲିନୀ ପାଟଶାଣୀ ଏବଂ ପ୍ରିୟଦର୍ଶୀ ମିଶ୍ର ବକ୍ତାମାନଙ୍କୁ ପଟ୍ଟଚିତ୍ର ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଡକ୍ଟର ଗୌରହରୀ ଦାସ ଏବଂ ଦାସ ବେନହୁର, କଥାଶିଳ୍ପୀ ଡକ୍ଟର ଇତିରାଣୀ ସାମନ୍ତ, ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ସାହିତ୍ୟିକ ରକ୍ଷକ ନାୟକ, ଓଡ଼ିଆ ଯୁବ କଥାକାର ଦେବବ୍ରତ ଦାସ, ଶୁଭ୍ରାଂଶୁ ପଣ୍ଡା ପ୍ରମୁଖ 'ଏକବିଂଶ ଶତାବ୍ଦୀରେ ଓଡ଼ିଆ ସାହିତ୍ୟ' ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଗୌରହରି ଦାସ ବିଜ୍ଞାନ ଓ ସାହିତ୍ୟ ମଧ୍ୟରେ ପାର୍ଥକ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। '୨୦୩୬ରେ ଓଡ଼ିଶା: ପୂର୍ବୋଦୟର ଓଡ଼ିଶା ଏବଂ ଓଡ଼ିଆଙ୍କ ଭୂମିକା' ବିଷୟ ଉପରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, କଟକ ବାରବାଟି ବିଧାୟିକା ସୋଫିଆ ଫିରଦୋସ୍, ପୂର୍ବତନ ପ୍ରଶାସନିକ ଅଧିକାରୀ ଜିତେନ୍ଦ୍ର ନାଥ ମିଶ୍ର ପ୍ରମୁଖ ଆଲୋଚନା କରିଥିଲେ। ଅମିତ୍ କୁମାର ସିଂହ ଓ ସୋମ୍ ପରିଡ଼ା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷ ଅଧିବେଶନରେ 'ମ୍ୟୁଜ୍ ନା ମେସିନ୍? ଡିଜିଟାଲ୍ ଯୁଗରେ କଳାରେ ଆତ୍ମାର ଅନୁସନ୍ଧାନ' ସମ୍ପର୍କରେ ବକ୍ତା ରବି ଶଙ୍କର ଏଟେଥ୍, ସାଇସ୍ୱରୂପା ଲିୟର, ନମିତ ସକ୍ସେନା ପ୍ରମୁଖ ଆଲୋଚନା କରିଥିଲେ। ପୁରୀ ସାହିତ୍ୟ ମହୋତ୍ସବର ସଦସ୍ୟ ରାକେଶ ବାରିକ, ବାସୁଦେବ ସନତ, ମହେନ୍ଦ୍ର ସିଂ, ପୂର୍ଣ୍ଣିମା ମହାନ୍ତି କଳ୍ପତରୁ ଦାସ, ହିମା ଠାକୁର ଏବଂ ଆଦ୍ୟାଶା ପ୍ରମୁଖଙ୍କ ଦ୍ୱାରା ଅତିଥିମାନଙ୍କୁ ରଘୁରାଜପୁରର ପ୍ରସିଦ୍ଧ ପଟ୍ଟଚିତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରଯାଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ ଯୁବ ଲେଖକ ପୁରସ୍କାରପ୍ରାପ୍ତ ଓମ୍ ପ୍ରିୟଦର୍ଶୀ ଛୋଟରାୟଙ୍କ ସଂକଳନରେ 'ଆଧୁନିକ ଓଡ଼ିଆ ଗଳ୍ପ' ଏବଂ 'ଆଧୁନିକ ଓଡ଼ିଆ କବିତା' ଭଳି ୨ଟି ସଂକଳନ ଉନ୍ମୋଚିତ ହୋଇଥିଲା।



## ଶିକ୍ଷକ ଦମ୍ପତିଙ୍କୁ ଡିଜିଟାଲ ଆରେଷ୍ଟ କରି ୩୫ ଲକ୍ଷ ଠକେଇ ଘଟଣା

# ସାଇବର ଠକଙ୍କୁ ଗୁଜୁରାଟରୁ ବ୍ରହ୍ମପୁର ଆଣିଲା ପୋଲିସ



ବ୍ରହ୍ମପୁର, (ଡିକେ ନ୍ୟୁଜ): କୁକୁଡାଖଣ୍ଡି ବ୍ଲକର ଏକ ଶିକ୍ଷକ ଦମ୍ପତିଙ୍କୁ ଡିଜିଟାଲ ଆରେଷ୍ଟ କରି ପୋଲିସ ଅଧିକାରୀ ଓ ଜଜ୍ ସାଜି ୩୫ ଲକ୍ଷ ଠକେଇ ଘଟଣାରେ ସଂପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗୁରୁରାଟରୁ ଗିରଫ କରି ବ୍ରହ୍ମପୁରକୁ ଆଣିଛି। ଅଭିଯୁକ୍ତ ଜଣଙ୍କ ହେଲେ ରାଜସ୍ଥାନର ସୁବାସ ବାବୁ ରାମ(୩୧) ଅଭିଯୁକ୍ତ ଗୋବିନ୍ଦରାମ ଏକ ମାମଲାରେ ଗିରଫ ହୋଇ ଗୁରୁରାଟର ଭୋଜ ଜିଲ୍ଲା ପଲରା ଜେଲରେ ଥିବା ବ୍ରହ୍ମପୁର ପୋଲିସ ସୂଚନା ପାଇବା ପରେ ଏଠାକାର କୋର୍ଟଙ୍କ ଅନୁମତି ନେଇ ଗୁଜୁରାଟରୁ ତାଙ୍କୁ ବ୍ରହ୍ମପୁର ଆଣିଥିବା ଜଣାପଡିଛି। ଶୁକ୍ରବାର ବ୍ରହ୍ମପୁର ପହଞ୍ଚିବା ପରେ ଅଭିଯୁକ୍ତଙ୍କୁ ଏସଡିଜେଏମ କୋର୍ଟରେ ହାଜର କରାଯାଇଥିଲା । ଏହାପରେ ତାଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି। ପ୍ରକାଶଥାଉକି, ଜାନୁଆରୀ ୨୦ ତାରିଖରେ କୁକୁଡାଖଣ୍ଡି ଅଞ୍ଚଳର ଜଣେ ଶିକ୍ଷୟିତ୍ରୀ ଓ ତାଙ୍କ ଶିକ୍ଷକ ସ୍ୱାମୀଙ୍କ ନିକଟକୁ ଏକ ଅଜଣା ନମ୍ବରରୁ କଲ ଅସିଥିଲା। କଲ କରିଥିବା ବ୍ୟକ୍ତି ଜଣଙ୍କ ଟ୍ରାଇ (ଟେଲିକମ ରଗୁଲେଟରି ଅଥରିଟି ଅଫ ଇଣ୍ଡିଆ)ର ଜଣେ ଅଧିକାରୀ କହୁଛି ବୋଲି ଜଣାଇବା ସହ ଶିକ୍ଷକଙ୍କ ନାମରେ ଥିବା ମୋବାଇଲ ନମ୍ବର ୨ ଘଣ୍ଟା ଭିତରେ ବନ୍ଦ ହୋଇଯିବ ବୋଲି ଜଣାଇଥିଲା। ଶିକ୍ଷକଙ୍କ ଆଧାର କାର୍ଡ ସହ ଲିଙ୍କ ଥିବା ଏକ ମୋବାଇଲ ନମ୍ବର ରହିଛି ଯାହା ନାମରେ ମହାରାଷ୍ଟ୍ରର ଏକ ପୋଲିସ ଥାନାରେ ମାମଲା ରୁଜୁ ହୋଇଛି । ମହିଳାଙ୍କ ସ୍ୱାମୀ ନାମରେ ୨ କୋଟି ୩୮ ଲକ୍ଷ ଟଙ୍କା ହେରରେ ଅଭିଯୋଗ ରହିଛି ଯାହା କାରଣରୁ ତାଙ୍କ ନାମରେ ଆରେଷ୍ଟ ଅର୍ଡର ରହିଛି ବୋଲି ଫେନ କରିଥିବା ବ୍ୟକ୍ତି ଜଣଙ୍କ କହିଥିଲା । ଏହାପରେ ୱାଟସଆପରେ ଯୋଡି ହେବାକୁ କୁହାଯାଇଥିଲା । ସାଇବର ଠକମାନେ ୪ଟି ବିଭିନ୍ନ ମୋବାଇଲ ନମ୍ବରରୁ ତାଙ୍କ ନିକଟକୁ ଭିଡିଓ କଲ କରି ଜଣେ ପୋଲିସ ଅଧିକାରୀ, ଜଣେ ସୁପ୍ରିମ କୋର୍ଟ ଜଜ୍ ଭିଡିଓ କଲରେ ଆସି ଉପରୋକ୍ତ ମାମଲା ସମ୍ପର୍କରେ କହିବା ସହ ଶିକ୍ଷକ ଦମ୍ପତିଙ୍କୁ ଡରାଇ ଡିଜିଟାଲ ଆରେଷ୍ଟ କରି ରଖିଥିଲେ । ଏପରିକି ଉଭୟଙ୍କ ବ୍ୟାଙ୍କ ଆକାଉଣ୍ଟରରେ ଥିବା ସମସ୍ତ ଟଙ୍କା ତାଙ୍କ ନିକଟକୁ ଯାଞ୍ଚ ପାଇଁ ପଠାଇବାକୁ କହିଥିଲେ। ସେହିକ୍ରମରେ ଶିକ୍ଷକ ଦମ୍ପତି ୩ ଦିନ ମଧ୍ୟରେ ମୋଟ ୩୫ ଲକ୍ଷ ଟଙ୍କା ସାଇବର ଠକମାନେ ଦେଇଥିବା ଆକାଉଣ୍ଟରରେ ଜମା କରି ଦେଇଥିଲେ। ହେଲେ ଏକାଧିକ ଦିନ ଯାଏଁ ଟଙ୍କା ଯାଞ୍ଚ ହୋଇ ନଫେରିବାରୁ ସେମାନେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଶିକ୍ଷୟିତ୍ରୀଙ୍କ ଅଭିଯୋଗପ୍ରକାରେ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଏକ ମାମଲା (୧୨/୨୫) ରୁଜୁ ହୋଇଥିଲା । ଏହି ମାମଲାର ତଦନ୍ତ ବେଳେ ସାଇବର ଥାନା ପୋଲିସ ଅଭିଯୁକ୍ତ ଏହି ସାଇବର ଠକେଇ ମାମଲାରେ ସୁବାସଙ୍କ ସଂପୃକ୍ତି ଥିବା ଜାଣିବାକୁ ପାଇଥିଲା । ତେବେ ତା' ଠିକଣା ବିଷୟରେ ତଥ୍ୟ ହାସଲ ବେଳେ ସେ ଗୁଜୁରାଟର ଜେଲରେ ଥିବା ଜଣାପଡିଥିଲା । ସେହିକ୍ରମରେ ତାଙ୍କୁ ସ୍ୱୟାରରେ ବ୍ରହ୍ମପୁର ଆଣିବା ଦିଗରେ ୱାରେଣ୍ଟ ଜାରି କରିବାକୁ ବ୍ରହ୍ମପୁର ପୋଲିସ ଏଠାକାର ଏସଡିଜେଏମ କୋର୍ଟରେ ଆବେଦନ କରିଥିଲା । ସେହି ୱାରେଣ୍ଟ ବଳରେ ବ୍ରହ୍ମପୁର ପୋଲିସର ଏକ ଟିମ ଗୁଜୁରାଟ ଯାଇ ଅଭିଯୁକ୍ତ ସୁବାସଙ୍କୁ ଆଣିଥିଲା । ତେବେ ଏହି ଅଭିଯୁକ୍ତଙ୍କ ଠାରୁ ଶିକ୍ଷକଙ୍କ ଠାରୁ ଠକେଇ ହୋଇଥିବା ଟଙ୍କା ଉଦ୍ଧାର ହୋଇପାରିନଥିବା ସୂଚନା ମିଳିଛି । ସେ ଦିଗରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି ।

# ଗଜପତିରେ ପୃଥକ-ପୃଥକ ଦୁର୍ଘଟଣାରେ ଦୁଇ ମୃତ



ପାରଳାଖେମୁଣ୍ଡି, (ଡିକେ ନ୍ୟୁଜ): ଗଜପତି ଜିଲ୍ଲାରେ ପୃଥକ ପୃଥକ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ଗଜପତି ଜିଲ୍ଲାର ମେରାପଲ୍ଲୀ ଗ୍ରାମ ନିକଟରେ ଥିବା ବିପଦପୂର୍ଣ୍ଣ ପାହାଡିଆ ବୁଲାଣିରେ ଗଞ୍ଜାମ ଜିଲ୍ଲାର କଂସାମାରି ଗ୍ରାମର ରାଜନ ମୋହନ ଦୋରା ଅଡବାରୁ ଟିଭିଏସ ବାଇକରେ ନିଜ ଗ୍ରାମକୁ ଫେରୁଥିବା ବେଳେ ଏପି୩୯ଡବ୍ଲୁଏ ୯୮୯୦ ବିଶିଷ୍ଟ ଏକ ହ୍ୱାଇବା ମୁହାଁମୁହିଁ ଧକ୍କା ହୋଇଥିଲା। ଏହାଦ୍ୱାରା ଘଟଣା ସ୍ଥଳରେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିଲା। ମୋହନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବାଇକ ଓ ହାଇୱାକୁ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ବ୍ରହ୍ମପୁର ପଠାଇଛନ୍ତି। ଏହି ଘଟଣାରେ ମୃତକଙ୍କ ପୁଅ ବିଘ୍ନେଶ୍ୱର ଥାନାରେ ଏକ ଲିଖିତ ଅଭିଯୋଗ ପରେ ୫୮/୨୫ ଏକ ମାମଲା ରୁଜୁ ହୋଇଥିବା ଥାନା ପକ୍ଷରୁ ସୂଚନା ମିଳିଛି। ସେହିପରି ଅଡବା ଥାନା ଅନ୍ତର୍ଗତ କଟାମାରୁ ଅଡବା ପଟେ ଆସୁଥିବା ଟ୍ରାକ୍ଟର ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଖସିପଡ଼ିଥିଲା। ଫଳରେ ଡ୍ରାଇଭର ଉପରେ ଟ୍ରାକ୍ଟର ଚପି ହୋଇଯାଇଛି ଘଟଣା ସ୍ଥଳରେ ଡ୍ରାଇଭର ମୃତ ହୋଇଥିଲା। ମୃତ ଶ୍ରମିକ ହେଉଛନ୍ତି ଦିଗପହଣ୍ଡିର ଟୁନା ନାୟକ ବୋଲି ଜଣାପଡିଛି। ଏହି ଘଟଣାରେ ମଧ୍ୟ ପୋଲିସ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଥିବା ସୂଚନା ମିଳିଛି।

# ୭ରୁ ପୁରୁଷୋତ୍ତମପୁର ଠାକୁରାଣୀ ଯାତ୍ରା



ପୁରୁଷୋତ୍ତମପୁର, (ଡିକେ ନ୍ୟୁଜ): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁରର ଐତିହାସିକ ପ୍ରସିଦ୍ଧ ମା'କନକା ଠାକୁରାଣୀଙ୍କ ସମେତ କାଲୁଆ, ତାରାତାରିଣୀ, କାଳୀ ଓ ଫୁଲସୁନ୍ଦ ସୁନ୍ଦରୀ ଆଦି ପଞ୍ଚ ଠାକୁରାଣୀଙ୍କ ଯାତ୍ରା ଲାଗି ଶୁକ୍ରବାର ରାତିରେ ବଡବଜାରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାତ୍ରାଅଧିକାରୀ ରମାକାନ୍ତ ଦାଶଙ୍କ ସଂଯୋଜନାରେ ଏଥିରେ କପିଳେଶ୍ୱର ବଣିକ ସଂଘର ସଭାପତି ରବିନ୍ଦ୍ର କୁମାର ପାତ୍ର ପୌରହିତ୍ୟ କରିଥିବା ବେଳେ ସମ୍ପାଦକ ତ୍ରିନାଥ ପଣ୍ଡା, ପୂର୍ବତନ ସଭାପତି ଦୁର୍ଗାଚରଣ ଦାଶ, ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ସହ ସମ୍ପାଦକ ରବିନାରାୟଣ ପଣ୍ଡାଙ୍କ ସମେତ ସହରର ବହୁ ମାନ୍ୟଗନ୍ୟବ୍ୟକ୍ତି ଓ ସମସ୍ତ ୱାର୍ଡରୁ ଜନସାଧାରଣ ଯୋଗଦେଇଥିଲେ। ବୈଠକରେ ସର୍ବସମ୍ମତି କ୍ରମେ ପାରମ୍ପରିକ କାର୍ଯ୍ୟକ୍ରମର ଶୁଭଲଗ୍ନ ସ୍ଥିର କରାଯାଇଛି। ଆସନ୍ତା ୨୦ ତାରିଖରେ ଡାକବାନା, ୨୩ରେ ଶୁଭଖୁଣ୍ଟି ସ୍ଥାପନ କରାଯାଇ ଆସନ୍ତା ମେ' ୭ ତାରିଖରେ ମା' ପଞ୍ଚ ଠାକୁରାଣୀଙ୍କୁ ଆମନ୍ତ୍ରଣ କରି ବଡବଜାରସ୍ଥିତ ଅସ୍ଥାୟୀ ମନ୍ଦିରରେ ବିଜେ କରାଯାଇ ଯାତ୍ରା ଆରମ୍ଭ ହେବ। ଜୁନ ମାସ ୮ ତାରିଖରେ ମା'ଙ୍କୁ ବିଦାୟ ଦିଆଯାଇ ଯାତ୍ରା ଶେଷ ହେବ। ଦୀର୍ଘ ଏକମାସ ବ୍ୟାପୀ ପୁରୁଷୋତ୍ତମପୁର ସହରରେ ଯାତ୍ରା ଚାଲିବ। ଏହାକୁ ପରିଚାଳନା ଲାଗି ମଧ୍ୟ ଏକ କମିଟି ଗଠନ କରାଯାଇଥିବାନେଇ ଅଧିକାରୀ ରମାକାନ୍ତ ଦାଶ କହିଛନ୍ତି।

# ବିଜେପି ତାଳଚେର ବିଧାନସଭା କ୍ଷେତ୍ରର ସକ୍ରିୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ




ତାଳଚେର, (ଡିକେ ନ୍ୟୁଜ): ତାଳଚେର ବିଧାନସଭା କ୍ଷେତ୍ରର ବିଜେପି ସକ୍ରିୟ ସଦସ୍ୟ ସମ୍ମିଳନୀ ଦେଉଳବେଡା ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜେପି ସଭାପତି ଯଯାତି ପଟ୍ଟନାୟକଙ୍କର ଅଧ୍ୟକ୍ଷତା ଉକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା ସଂଯୋଜନା କରିଥିଲେ। ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ ଓ ରାଜ୍ୟ ଏସସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଚନ୍ଦନ ସ୍ୱରାଜ ପ୍ରଶିକ୍ଷକ ଭାବେ ଯୋଗଦେଇ ସାଙ୍ଗଠନିକ ବିଷୟ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ୧୧ବର୍ଷ ଶାସନରେ ବିକଶିତ ଭାରତ ଉପରେ ଆଲୋକପାତ କରିଥିଲେ। ବିକଶିତ ତାଳଚେର ଗଠନ ପାଇଁ ମୋଦି ସରକାର ମୋହନ ସରକାର ଏବଂ ବିଶେଷ ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ତାଳଚେର ବିଧାନସଭା ନେତା କାଳନ୍ଦି ସାମଲଙ୍କର ପ୍ରୟାସ ଜାରି ରହିଛି ବୋଲି ବୈଠକରେ ପ୍ରକାଶ ପାଇଥିଲା। ତାଳଚେର ବିଧାନସଭା ସଂଯୋଜକ ରତ୍ନାକର ସାହୁ ଓ ଜୋନାଲ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ ପ୍ରମୁଖ ସାଙ୍ଗଠନିକ ବିସ୍ତାର ଓ ଧନ୍ୟବାଦ ପ୍ରଦାନ କରିଥିଲେ। ସମସ୍ତ ୬ଟି ମଣ୍ଡଳର ଶତାଧିକ ସକ୍ରିୟ ସଦସ୍ୟ ସମସ୍ତ ନିର୍ବାଚିତ ପ୍ରତିନିଧି, ମଣ୍ଡଳ ସଭାପତି ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଭଏସ ଅଫ ମିଡ଼ିଆର ସାଂଗଠନିକ ବୈଠକ




କୋରାପୁଟ, (ଡିକେ ନ୍ୟୁଜ): କୋରାପୁଟ ସ୍ଥିତ ଅତିଥି ଭବନ ଠାରେ ଭୟସ ଅଫ ମିଡ଼ିଆର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଇ କାର୍ଯ୍ୟକ୍ରମରେ ଭୟସ ଅଫ ମିଡ଼ିଆର ରାଜ୍ୟ ସଭାପତି ପ୍ରଭାତ ମିଶ୍ର ଯୋଗ ଦେଉଥିବା ବେଳେ ମୁଖ୍ୟଅତିଥି ଭାବେ ମହେନ୍ଦ୍ର ବାଘ ସମ୍ମାନୀୟ ଅତିଥି ଭାବେ କୋରାପୁଟ ପୌରପାଳିକାର ତିନି ନମ୍ବର ୱାର୍ଡ କାଉନସିଲର କାଦମ୍ବିନି ସେଠୀ ଯୋଗ ଦେଇଥିଲେ। ରାଜ୍ୟ ସଭାପତି ପ୍ରଭାତ ମିଶ୍ର ନିଜ ବକ୍ତବ୍ୟରେ ଭୟସ ଅଫ ଓଡ଼ିଶା ସବୁବେଳେ ସାମ୍ବାଦିକଙ୍କ ସୁରକ୍ଷା ସହ ଜଡ଼ିତ। ବିଶେଷ କରି ସାମ୍ବାଦିକମାନେ ଯେତେବେଳ ଗ୍ରାଉଣ୍ଡ ଜିରୋରେ କାମ କରନ୍ତି ସେତେବେଳ ବେଳେ ବେଳେ ମଧ ଆକ୍ରୋଶର ଶିକାର ହୋଇଥାନ୍ତି। ଯେଉ ସମୟରେ କି ନିଜ ଚ୍ୟାନେଲ ବା ଅନୁଷ୍ଠାନ ସାମ୍ବାଦିକଙ୍କ ପାଖରେ ଛିଡା ହେବା କଥା କିନ୍ତୁ ସେତେବେଳେ ସେଇ ସଂସ୍ଥା ସାମ୍ବାଦିକର ହାତ ଛାଡ଼ି ଦେଇଥାନ୍ତି। ଯାହା ଫଳରେ ସାମ୍ବାଦିକଟି ନାନା ହଇରାଣ ହରକତ ହୋଇଥାଏ। ତେଣୁ ସାମ୍ବାଦିକ ସୁରକ୍ଷା ନିହାତି ଆବଶ୍ୟକ ବୋଲି ମିଶ୍ର କହିଥିଲେ। ଭୟସ ଅଫ ମିଡ଼ିଆ ସାମ୍ବାଦିକଙ୍କୁ ତିନଟି ସୁରକ୍ଷା ଦେବ ପ୍ରଥମ ସାମ୍ବାଦିକ ଏବଂ ତାଙ୍କ ପରିବାରକୁ ବିମା ପ୍ରଦାନ ଦ୍ୱିତୀୟରେ ପରିବାରର ପିଲାମାନଙ୍କୁ ପାଠପଢା ପାଇଁ ସହାୟତା ତୃତୀୟରେ ଘର କରିବା ପାଇଁ ଟଙ୍କା ପ୍ରଦାନ। ତିନଟି ସୁବିଧା ନିମନ୍ତେ କୌଣସିଟି ଟଙ୍କା ଦେବାକୁ ପଡିବ ନାହିଁ କେବଳ ପରିଚୟ ପତ୍ର ପାଇଁ ଯାହା ଦୁଇ ସହ ଟଙ୍କାଟି ଦେବାକୁ ପଡିବ ବୋଲି ରାଜ୍ୟ ସଭାପତି କହିଛନ୍ତି। ଆଜିର ଏଇ କାର୍ଯ୍ୟକ୍ରମରେ ୨୬ ଜଣ ସାମ୍ବାଦିକ ଓ ସାମ୍ବାଦିକାକୁ ପରିଚୟ ପତ୍ର ପ୍ରଦାନ କରଯାଇଥିଲା। ଆଗମୀ ଦିନରେ କିଭଳି ଭୟସ ଅଫ ମିଡ଼ିଆ କୋରାପୁଟରେ ସୁଦୃଢ ହେବ ସେ ନେଇ ଗୁରୁତ୍ୱାରୋପ କରଯାଇଥିଲା। ଏଇ ପରିପ୍ରେକ୍ଷୀରେ ସାମ୍ବାଦିକତା କ୍ଷେତ୍ରରେ ଉଲେଖନୀୟ ଅବଦାନ ପାଇଁ ପ୍ରତିନିଧି ସୌମ୍ୟ ରଂଜନ ସାହୁଙ୍କୁ ମାନପତ୍ର ସହ ଉପଢୋକାନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ତପ୍ତପାଣି ଘାଟିରେ ପୁଣି ୨୦ ଫୁଟ ତଳକୁ ଓଲଟିଲା



ପାରଳାଖେମୁଣ୍ଡି, (ଡିକେ ନ୍ୟୁଜ): ଗଜପତି - ଗଞ୍ଜାମ ଜିଲ୍ଲାର ସୀମାନ୍ତ ତପ୍ତପାଣି ଘାଟିରେ ପୁଣି ଏକ ବଡ଼ ଦୁର୍ଘଟଣା ଘଟିଛି। ଘାଟି ଉପରୁ ପ୍ରାୟ ୨୦ ଫୁଟ ତଳକୁ ଖସିଲା ପେପର ବୋଝେଇ ଟ୍ରକ। ତେବେ ଏହି ଦୁର୍ଘଟଣାରେ ଅଳ୍ପକେ ବର୍ତ୍ତୀ ଯାଇଛନ୍ତି ଡ୍ରାଇଭର ଓ ହେଲ୍ପର। ଶୁକ୍ରବାର ଅପରାହ୍ନ ପ୍ରାୟ ୫ଟାରେ ଏକ ପେପର ବୋଝଇ ଟ୍ରକ ରାୟଗଡାରୁ ବ୍ରହ୍ମପୁର ଯାଉଥିଲା। ଏହି ସମୟରେ ତପ୍ତପାଣି ଘାଟି ମଧ୍ୟରେ ଥିବା ଜକରକ୍ଷପଲି ନିକଟରେ ଭାରସାମ୍ୟ ହରାଇ ଟ୍ରକଟି ରାସ୍ତା କଡ଼କୁ ପ୍ରାୟ ୨୦ ଫୁଟ ତଳକୁ ଖସିବା ସହ ଚାଷ ଜମି ମଧ୍ୟରେ ଓଲଟି ପଡିଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଟ୍ରକର ଚେସିସ ଓ ବଡି ଅଲଗା ହୋଇଯାଇଛି। ଉଭୟ ଡ୍ରାଇଭର ଓ ହେଲ୍ପର ସାମାନ୍ୟ ଆହତ ହୋଇଛନ୍ତି। ଖବର ପାଇ ପୋଡାମାରି ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ପୁଷ୍ଟି ନିରାପତ୍ତା ପାଇଁ...

ସହଭାଗୀ ବିଭାଗ, ଯେପରିକି ପଞ୍ଚାୟତିରାଜ ଓ ପାନୀୟ ଜଳ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, କୃଷି ଓ କୃଷକ ସଶକ୍ତିକରଣ, ଅନୁସୂଚିତ ଜାତି ଓ ଜନଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ, ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ, ମିଶନ ଶକ୍ତି ପ୍ରମୁଖ ବିଭାଗର ସହଯୋଗ ଓ ସମନ୍ୱୟ ଅଧିକ ହେବା ଜରୁରୀ। ସମସ୍ତ ଯୋଜନାର ସଫଳତା ପାଇଁ 'ସରକାରୀ ଅଭିମୁଖ୍ୟ' ବହୁତ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ ଯେ, ପିଲାମାନଙ୍କ ପୁଷ୍ଟିହୀନତା ଦୂର କରିବା ପାଇଁ ପୋଷଣ ଅଭିଯାନକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା ପାଇଁ ଉଦ୍ୟମ ଜାରି ରହିଛି। ଏହି ଅଭିଯାନର ଅଂଶ ସ୍ୱରୂପ ପ୍ରତି ବର୍ଷ ମାର୍ଚ୍ଚ-ଏପ୍ରିଲ ମାସରେ ୧୫ ଦିନ ଧରି ପୋଷଣ ପକ୍ଷ ପାଳନ କରାଯାଏ। ଚଳିତ ବର୍ଷ ଅଙ୍ଗନବାଡିଠୁ ଆରମ୍ଭ କରି ଜାତୀୟସ୍ତର ପର୍ଯ୍ୟନ୍ତ ଏପ୍ରିଲ ୮ରୁ ୨୨ ତାରିଖ ପର୍ଯ୍ୟନ୍ତ ପୋଷଣ ପକ୍ଷ ପାଳନ କରାଯାଉଛି। ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେ ଯେ, ନିଜେ ନିଜର ପୋଷକତତ୍ତ୍ୱକୁ ଠିକ୍ ରଖିବା ସହିତ ସମାଜ ପାଖରେ ପହଞ୍ଚାଇ ପାରିଲେ ଏକ ସୁସ୍ଥ ଓ ବିକଶିତ ଓଡିଶା ଆମେ ଗଠନ କରି ପାରିବା। ସେ କହିଥିଲେ, ଓଡିଶା ଆଜି ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏକ ସମ୍ପନ୍ନ ରାଜ୍ୟରେ ପରିଣତ ହୋଇଛି। ତୃଣମୂଳ ସ୍ତରରେ ଆମର ସମସ୍ତ କାର୍ଯ୍ୟ ଆତ୍ମୀୟତାର ସହ କରୁଥିବା ସମସ୍ତ ଅଙ୍ଗନବାଡି କେନ୍ଦ୍ରକୁ ସୁଦୃଢ ଓ ସକ୍ଷମ କରିବୁ। ଜିଲ୍ଲା ସ୍ତରରେ କାମ କରୁଥିବା କର୍ମୀମାନଙ୍କୁ ଆହ୍ୱାନ ଦେଇ ସେ କହିଲେ ଯେ, ଆପଣମାନେ ସରକାରଙ୍କ କାମ ଗ୍ରାମାଞ୍ଚଳରେ ସୁନ୍ଦର ଭାବେ ତୁଲାଉଛନ୍ତି। ଆପଣଙ୍କ ପାଖରେ ରହୁଥିବା ସମସ୍ୟାକୁ ସରକାରଙ୍କ ଦୃଷ୍ଟିକୁ ଆଣନ୍ତୁ, ସମାଧାନ କରାଯିବ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ ଯେ ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ ସୂଚକାଙ୍କରେ ଉନ୍ନତି ନଆସିଲେ ଦାରିଦ୍ର୍ୟ ହ୍ରାସ ହେବନାହିଁ। ୨୦୩୬ ସମୃଦ୍ଧ ଓଡିଶା ଗଠନ ବେଳକୁ ଶୂନ ପ୍ରତିଶତ କୁପୋଷଣ ଆମର ଲକ୍ଷ୍ୟ ରହିଛି। ପୋଷଣ ପକ୍ଷ ପାଳନ ଅବସରରେ ଏ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୁରୀ, କେନ୍ଦ୍ରାପଡା ଓ ଭଦ୍ରକଙ୍କୁ ମୁଖ୍ୟମନ୍ତ୍ରୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରିଥିଲେ ଏବଂ କେନ୍ଦୁଝର ଓ ବଲାଙ୍ଗୀରର ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଏବଂ କୋରାପୁଟ ଓ ମାଲକାନଗିରିର ସିଡିପିଓ ସେମାନଙ୍କର ଅନୁଭୂତି ଓ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଆଇସିଡିଏସ୍ ନିର୍ଦ୍ଦେଶିକା ମୋନୀଷା ବାନାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସ୍ତରରେ ଅଙ୍ଗନବାଡି କର୍ମୀ ଓ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଡିହୋଇ ରହିଥିଲେ।

### ଆଇଆଇଏମ୍ ସମ୍ବଲପୁରର ନବମ...

କେନ୍ଦ୍ର ବିନ୍ଦୁ ଅଟେ। ବୈଶ୍ୱିକ ଯୋଗାଣ ଶୃଙ୍ଖଳାରେ ବାଧା, ସଂରକ୍ଷଣବାଦୀ ନୀତି, ବଢୁଥିବା ଭୂ-ରାଜନୈତିକ ଉତେଜନା ଏବଂ ପରିବର୍ତ୍ତିତ ବୈଶ୍ୱିକ ବାଣିଜ୍ୟ ଢାଞ୍ଚ ଏହି ଜଟିଳତା ସୃଷ୍ଟି କରୁଛି। ଏହି ଯାତ୍ରା ସମୟରେ ଗୋଟିଏ କଥା ସ୍ପଷ୍ଟ ଯେ ଭବିଷ୍ୟତ କେବଳ ଉତ୍ତରାଧିକାରୀ ସୂତ୍ରରେ ମିଳିବ ନାହିଁ, ଏହା ସୃଷ୍ଟି ହେବ। ଆପଣ ନିଜ ଭବିଷ୍ୟତକୁ ଗିତୋଳିବା ପାଇଁ ପଦକ୍ଷେପ ନେବା ଦରକାର ଏବଂ ଆଜି ଆପଣ ଯେଉଁ ଦୃଢ ଭିତ୍ତିଭୂମି ସ୍ଥାପନ କରିଛନ୍ତି ତାହାକୁ ନିର୍ମାଣ କରି ଆହୁରି ଅନେକ ମାଇଲଖୁଣ୍ଟ ହାସଲ କରିବା ଉପରେ ଧ୍ୟାନ ଦେବା ଉଚିତ।' ଆଇଆଇଏମ୍ ସମ୍ବଲପୁରର ବିଓଜିର ଅଧ୍ୟକ୍ଷା ତଥା ସେଲ୍ସଫୋର୍ସ ଇଣ୍ଡିଆ ଓ ଦକ୍ଷିଣ ଏସିଆର ଅଧ୍ୟକ୍ଷ ତଥା ସିଇଓ ପଦ୍ମଶ୍ରୀ ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ ସ୍ନାତକୋତର ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରି କହିଥିଲେ ଯେ, ଶିକ୍ଷା ଏକ ଜୀବନବ୍ୟାପୀ ଯାତ୍ରାୟ ଦୁନିଆ ଦ୍ରୁତ ଗତିରେ ବିକଶିତ ହେଉଛି ଏବଂ ଆପଣ ଉଭୟ ସୁଯୋଗ ଏବଂ ଆହ୍ୱାନର ସମ୍ମୁଖୀନ ହେବେ। ତଥାପି, ଆପଣ ଯେଉଁ ଜ୍ଞାନ ଏବଂ ଦକ୍ଷତା ହାସଲ କରିଛନ୍ତି, ସେଥିରେ ଆପଣ ଯେକୌଣସି ପ୍ରତିବନ୍ଧକକୁ ମୁକାବିଲା କରିବାକୁ ସକ୍ଷମ ଅଟନ୍ତି। ଶ୍ରୀମତୀ ଭଟ୍ଟାଚାର୍ଯ୍ୟ ଛାତ୍ରମାନଙ୍କୁ ପ୍ରେରଣା ଦେଇ କହିଥିଲେ, ପ୍ରତିଦିନ ଉଠି ନିଷ୍ପତ୍ତି ନିଅନ୍ତୁ ଯେ ଆପଣ ନିଜର ଏକ ଉତ୍ତମ ସଂସ୍କରଣ ହେବେ, ଆପଣ ଅନନ୍ୟ ହେବେ, ଆପଣ ଦୁନିଆକୁ ଆଗକୁ ନେବେ, ପ୍ରତିଦିନ ଆପଣଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଦିଅନ୍ତୁ ଯେପରି ଆପଣ ଆପଣଙ୍କ ଜୀବନରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦୌଡ଼ ଚଳାଇବେ। ଯଦି ତୁମେ ଏହା କରିବ, ମୋତେ ବିଶ୍ୱାସ କର, ତୁମ୍ଭମାନଙ୍କ ମଧ୍ୟରେ ପ୍ରତ୍ୟେକ ଦିନ ଉନ୍ନତି ହେବ। ଏହା ଆପଣଙ୍କ ପିତାମାତାଙ୍କ ପାଇଁ, ଆପଣଙ୍କ ଦେଶ ପାଇଁ, ଆପଣଙ୍କ ଶିକ୍ଷକମାନଙ୍କ ପାଇଁ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବରେ ନିଜ ପାଇଁ ଏକ ବଡ଼ ଅବାଦନ ହେବ। ଦୟାକରି ତାହା କରନ୍ତୁ, ବାହାରକୁ ଯାଆନ୍ତୁ ଏବଂ ଦୁନିଆକୁ ବଦଳାନ୍ତୁ, ଆପଣ ଦୁନିଆକୁ ଚାହୁଁଥିବା ପରିବର୍ତ୍ତନ ହୁଅନ୍ତୁ। ସ୍ୱାଗତ ଭାଷଣରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ଅନୁଷ୍ଠାନର ଗତ ଏକ ଦଶନ୍ଧିର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତ ବର୍ଷ ସମାବର୍ତ୍ତନ ଉତ୍ସବରେ ଆଇଆଇଏମ୍ ସମ୍ବଲପୁର ପ୍ରତିଷ୍ଠାର ୧୦ ବର୍ଷ ପୂର୍ତ୍ତି ପାଳନ କରାଯାଉଛି। ପ୍ରଥମ ଥର ପାଇଁ ଆମ ପାଖରେ ୫ଟି ଭିନ୍ନ ଭିନ୍ନ ପ୍ରୋଗ୍ରାମ ଏମବିଏ, ଏକଜିକ୍ୟୁଟିଭ୍ ଏମବିଏ, ଏମବିଏ ଫର୍ ୱାର୍କିଂ ପ୍ରଫେସନାଲ୍ସ, ପିଏଚଡି ଏବଂ ପିଏଚଡି ଫର୍ ୱାର୍କିଂ ପ୍ରଫେସନାଲ୍ସର ଛାତ୍ରଛାତ୍ରୀମାନେ ନିଜ ନିଜ ଡିଗ୍ରି ହାସଲ କରିଛନ୍ତି। ଏହାବ୍ୟତୀତ ଭାରତର କୌଣସି ଆଇଆଇଏମ୍ କିମ୍ବା ଅଗ୍ରଣୀ ବି-ସ୍କୁଲ ଇତିହାସରେ ଏହା ପ୍ରଥମ ଘଟଣା ଯେଉଁଠାରେ ସ୍ନାତକ ହାସଲ କରିଥିବା ମହିଳାଙ୍କ ସଂଖ୍ୟା ପୁରୁଷ ଛାତ୍ରଛାତ୍ରୀଙ୍କ ତୁଳନାରେ ଅଧିକ, ଯେଉଁଥିରେ ୬୦% ମହିଳା ଏବଂ ୪୦% ପୁରୁଷ ଅଛନ୍ତି। ପ୍ରଫେସର ଜୟସ୍ୱାଲ ଆହୁରି କହିଛନ୍ତି ଯେ ଆମେ ଏଏସିଏସବି, ଇଏଫ୍‌ଏମଡି ଏବଂ ବିଜିଏ ସମେତ ଟ୍ରିପଲ ମୁକୁଟ ବିଶିଷ୍ଟ ଆଇଆଇଏମ୍ ହେବାର ଅଗ୍ରଣୀ ପର୍ଯ୍ୟାୟରେ ଅଛୁ। ଆଗାମୀ ଦୁଇ ବର୍ଷ ମଧ୍ୟରେ ଆମେ ଏହି ମାନ୍ୟତା ହାସଲ କରିବାକୁ ଆଶା କରୁଛୁ, ଯାହା ଆମକୁ ଏହି ସମ୍ମାନଜନକ ଅନ୍ତର୍ଜାତୀୟ ମାନ୍ୟତା ସହିତ ଅଳ୍ପ କିଛି ଭାରତୀୟ ମ୍ୟାନେଜମେଣ୍ଟ ପ୍ରତିଷ୍ଠାନ (ଆଇଆଇଏମ) ମଧ୍ୟରେ ସ୍ଥାନିତ କରିବ। ବିଶ୍ୱ ଅର୍ଥନୈତିକ ମାନ୍ଦାବସ୍ଥା ସତ୍ତ୍ୱେ, ୨୦୨୩-୨୫ ଏମବିଏ ଗୋଷ୍ଠୀରେ ପ୍ଲେସମେଣ୍ଟ ପ୍ରକ୍ରିୟାରେ ୨୫୦ରୁ ଅଧିକ କମ୍ପାନୀ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷ ସର୍ବାଧିକ ଘରୋଇ ଦରମା ବାର୍ଷିକ ୩୧.୧୨ ଲକ୍ଷ ଟଙ୍କା ଥିବା ବେଳେ ସର୍ବାଧିକ ଅନ୍ତର୍ଜାତୀୟ ଦରମା ବାର୍ଷିକ ୩୫ ଲକ୍ଷ ଟଙ୍କାରେ ପହଞ୍ଚିଛି। ପିଡବ୍ଲୁସି, ଆକ୍ସେଞ୍ଚର, ଇନଫୋସିସ୍ କନସଲଟିଂ, ଟାଟା କ୍ୟାପିଟାଲ, ଡେଲୋଇଟ୍, କଗ୍ନିଜାଣ୍ଟ ଏବଂ ଅନ୍ୟାନ୍ୟ ନିଯୁକ୍ତି ପ୍ରଦାନକାରୀମାନେ ପ୍ରମୁଖ ନିଯୁକ୍ତି ଦେଇଥିଲେ। ସମାବର୍ତ୍ତନ ଉତ୍ସବରେ ସ୍ନାତକ ଶ୍ରେଣୀର ମେଧାବୀ ଛାତ୍ରଛାତ୍ରୀଙ୍କୁ ମୋଟ ୭ଟି ପଦକ ପ୍ରଦାନ କରାଯାଇଥିଲା। ଏମବିଏ କାର୍ଯ୍ୟକ୍ରମରେ ସମ୍ମାନଜନକ ଅଧ୍ୟକ୍ଷଙ୍କ ସ୍ୱର୍ଣ୍ଣ ପଦକ ବିପୁଲ ଶର୍ମାଙ୍କୁ ଏବଂ ଅସାଧାରଣ ଶିକ୍ଷାଗତ ଉତ୍କର୍ଷତା ପାଇଁ ନିର୍ଦ୍ଦେଶକ ସ୍ୱର୍ଣ୍ଣ ପଦକ ନିଲକ୍ଷ ଦୀକ୍ଷିତଙ୍କୁ ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଅଲରାଉଣ୍ଡର ପ୍ରଦର୍ଶନ ପାଇଁ ଶିକ୍ଷାଗତ ସଫଳତା, ପାଠ୍ୟକ୍ରମିକ କାର୍ଯ୍ୟକଳାପ ଏବଂ ଅନୁଷ୍ଠାନ ନିର୍ମାଣ କାର୍ଯ୍ୟକଳାପ ଆଧାରରେ ରାଘବେନ୍ଦ୍ର ପଟେଲଙ୍କୁ ଆଇଆଇଏମ୍ ସମ୍ବଲପୁର ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ଏକଜିକ୍ୟୁଟିଭ୍ ଏମବିଏ କାର୍ଯ୍ୟକ୍ରମ ପାଇଁ ରାଜେଶ କୁମାର ସାହୁଙ୍କୁ ସମ୍ମାନଜନକ ଅଧ୍ୟକ୍ଷ ସ୍ୱର୍ଣ୍ଣ ପଦକ ଏବଂ ଅସାଧାରଣ ଶିକ୍ଷାଗତ ଉତ୍କର୍ଷତା ପାଇଁ ନିର୍ଦ୍ଦେଶକ ସ୍ୱର୍ଣ୍ଣ ପଦକ ସମୀର ବାବୁଲାଲଙ୍କୁ ପ୍ରଦାନ କରାଯାଇଥିଲା କର୍ମଜୀବୀ ବୃତିଧାରୀଙ୍କ ପାଇଁ ଏମବିଏରେ ଶିବାନୀ ନାଗପାଲାଣ୍ଡଙ୍କୁ ସମ୍ମାନଜନକ ଅଧ୍ୟକ୍ଷ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା ଏବଂ ଶିକ୍ଷାଗତ ପ୍ରଦର୍ଶନ ପାଇଁ ନିର୍ଦ୍ଦେଶକ ସ୍ୱର୍ଣ୍ଣ ପଦକ ଅଭିଷେକ କୁମାର ସିଂହ ଗ୍ରହଣ କରିଥିଲେ।

### ଚାରି ମହଲା କୋଠା...

ଓ ଦିଲ୍ଲୀ ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ରହିଛନ୍ତି। ତେବେ ଏ ପର୍ଯ୍ୟନ୍ତ ଯାଏ ଘର ଭୁଶୁଡିବା ସମ୍ପର୍କରେ କୌଣସି ତଥ୍ୟ ମିଳିପାରିନାହିଁ ବୋଲି ପୋଲିସ ସୂଚନା ପ୍ରଦାନ କରିଛି। ଜଣେ ବରିଷ୍ଠ ଏନଡିଆରଏଫ ଅଧିକାରୀ କହିଛନ୍ତି ଯେ, ଆମ ଦଳ ଭୁଶୁଡି ପଡିଥିବା ଘରର ଭଙ୍ଗା ଅଂଶକୁ କାଢିବାକୁ ଭାରି ଯନ୍ତ୍ରାଂଶର ବ୍ୟବହାର କରିପାରୁ ନାହୁଁ। କାରଣ ଘରର ଭଙ୍ଗା ଅଂଶ ତଳେ ଏବେବି ଅନେକ ଲୋକ ଚପି ହୋଇ ରହିଛନ୍ତି। ଯେଉଁଥିପାଇଁ ଉଦ୍ଧାରକାର୍ଯ୍ୟରେ ବିଳମ୍ବ ପରିଲକ୍ଷିତ ହେଉଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏଥିନେଇ ଦୁଃଖବ୍ୟକ୍ତ କରିଛନ୍ତି। ଏହା ସହ ଏହି ଦୁର୍ଘଟଣାର କାରଣ କ'ଣ ସେନେଇ ତଦନ୍ତ ଜାରି ଚାଲିଛି। ଏହା ପଛର କାରଣ ମିଳିଲେ ଦୋଷିଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ସୂଚନା ପ୍ରଦାନ କରିଛନ୍ତି। ଗତ ସପ୍ତାହରେ ମଧ୍ୟ ଦିଲ୍ଲୀ-ଏନସିଆର ଅଞ୍ଚଳରେ ଦୁଇଟି ଭିନ୍ନ ଭିନ୍ନ ଦୁର୍ଘଟଣାରେ ଦୁଇଜଣ ଲୋକଙ୍କ ମୃତ୍ୟୁ ହେବ ସହ ତିନିଜଣ ଲୋକ ଗୁରୁତର ଆହତ ହୋଇଛନ୍ତି। ଗୋଟିଏ ଦୁର୍ଘଟଣାରେ ଗୋଟିଏ ଘର ଭୁଶୁଡି ପଡିବା ସହ ଆଉ ଏକ ଦୁର୍ଘଟଣାରେ ଏକ କାନ୍ଥ ଭୁଶୁଡି ପଡିଥିଲା। ଦିଲ୍ଲୀର ମଧୁ ବିହାର ଅଞ୍ଚଳରେ ଏକ ନିର୍ମାଣଧିନ ଘରର ୬ ତାଲାରେ ତିଆରି ହେଉଥିବା କାନ୍ଥ ଗଳିପଡିବାରୁ ଜଣେ ୬୭ ବର୍ଷିୟ ବୃଦ୍ଧଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଠିକ ସେହିଭଳି ଦିଲ୍ଲୀର କରୋଲବାଗ ଅଞ୍ଚଳରେ ତିନି ମହଲା ଉପରୁ ଜଣେ ୧୩ ବର୍ଷିୟ ବାଳକ ଉପରେ ନୂଆ ତିଆରି ହୋଇଥିବା ପାଚେରୀ ଗଳିପଡିବା କାରଣରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

### ଆଗାମୀ ୬ଦିନରେ...

ଜିଲ୍ଲାକୁ ସତର୍କବାଣୀ ଦେଇଛି। ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟାହ୍ନ/ସନ୍ଧ୍ୟା ସମୟରେ ଘଡ଼ଘଡ଼ି, କୁଆପଥର ସହ ଝଟକା ପବନ (୩୦-୪୦) କିଲୋମିଟର ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି। ସେହିପରି ୨୨ ଓ ୨୩ ତାରିଖରେ ମାଲକାନଗିରି, କୋରାପୁଟ ଓ ରାୟଗଡ଼ା ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସବୁ ଜିଲ୍ଲା ଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟାହ୍ନ/ସନ୍ଧ୍ୟା ସମୟରେ ଘଡ଼ଘଡ଼ି ସହ ଝଟକା ପବନ (୩୦-୪୦) କିଲୋମିଟର ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି। ଅନ୍ୟପଟେ ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟାହ୍ନ/ସନ୍ଧ୍ୟା ସମୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା କିମ୍ବା ବଜ୍ରପାତ ସହିତ ବର୍ଷା ହେବାର ସମ୍ଭାବନା ରହିଥିବା ପୂର୍ବାନୁମାନ କରିଛି ସତର୍କ କରାଇଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର।

# ଇତିହାସ ରଚିଲେ ରଜତ ପଟିଦାର: ସଚିନଙ୍କୁ ପଛରେ ପକାଇଲେ




ବେଙ୍ଗାଲୁରୁ, ୧୯।୪ (ହି.ସ): ଆଇପିଏଲ ୨୦୨୫ରେ ଶୁକ୍ରବାର ଗୋଟିଏ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପରାସ୍ତ ହୋଇଛି। ପଞ୍ଜାବ କିଙ୍ଗସ ବିପକ୍ଷରେ ଦଳକୁ ୫ ୱିକେଟରେ ହାରିବାକୁ ପଡ଼ିଛି। ବର୍ଷା ଭିଜା ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ଆରସିବି ୯ ୱିକେଟ ହରାଇ କେବଳ ୯୫ ରନ କରିଥିଲା। ଏହା ମଧ୍ୟରୁ ଟିମ ଡାଭିଡ ଏକାକୀ ୨୬ ବଲରେ ଅପରାଜିତ ୫୦ ରନର ଇନିଂସ ଖେଳିଥିଲେ। ଏମ ଚିନ୍ନାସ୍ୱାମୀକୁ ବ୍ୟାଟିଂ ଉପଯୋଗୀ କୁହାଯାଉଥିଲେ ହେଁ ଶୁକ୍ରବାର ଏଠାରେ ବୋଲରଙ୍କ ଦବଦବା ଦେଖାଯାଇଥିଲା। ଆରସିବିର ଜଣଙ୍କ ପରେ ଜଣେ ବ୍ୟାଟର ପଞ୍ଜାବ ବୋଲରଙ୍କ ଦ୍ୱାରା ଆଉଟ ହୋଇଥିଲେ। ୯୬ ରନର ଟାର୍ଗେଟକୁ ପିଛା କରିବା ପଞ୍ଜାବ ପାଇଁ ମଧ୍ୟ ସହଜ ହୋଇ ନଥିଲା। ଦଳ ୫ ୱିକେଟ ହରାଇଥିଲା। କିନ୍ତୁ ଶେଷରେ ୧୧ ବଲର ପୂର୍ବରୁ ବିଜୟ ମୁଣ୍ଡି ମାରିଥିଲା। ମ୍ୟାଚ୍ ହାରିଥିଲେ ହେଁ ଆରସିବିର ଅଧିନାୟକ ରଜତ ପାଟିଦାର ଇତିହାସ ସୃଷ୍ଟି କରିଛନ୍ତି। ସେ ମହାନ କ୍ରିକେଟର ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇ ଦେଇଛନ୍ତି। ପାଟିଦାର ତାଙ୍କ ଆଇପିଏଲ କ୍ୟାରିୟରରେ ୧ ହଜାର ରନ ପୂରଣ କରିଛନ୍ତି। ମାତ୍ର ୩୦ଟି ଇନିଂସରେ ସେ ଏପରି ସଫଳତା ପାଇଛନ୍ତି। ଶୁକ୍ରବାର ପଞ୍ଜାବ କିଙ୍ଗସ ବିପକ୍ଷରେ ପାଟିଦାର ୨୩ ରନର ଇନିଂସ ଖେଳିବା ପରେ ତାଙ୍କ ନାଁରେ ଏହି ରେକର୍ଡ ଯୋଡ଼ି ହୋଇଯାଇଛି। ଆଇପିଏଲରେ ୧ ହଜାର ରନ ପୂରଣ କରିବାରେ ପାଟିଦାର ଦ୍ୱିତୀୟ ଦ୍ରୁତତମ ଭାରତୀୟ। ତାଙ୍କ ଉପରେ ଗୁଜରାଟ ଟାଇଟନ୍ସର ସାଇ ସୁଦର୍ଶନ ରହିଛନ୍ତି। ସେ ମାତ୍ର ୨୫ଟି ଇନିଂସରେ ଏପରି ରେକର୍ଡ କରିଥିଲେ। କିନ୍ତୁ ପାଟିଦାର ଏବେ ଦ୍ୱିତୀୟ ସ୍ଥାନରେ ରହି ସଚିନ ତେନ୍ଦୁଲକର ଓ ଋତୁରାଜ ଗାଏକ୍ୱାଡଙ୍କୁ ପଛରେ ପକାଇ ଦେଇଛନ୍ତି। ଉଭୟ ୩୧ଟି ଇନିଂସରେ ଆଇପିଏଲରେ ୧ ହଜାର ରନ ପୂରଣ କରିଥିଲେ। ମୁମ୍ବାଇ ଇଣ୍ଡିଆନ୍ସର ତିଲକ ବର୍ମା ଆଇପିଏଲରେ ୧ ହଜାର ରନ ପୂରଣ କରିବା ପାଇଁ ୩୩ଟି ଇନିଂସ ଆବଶ୍ୟକ କରିଥିଲେ। ସେ ତାଲିକାର ୪ନଂରେ ରହିଛନ୍ତି। ପାଟିଦାର ଦ୍ରୁତତମ ୧ ହଜାର ରନ କରିବା ତାଲିକାର ଦ୍ୱିତୀୟ ସ୍ଥାନରେ ରହିଥିଲେ ହେଁ ଆଉ ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ପ୍ରଥମ ଭାରତୀୟ ଯିଏ ଆଇପିଏଲ ଇତିହାସରେ ୩୫ରୁ ଅଧିକ ବ୍ୟାଟିଂ ହାର ଓ ୧୫୦ରୁ ଅଧିକ ଷ୍ଟ୍ରାଇକ ରେଟ ବଳରେ ୧ ହଜାର ରନ କରିଛନ୍ତି। ଏଭଳି ଆଭରେଜ ଓ ଷ୍ଟ୍ରାଇକ ରେଟ ଆଉ କୌଣସି ଭାରତୀୟ ବ୍ୟାଟରଙ୍କ ପାଖରେ ନାହିଁ। ଏହା ପାଟିଦାରଙ୍କ ସ୍ଥିରତା ଓ ପ୍ରଭାବର ପରିଚୟ ଦେଉଛି। ବିଶେଷ କରି ହାଇ ପ୍ରେସର ସ୍ଥିତିରେ ସେ ଟି-୨୦ରେ ଭାରତର ଅନ୍ୟତମ ଷ୍ଟାର ବ୍ୟାଟର ଭାବେ ଉଭା ହୋଇଛନ୍ତି। ଏହାପୂର୍ବରୁ ରଜିତ ପାଟିଦାର ଆରସିବି ଓ ଆଇପିଏଲର ପ୍ରଥମ ଅଧିନାୟକ ଭାବେ ନୂଆ ରେକର୍ଡ ସୃଷ୍ଟି କରିଥିଲେ। ବର୍ତ୍ତମାନ ସୁଦ୍ଧା ଆରସିବି ୭ଟି ମ୍ୟାଚରୁ ୪ଟିରେ ଜିତିଥିବା ବେଳେ ୩ଟିରେ ହାରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଦଳ ନିଜର ହୋମଗ୍ରାଉଣ୍ଡ ଚିନ୍ନାସ୍ୱାମୀରେ ସମସ୍ତ ୩ଟି ଯାକ ମ୍ୟାଚରେ ମାତ ଖାଇଛି। କିନ୍ତୁ ରଜତ ପାଟିଦାରଙ୍କ ଆରସିବି ପ୍ରଥମ ୪ଟି ମ୍ୟାଚ୍ ମଧ୍ୟରୁ ୩ଟିରେ କେକେଆର, ଚେନ୍ନାଇ ଓ ମୁମ୍ବାଇକୁ ସେମାନଙ୍କ ଗଡ଼ରେ ପରାସ୍ତ କରିଥିଲା। ଆଇପିଏଲ ଇତିହାସରେ ଆରସିବିର କୌଣସି ଅଧିନାୟକ ଏପରି କୀର୍ତ୍ତିମାନ ହାସଲ କରି ପାରି ନଥିଲେ। ହେଲେ ରଜତ ପାଟିଦାରଙ୍କ ନେତୃତ୍ୱରେ ଆରସିବି ଏପରି ରେକର୍ଡ କରିଥିଲା। ଆଇପିଏଲ ଇତିହାସରେ କେବଳ ଦୁଇଟି ଟିମ କେକେଆରକୁ ଇଡେନ ଗାର୍ଡେନ୍ସରେ, ଚେନ୍ନାଇକୁ ଚେପକରେ ଓ ମୁମ୍ବାଇ ଇଣ୍ଡିଆନ୍ସକୁ ୱାଙ୍ଖେଡେ ଷ୍ଟାଡିୟମରେ କୌଣସି ଗୋଟିଏ ସଂସ୍କରଣରେ ହରାଇ ପାରିଛନ୍ତି। ପଞ୍ଜାବ କିଙ୍ଗସ (ପୂର୍ବରୁ କିଙ୍ଗସ ଏକାଦଶ ପଞ୍ଜାବ) ଏପରି କୀର୍ତ୍ତିମାନ ୨୦୧୨ରେ କରି ପାରିଥିଲା। କିନ୍ତୁ ଭିନ୍ନଭିନ୍ନ କ୍ୟାପ୍ଟେନଙ୍କ ଅଧୀନରେ ଏପରି ବିଜୟ ମିଳିଥିଲା। ପଞ୍ଜାବ ପ୍ରଥମେ ଆଡାମ ଗିଲଖ୍ରୀଷ୍ଟଙ୍କ ନେତୃତ୍ୱରେ କେକେଆରକୁ ଇଡେନରେ ହରାଇଥିଲା। ଏହାପରେ ଡାଭିଡ ହସିଙ୍କ ନେତୃତ୍ୱରେ ମୁମ୍ବାଇକୁ ୱାଙ୍ଖେଡେରେ ଓ ଚେନ୍ନାଇକୁ ଚେପକରେ ହରାଇବାକୁ ସକ୍ଷମ ହୋଇଥିଲା। ଏବେ ଆରସିବି ମଧ୍ୟ ଆଇପିଏଲର ଗୋଟିଏ ସଂସ୍କରଣରେ ୩ ଦଳକୁ ସେମାନଙ୍କ ହୋମ ଗ୍ରାଉଣ୍ଡରେ ହରାଇଛି। ତେବେ ପଞ୍ଜାବ ଭଳି ଆରସିବିର କ୍ୟାପ୍ଟେନ ବଦଳି ନାହାନ୍ତି। ରଜତ କ୍ୟାପ୍ଟେନ ପ୍ରଥମ କ୍ୟାପ୍ଟେନ ଭାବେ ଆଇପିଏଲ ଇତିହାସର ଗୋଟିଏ ସଂସ୍କରଣରେ ୩ ଦଳକୁ ସେମାନଙ୍କ ଗଡ଼ରେ ମାତ ଦେବାର ରେକର୍ଡ ନିଜ ନାଁରେ କରିଛନ୍ତି। ଗତ ସୋମବାର ଆରିସିବି ୱାଙ୍ଖେଡେରେ ମୁମ୍ବାଇକୁ ହରାଇବା ପରେ ରଜତ ଏପରି କୀର୍ତ୍ତିମାନ ହାସଲ କରିଥିଲା।

# ମହିଳା ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କଲା ପାକିସ୍ତାନ

ଦୁବାଇ, ୧୯।୪ (ହି.ସ): ଆଇସିସି ମହିଳା ବିଶ୍ୱକପ ୨୦୨୫ ପାଇଁ ପାକିସ୍ତାନ ଟିମ ଯୋଗ୍ୟତା ଅର୍ଜନ କରିଛି। ଲାହୋରର ଗଦାଫି ଷ୍ଟାଡିୟମରେ ପାକିସ୍ତାନ ପ୍ରତିପକ୍ଷ ଥାଇଲ୍ୟାଣ୍ଡକୁ ୬୭ ରନରେ ହରାଇ ବିଶ୍ୱକପରେ ନିଜର ସ୍ଥାନ ପକ୍କା କରିଛି। ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟର ସମସ୍ତ ୪ ମ୍ୟାଚ୍ ଜିତି ପାକିସ୍ତାନ ମହିଳା ଟିମ ଫାଇନାଲ ରାଉଣ୍ଡରେ ମଧ୍ୟ ପ୍ରବେଶ କରିଛି। ଫାଇନାଲ ରାଉଣ୍ଡରେ ପ୍ରବେଶ କରିଥିବାରୁ ପାକିସ୍ତାନକୁ ଭାରତରେ ହେବାକୁ ଥିବା ଦିନିକିଆ ମହିଳା ବିଶ୍ୱକପ ୨୦୨୫ ପାଇଁ ଟିକେଟ ମିଳି ଯାଇଛି। ବାଂଲାଦେଶ, ୱେଷ୍ଟଇଣ୍ଡିଜ, ଆୟର୍ଲ୍ୟାଣ୍ଡ, ଥାଇଲ୍ୟାଣ୍ଡ ଓ ପାକିସ୍ତାନକୁ ନେଇ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ ଚାଲିଛି। ଏବେ ପାକିସ୍ତାନ ପ୍ରଥମ ଦଳ ଭାବେ ବିଶ୍ୱକପ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏବେ ଦ୍ୱିତୀୟ ଟିମ ଭାବେ କିଏ ଭାରତରେ ଆସନ୍ତା ସେପ୍ଟେମ୍ବର-ନଭେମ୍ବର ମଧ୍ୟରେ ହେବାକୁଥିବା ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରୁଛି, ତା' ଉପରେ ନଜର ରହିଛି। ତେବେ ପାକିସ୍ତାନ ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିଥିବାରୁ ବିସିସିଆଇ ଓ ଭାରତର ଚିନ୍ତା ବଢି ଯାଇଛି। ଏବେ ବୋର୍ଡକୁ ବିଶ୍ୱକପରେ ଅନେକ ଲଜିଷ୍ଟିକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। ମହିଳା ବିଶ୍ୱକପର ଆୟୋଜନ ଭାରତ କରୁଛି। ବିଶ୍ୱକପ ପାଇଁ ପାକିସ୍ତାନ ଯୋଗ୍ୟତା ଅର୍ଜନ କରିଥିବାରୁ ଏବେ ବିସିସିଆଇକୁ ନିରପେକ୍ଷ ଭେନ୍ୟୁରେ ପାକିସ୍ତାନ ମହିଳା ଦଳ ପାଇଁ ମ୍ୟାଚ୍ ଆୟୋଜନ କରିବାକୁ ପଡ଼ିବ। ଏହା କେବଳ ଭାରତୀୟ କ୍ରିକେଟ ବୋର୍ଡ ନୁହେଁ, ବରଂ ଭାରତୀୟ କ୍ରିକେଟ ଫ୍ୟାନ୍ସଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବ। କାରଣ ବିଶ୍ୱକପରେ ଭାରତ-ପାକିସ୍ତାନ ଲଢେଇ ଆୟୋଜକ ଦେଶ ବାହାରେ ହେବ। ୨୦୨୫ ଚାମ୍ପିୟନ୍ସ ଟ୍ରଫି ବେଳେ ଭାରତ ଓ ପାକିସ୍ତାନ ମଧ୍ୟରେ ନିରପେକ୍ଷ ଭେନ୍ୟୁକୁ ନେଇ ଚୁକ୍ତି ହୋଇଥିଲା। ଚାମ୍ପିୟନ୍ସ ଟ୍ରଫି ପାକିସ୍ତାନ ଆୟୋଜନ କରୁଥିବା ବେଳେ ଭାରତୀୟ ଟିମ ସେଠାକୁ ଯାଇ ନଥିଲା। ବିସିସିଆଇ ଟିମକୁ ପାକିସ୍ତାନ ନ ପଠାଇବାରୁ ଇସଲାମାବାଦ କ୍ଷୁବ୍ଧ ହୋଇଥିଲା। ଏହାପରେ ଆଇସିସି ଦୁଇ ଦେଶ ମଧ୍ୟରେ ଗୋଟିଏ ବୁଝାମଣା କରିଥିଲା। ବୁଝାମଣା ଅନୁଯାୟୀ, ୨୦୨୭ ଯାଏ ଅନୁଷ୍ଠିତ ହେବାକୁ ଥିବା ଆଇସିସିର ସମସ୍ତ ଇଭେଣ୍ଟରେ ଭାରତ ଓ ପାକିସ୍ତାନ ନିରପେକ୍ଷ ଭେନ୍ୟୁରେ ମ୍ୟାଚ୍ ଖେଳିବେ। ଆଇସିସି ନେଇଥିବା ନିଷ୍ପତ୍ତି ୨୦୨୫ ପୁରୁଷ ଚାମ୍ପିୟନ୍ସ ଟ୍ରଫିରେ ଲାଗୁ ହୋଇଥିବା ବେଳେ ଏବେ ଆଇସିସି ମହିଳା କ୍ରିକେଟ ବିଶ୍ୱକପ ୨୦୨୫ (ଆୟୋଜକ ଭାରତ) ଓ ଆଇସିସି ପୁରୁଷ ଟି-୨୦ ବିଶ୍ୱକପ (ଆୟୋଜକ-ଭାରତ ଓ ଶ୍ରୀଲଙ୍କା)ରେ ଏହାକୁ କାର୍ଯ୍ୟକାରୀ କରାଯିବ। ପାକିସ୍ତାନ କ୍ରିକେଟ ବୋର୍ଡକୁ ଆଇସିସି ମହିଳା ଟି-୨୦ ବିଶ୍ୱକପ ୨୦୨୮ର ଆୟୋଜନ କରିବାର ଅଧିକାର ଦେଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମଧ୍ୟ ନିରପେକ୍ଷ ଭେନ୍ୟୁ ନିୟମ କାର୍ଯ୍ୟକାରୀ ହେବ। ଭାରତୀୟ ପୁରୁଷ ଟିମ ୨୦୨୫ ଚାମ୍ପିୟନ୍ସ ଟ୍ରଫି ଖେଳିବାକୁ ପାକିସ୍ତାନ ଯିବାକୁ ମନା କରିବାରୁ ଦଳ ତା'ର ସମସ୍ତ ମ୍ୟାଚ୍ ଦୁବାଇରେ ଖେଳିଥିଲା। ତେଣୁ ଚାମ୍ପିୟନ୍ସ ଟ୍ରଫିରେ ଭାଗ ନେଇଥିବା ଦଳଗୁଡ଼ିକ ଭାରତ ସହ ଖେଳିବା ପାଇଁ ଦୁବାଇ ଆସିଥିଲେ। ପାକିସ୍ତାନ ଆୟୋଜକ ଦେଶ ହୋଇ ମଧ୍ୟ ଭାରତ ସହ ମ୍ୟାଚ୍ ଦୁବାଇରେ ଖେଳିଥିଲା। ଏବେ ମହିଳା ବିଶ୍ୱକପ ବେଳେ ସମାନ ନୀତି ଆପଣାଇବ ଆଇସିସି। ଏପରି ସ୍ଥିତିରେ ବିସିସିଆଇକୁ ନିରପେକ୍ଷ ଭେନ୍ୟୁ ପାକିସ୍ତାନ ପାଇଁ ବାଛିବାକୁ ପଡ଼ିବ। ସେହିପରି ପାକିସ୍ତାନ ମହିଳା ଟିମ ଯଦି ସେମି କିମ୍ବା ଫାଇନାଲକୁ ଯୋଗ୍ୟତା ଅର୍ଜନ କରୁଛି, ତା'ହେଲେ ଉକ୍ତ ମ୍ୟାଚ୍ ଗୁଡ଼ିକ ଭାରତ ବାହାରେ ଅନୁଷ୍ଠିତ ହେବ। ପାକିସ୍ତାନ ଫାଇନାକୁ ଯୋଗ୍ୟତା ଅର୍ଜନ ନ କଲେ ମହିଳା ବିଶ୍ୱକପରର ଫାଇନାଲ ମୁଲ୍ଲାନପୁରରେ ଥିବା ମହାରାଜ ଯୁଦ୍ଧବିନ୍ଦର ସିଂହ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳାଯିବ। ସେହିପରି ବାକି ମ୍ୟାଚଗୁଡ଼ିକ ବିଶାଖାପଟନମ, ଥିରୁଅନନ୍ତପୁରମ, ରାୟପୁର ଓ ଇନ୍ଦୋରରେ ଆୟୋଜନ କରାଯିବ।

# ସୁପରକିଙ୍ଗସ୍ କ୍ୟାମ୍ପରେ ଡେୱାଲ୍ଡ ବ୍ରେଭିସ୍



ନୂଆଦିଲ୍ଲୀ, ୧୯।୪ (ହି.ସ): ଦକ୍ଷିଣ ଆଫ୍ରିକାର ଯୁବ ବ୍ୟାଟିଂ ବିସ୍ମୟ ଡେୱାଲ୍ଡ ବ୍ରେଭିସ୍ ଆଇପିଏଲକୁ ଫେରୁଛନ୍ତି। ଏଥର ସେ ଚେନ୍ନାଇ ସୁପରକିଙ୍ଗ୍ସ ପକ୍ଷରୁ ଆଇପିଏଲ୍ ଖେଳିବେ। ସୁପରକିଙ୍ଗ୍ସ ଆହତ ପେସ୍ ବୋଲର ଗୁରଜପନୀତ ସିଂହଙ୍କ ସ୍ଥାନରେ ତାଙ୍କୁ ଦଳରେ ସାମିଲ କରିଛି। ସେ ୨.୨କୋଟି ଟଙ୍କାରେ ଚୁକ୍ତିବଦ୍ଧ ହୋଇଛନ୍ତି। ଗୁରଜପନୀତ ଆହତ ହୋଇ ସମ୍ପୂର୍ଣ୍ଣ ଆଇପିଏଲ୍ ସିଜନରୁ ବାଦ୍ ପଡ଼ିଛନ୍ତି। ସେ ଗୋଟିଏ ବି ମ୍ୟାଚ୍ ଖେଳିବାକୁ ସୁଯୋଗ ପାଇନଥିଲେ। ଗତ ବର୍ଷ ଆଇପିଏଲ୍ ମେଗା ନିଲାମରେ ବ୍ରେଭିସ୍‌ଙ୍କୁ କୌଣସି ଫ୍ରାଞ୍ଚାଇଜ ଦଳ କିଣିବା ପାଇଁ ଆଗ୍ରହ ଦେଖାଇ ନଥିଲେ। ତାଙ୍କ ମୂଳ ଦର ୭୫ଲକ୍ଷ ଥିଲା। ମାତ୍ର ଗୁରଜପନୀତ ଆହତ ହେବା ଫଳରେ ତାଙ୍କୁ ଆଇପିଏଲ୍ ଖେଳିବାକୁ ସୁଯୋଗ ମିଳିଛି। ସେ ଖୁବଶୀଘ୍ର ସୁପରକିଙ୍ଗ୍ସ ଶିବିରରେ ଯୋଗଦେଇ ଅଭ୍ୟାସ କରିବେ। ପୂର୍ବରୁ ଅଧିନାୟକ ଋତୁରାଜ ଗାଏକ୍ୱାଡ଼ ଆହତ ହୋଇ ବାଦ୍ ପଡିଛନ୍ତି। ମହେନ୍ଦ୍ର ସିଂହ ଧୋନୀ ଦଳର ନେତୃତ୍ୱ ନେଉଛନ୍ତି। ବ୍ରେଭିସ୍ ପୂର୍ବରୁ ୨୦୨୨ ଓ ୨୦୨୪ ସିଜନରେ ମୁମ୍ବାଇ ଇଣ୍ଡିଆନ୍ସ ଦଳ ସଦସ୍ୟ ରହିଥିଲେ। ଉଭୟ ସିଜନରେ ସେ ୧୦ଟି ମ୍ୟାଚ୍ ଖେଳି ୨୩୦ରନ୍ ସଂଗ୍ରହ କରିଥିଲେ। ସେ ଟି-ଟ୍ୱେଣ୍ଟି ଫର୍ମାଟରେ ୮୧ଟି ମ୍ୟାଚ୍ ଖେଳି ୧୭୮୭ ରନ୍ ସଂଗ୍ରହ କରି ସାରିଛନ୍ତି। ତାଙ୍କର ବ୍ୟକ୍ତିଗତ ସ୍କୋର ୧୬୨ ରହିଛି। ଚଳିତ ବର୍ଷ ସେ ଏମ୍ଆଇ କେପ୍ ଟାଉନ୍ ଦଳକୁ ଏସ୍ଏ-୨୦ ଚାମ୍ପିଅନ୍ କରାଇବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ଫାଇନାଲରେ ସେ ୧୮ବଲରୁ ୩୮ରନର ଧୂଆଁଧାର ପାଳି ଖେଳିଥିଲେ। ଦକ୍ଷିଣ ଆଫ୍ରିକାର ଏହି ଷ୍ଟାର ପ୍ଲେୟାରଙ୍କୁ ବେବି ଏଭି ଡିଭିଲିୟର୍ସ କୁହାଯାଏ। ଆଇପିଏଲ ଇତିହାସର ସବୁଠୁ ସଫଳ ଦଳ ଚେନ୍ନାଇ ସୁପରକିଙ୍ଗସ। ଦଳ ୫ ଥର ଚମ୍ପିଆନ୍ ହୋଇଛି। ଚଳିତ ସିଜିନରେ ଦଳ ଏଯାବତ ୭ଟି ମ୍ୟାଚ ଖେଳି ୨ଟି ଜିତିଛି।

# ଉତ୍କଳ ଆଲୁମିନା ପକ୍ଷରୁ ଷ୍ଟେକ ହୋଲ୍ଡରର ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ପ୍ରତିଯୋଗିତା




କଳାହାଣ୍ଡି, ୧୯।୪ (ଡିକେ ନ୍ୟୁଜ୍): ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ଏକ ସହଯୋଗୀ କମ୍ପାନୀ ତରଫରୁ ଏକ ଦିବସୀୟ ଷ୍ଟେକହୋଲ୍ଡର ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ପ୍ରତିଯୋଗିତା- ୨୦୨୫ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ଓଷାପଡ଼ା ସ୍ଥିତ ଟାଉନସିପ ଖେଳ ପଡ଼ିଆ ଠାରେ ଆୟୋଜିତ ଏହି ଦିବାରାତ୍ର କ୍ରିକେଟ୍ ପ୍ରତିଯୋଗିତାରେ ଜିଲ୍ଲାପାଳ ଏକାଦଶ ରାୟଗଡ଼ା, କଳାହାଣ୍ଡି ଜିଲ୍ଲା ପ୍ରଶାସନ ସମେତ ରାୟଗଡ଼ା ଆରକ୍ଷୀ ଅଧିକ୍ଷକ (ପୋଲିସ) ଏକାଦଶ, ସିଆରପିଏଫ୍ ଏବଂ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ (ଉତ୍କଳ ଆଲୁମିନା ଏବଂ ଆଦିତ୍ୟ ଆଲୁମିନା) ମିଶ୍ରିତ ଦୁଇଟି ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରଥମ ମ୍ୟାଚରେ ହିଣ୍ଡାଲକୋ ଏକାଦଶ ସହ ସିଆରପିଏଫ୍ ଦଳର ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଉକ୍ତ ମ୍ୟାଚରେ ଆୟୋଜକ ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୬୭ରନ୍ ହାସଲ କରିଥିବା ସ୍ଥଳେ ସିଆରପିଏଫ୍ ଦଳ ହିଣ୍ଡାଲକୋ ଏକାଦଶକୁ ପରାସ୍ତ କରି ବିଜୟ ହାସଲ କରିଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ୍ ହିଣ୍ଡାଲକୋ ଏକାଦଶ (ବରିଷ୍ଠ) ସହ ଜିଲ୍ଲାପାଳ ଏକାଦଶର ମ୍ୟାଚ୍ ଆୟୋଜିତ ହୋଇଥିଲା। ଉକ୍ତ ମ୍ୟାଚରେ ପ୍ରଥମେ ଟସ୍ ଜିତି ଆୟୋଜକ ହିଣ୍ଡାଲକୋ ବରିଷ୍ଠ ଦଳ ୪ ବିକେଟ୍ ହରାଇ ବିଶାଳ ୯୮ ସ୍କୋର ହାସଲ କରିଥିବା ବେଳେ ଜିଲ୍ଲାପାଳ ଏକାଦଶ ରାୟଗଡା ଦଳ ୩ ବିକେଟ୍ ବିନିମୟରେ ସଫଳତାର ସହ ଏହି ସ୍କୋର ଅତିକ୍ରମ କରିଥିଲେ। ତୃତୀୟ ମ୍ୟାଚ୍‌ରେ ରାୟଗଡ଼ା ଏସପି ଦଳ ବନାମ କଳାହାଣ୍ଡି ଜିଲ୍ଲା ପ୍ରଶାସନ ମଧ୍ୟରେ ଆୟୋଜିତ ହୋଇଥିଲା। ଉକ୍ତ ମ୍ୟାଚରେ ଉଭୟ ଦଳ ଭଲ ପ୍ରଦର୍ଶନ କରିଥିଲେ ହେଁ କଳାହାଣ୍ଡି ଏକାଦଶ ଦଳ ରାୟଗଡ଼ା ଏସପି ଏକାଦଶ ଦଳକୁ ପରାସ୍ତ କରିଥିଲା। ଅନୁରୂପ ଭାବେ ପୁଣି ସିଆରପିଏଫ୍ ଏକାଦଶ ଓ ଜିଲ୍ଲାପାଳ ଏକାଦଶ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିବା ବେଳେ ଜିଲ୍ଲାପାଳ ଏକାଦଶ ୧୧୪ ବିଶାଳ ଲକ୍ଷ୍ୟ ସିଆରପିଏଫ୍ ଦଳକୁ ଦେଇଥିଲା। ତେବେ ସିଆରପିଏଫ୍ ଏକାଦଶ ସମସ୍ତ ୱିକେଟ୍ ହରାଇ ମାତ୍ର ୪୭ରନ କରି ୬୭ ରନରେ ପରାଜୟ ହୋଇଥିଲା। ଶୀର୍ଷ ମ୍ୟାଚ୍ କଳାହାଣ୍ଡି ଜିଲ୍ଲାପାଳ ଏକାଦଶ ଓ ଜିଲ୍ଲାପାଳ ଏକାଦଶ ମଧ୍ୟରେ ଲଢ଼େଇ ହୋଇଥିବାବେଳେ ମ୍ୟାଚ୍ ଖୁବ୍ ରୋମାଞ୍ଚିତ ହୋଇଥିଲା। ଉକ୍ତ ମ୍ୟାଚ୍ ୧୨ ବିଶିଷ୍ଟ ହେବା ସହ ପ୍ରଥମେ ଟସ୍ ଜିତି ଜିଲ୍ଲାପାଳ ଏକାଦଶ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। କିନ୍ତୁ ପୂର୍ବ ମ୍ୟାଚରେ ଭଲ ପ୍ରଦର୍ଶନ କରି ଆସୁଥିବାବେଳେ ଶୀର୍ଷ ମ୍ୟାଚରେ କଳାହାଣ୍ଡି ଜିଲ୍ଲାପାଳ ଏକାଦଶ ଦଳ, ଜିଲ୍ଲାପାଳ ଏକାଦଶକୁ ବୃହତ ସ୍କୋର ପୂର୍ବରୁ ରୋକିବାରେ ସକ୍ଷମ ହୋଇଥିଲା। କଳାହାଣ୍ଡି ଜିଲ୍ଲାପାଳ ଏକାଦଶ ବୋଲାରଙ୍କ ଘାତକ ବୋଲିଂ ଯୋଗୁଁ ଅଳ୍ପ ସମୟ ବ୍ୟବଧାନ ନିରବିଚ୍ଛିନ୍ନ ୱିକେଟ୍ ପଡ଼ିବାରୁ ଜିଲ୍ଲାପାଳ ଏକାଦଶ ଦଳ ମାତ୍ର ୫୪ରନ୍ କରି ଅଲ୍ ଆଉଟ୍ ହୋଇ ପାଭେଲିଆନକୁ ଫେରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ କଳାହାଣ୍ଡି ଜିଲ୍ଲାପାଳ ଏକାଦଶ ଦଳ ବ୍ୟାଟିଂ କରିବାକୁ ଆସିଥିବା ବେଳେ ୪ ୱିକେଟ ହରାଇ ଏହି ସ୍କୋର ହାସଲ କରିଥିଲେ। ଶୀର୍ଷ ମ୍ୟାଚରେ କଳାହାଣ୍ଡି ଏକାଦଶ ଦଳ ସହଜ ଭାବେ ବିଜୟୀ ହୋଇ ଷ୍ଟେକଖୋଲ୍ଡର ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ପ୍ରତିଯୋଗିତାରେ ଚମ୍ପିୟାନ ହୋଇଛି। ଅନ୍ୟପକ୍ଷରେ ଏହି ଶୀର୍ଷ ମ୍ୟାଚରେ ଖେଳାଳିଙ୍କୁ ଉତ୍ସାହିତ ନିମନ୍ତେ ମୁଖ୍ୟଅତଥି ଭାବେ ଭାବେ ରାୟଗଡ଼ା ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ କୁମାର (ଭା.ପ୍ର.ପୁ.ସେ) ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରାୟଗଡ଼ା ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିଷ୍ଣୁ ପ୍ରସାଦ ପତ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶେକ୍ ଆଲେନୂର୍, କଳାହାଣ୍ଡି ଜିଲ୍ଲା କ୍ରୀଡ଼ା ଅଧିକାରୀ ରମେଶ କୁମାର ପାଢ଼ୀ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଅନୁରୂପ ଉତ୍କଳ ଆଲୁମିନା ୟୁନିଟ୍ ମୁଖ୍ୟ ରବି ମିଶ୍ର, ଆଦିତ୍ୟ ବିର୍ଲା ରିଫେନେରୀ କାରଖାନା ମୁଖ୍ୟ ମଜହର ବେଗ, କର୍ପୋରେଟ କମ୍ୟୁନିକେସନ ଉପାଧକ୍ଷ ଡଃ. ବିଭୁଦତ୍ତ ମହାପାତ୍ର, ମାନବ ସମ୍ବଳ ବିକାଶ ପ୍ରମୁଖ ବିଜୟ କୁମୁରା, କୌଶିକ ଶରଣ ମିଶ୍ର, ଭିପି, ଆଦିତ୍ୟ ରିଫାଇନାରୀ ସମେତ କମ୍ପାନୀର ଅନ୍ୟ ବରିଷ୍ଠ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ। ଉକ୍ତ ବନ୍ଧୁତ୍ୱପୂର୍ଣ୍ଣ ଷ୍ଟେକ୍ ହୋଲ୍ଡର କ୍ରିକେଟ୍ ପ୍ରତିଯୋଗିତା ୨୦୨୫ କର୍ପୋରେଟ ଅଫେୟର ଓ ଲୋକ ସମ୍ପର୍କ ବିଭାଗ ସାଧାରଣ ପରିଚାଳକ ପିତାମ୍ବର ବେହେରା ଏବଂ କମ୍ପାନୀର କ୍ରୀଡା ସମିତିର ସଦସ୍ୟମାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା।

# ସରିଲା ଅପେକ୍ଷା, ପରଦାକୁ ଆସିଲା 'କେସରୀ ଚାପ୍ଟର ୨'




ମୁମ୍ବାଇ, ୧୯।୪ (ହି.ସ): ସରିଲା ଅପେକ୍ଷା, ପରଦାକୁ ଆସିଲା 'କେସରୀ ଚାପ୍ଟର ୨'। ବଲିଉଡର ଆକ୍ସନ ମାଷ୍ଟର ଅକ୍ଷୟ କୁମାରଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'କେସରୀ ଚାପ୍ଟର ୨' ଶେଷରେ ଶୁକ୍ରବାର ଏପ୍ରିଲରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି। ଚଳଚ୍ଚିତ୍ର ଦେଖିବାକୁ ସିନେମା ହଲରେ ଦର୍ଶକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଖିଲାଡୀ ଅକ୍ଷୟ କୁମାରଙ୍କ ଅଭିନୀତ ଚଳଚ୍ଚିତ୍ର 'କେସରୀ ଚାପ୍ଟର ୨' ଏକ ଐତିହାସିକ ଚଳଚ୍ଚିତ୍ର, ଯାହା ୧୯୧୯ ମସିହାର ଜାଲିଆନ୍ୱାଲା ବାଗ ହତ୍ୟାକାଣ୍ଡର ହୃଦୟସ୍ପର୍ଶୀ କାହାଣୀ ଉପରେ ଆଧାରିତ। ଏହି ଚଳଚ୍ଚିତ୍ରରେ ଅକ୍ଷୟ କୁମାର ବ୍ରିଟିଶ ସାମ୍ରାଜ୍ୟକୁ ଚ୍ୟାଲେଞ୍ଜ କରିଥିବା ଓକିଲ ସି.ଶଙ୍କରନ୍ ନାୟରଙ୍କ ଭୂମିକାରେ ଅଭିନୟ କରିଛନ୍ତି। ଅକ୍ଷୟଙ୍କ ବ୍ୟତୀତ, 'କେସରୀ ଚାପ୍ଟର ୨'ରେ ଆର.ମାଧବନ୍ ଏବଂ ଅନନ୍ୟା ପାଣ୍ଡେ ମୁଖ୍ୟ ଭୂମିକାରେ ନଜର ଆସିଛନ୍ତି। ଏବେ ଅକ୍ଷୟ କୁମାର ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ସେୟାର କରିଛନ୍ତି। କ୍ୟାପସନରେ ଲେଖିଛନ୍ତି ଯେ, 'ତୁମେ ଅନେକ କାହାଣୀ ଶୁଣିଥିବ କିନ୍ତୁ ଏ କାହାଣୀ ଏକ ଝଡ଼ ପରି। ସି. ଶଙ୍କରନ୍ ନାୟାରଙ୍କ ଏହି କାହାଣୀ ମୋତେ ଆଶ୍ଚର୍ଯ୍ୟ କରିଥିଲା କାରଣ ଆମେ ଜାଣି ନଥିଲୁ ଯେ ଜାଲିଆନ୍ୱାଲା ବାଗ ହତ୍ୟାକାଣ୍ଡ ପରେ, ଜଣେ ବ୍ୟକ୍ତି ସମଗ୍ର ବ୍ରିଟିଶ ସାମ୍ରାଜ୍ୟକୁ କୋର୍ଟକୁ ଟାଣି ଆଣିଥିଲେ ଏବଂ ପରେ ଆଣ୍ଠୁମାଡ଼ି ବସିବାକୁ ବାଧ କରିଦେଇଥିଲେ।' ଅକ୍ଷୟ ଆହୁରି କହିଛନ୍ତି ଯେ, 'ମୁଁ କେବଳ ଜଣେ କଳାକାର ଭାବରେ ନୁହେଁ ବରଂ ଜଣେ ଭାରତୀୟ ଭାବରେ ଚଳଚ୍ଚିତ୍ର 'କେସରୀ ଚାପ୍ଟର ୨' କରିଛି। ଏହା କେବଳ ଏକ ଚଳଚ୍ଚିତ୍ର ନୁହେଁ... ଏହା ଏକ ପୁରୁଣା ହିସାବ, ଏହା ଏମିତି ଏକ ଯନ୍ତ୍ରଣାଦାୟକ ସ୍ମୃତି ଯାହାର କଳନା କରାଯାଇପାରିବ ନାହିଁ, ଯାହା ବି ହେଉ ଶେଷରେ-ଏହା ହେଉଛି ଆମକୁ ମିଳିଥିବା ନ୍ୟାୟ।' ସୂଚନା ଅନୁସାରେ, ଚଳଚ୍ଚିତ୍ର ରିଲିଜ୍ ହେବା ପୂର୍ବରୁ କେନ୍ଦ୍ର ସରକାରଙ୍କ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ ଫିଲ୍ମକୁ ସାର୍ଟିଫିକେଟ୍ ଦେଇଥାଏ। ସେଇଭଳି 'କେସରୀ ଚାପ୍ଟର ୨' ଚଳଚ୍ଚିତ୍ରକୁ 'ଏ' ସାର୍ଟିଫିକେଟ୍ ମଧ୍ୟ ମିଳିଛି। ଯାହାର ଅର୍ଥ ହେଉଛି, ଚଳଚ୍ଚିତ୍ରରେ ଏପରି ଦୃଶ୍ୟ ରହିଛି ଯାହା କେବଳ ୧୮ ବର୍ଷରୁ ଉର୍ଦ୍ଧ୍ୱ ଦର୍ଶକଙ୍କ ପାଇଁ ଉପଯୁକ୍ତ ବୋଲି ବିବେଚନା କରାଯାଏ।

# ମହଙ୍ଗା ପଡିଲା ଉର୍ବଶୀଙ୍କ ବୟାନ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କଲେ ଧାର୍ମିକ ଅନୁଷ୍ଠାନ




ମୁମ୍ବାଇ, ୧୯।୪ (ହି.ସ): ବଲିଉଡ଼ ଅଭିନେତ୍ରୀ ଉର୍ବଶୀ ରାଉତେଲା ଅନେକ ସମୟରେ ନିଜର ବିବାଦୀୟ ମନ୍ତବ୍ୟକୁ ନେଇ ଚର୍ଚ୍ଚାରେ ଥାନ୍ତି। ଅନେକ ଥର ସୋସିଆଲ ମିଡ଼ିଆରେ ତାଙ୍କୁ ଏଭଳି ମନ୍ତବ୍ୟ ଯୋଗୁଁ ଟ୍ରୋଲ୍ ହେବାକୁ ମଧ୍ୟ ପଡିଥାଏ। ଆଉ ଏହାରି ମଧ୍ୟରେ ସେ ପୁଣିଥରେ ବିବାଦରେ ଫସିଛନ୍ତି। ନିକଟରେ ସେ ଏପରି ଏକ ବୟାନ ଦେଇଛନ୍ତି, ଯାହା ଯୋଗୁଁ ଏବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହେଉଛି। ସେ କହିଥିଲେ ଯେ ଉତ୍ତରାଖଣ୍ଡର ବଦ୍ରିନାଥରେ ତାଙ୍କର ଏକ ମନ୍ଦିର ଅଛି। ତାଙ୍କର ଏହି ବୟାନ ଯୋଗୁଁ ବିବାଦ ଦେଖାଦେଇଛି। ତାଙ୍କ ବିରୁଦ୍ଧରେ ସନ୍ଥ ଏବଂ ମୁନିମାନଙ୍କ ମଧ୍ୟରେ ଏବଂ ଲୋକଙ୍କ ମଧ୍ୟରେ ମଧ୍ୟ ଅସନ୍ତୋଷ ଦେଖିବାକୁ ମିଳିଛି। ବଦ୍ରିନାଥ ମନ୍ଦିରର ପୂର୍ବତନ ଧାର୍ମିକ ଅଧିକାରୀ ଭୁବନ ଉନିଆଲ କହିଛନ୍ତି, ଆମେ ଏହାକୁ ଦୃଢ଼ ବିରୋଧ କରୁଛୁ। ଏହା ଭୁଲ। ଏହା ସମାଜରେ ଏକ ଭୁଲ ବାର୍ତ୍ତା ଦେବ। ଆମେ କହୁଛୁ ଯେ ସରକାର ଏପରି ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ଉଚିତ। ଯେବେଠାରୁ ଆମେ ଶୁଣିଲୁ ଯେ ଉର୍ବଶୀ ରାଉତେଲା ବଦ୍ରିନାଥର ଦେବୀ ଉର୍ବଶୀଙ୍କ ମନ୍ଦିରକୁ ନିଜର ବୋଲି ଦାବି କରୁଛନ୍ତି, ଆମେ ବହୁତ ଦୁଃଖିତ। ଆମେ ବହୁତ ଯନ୍ତ୍ରଣା ଅନୁଭବ କରୁଛୁୟ ଆମେ ଏହାର ଦୃଢ଼ ବିରୋଧ କରୁ। ସେହିପରି ବଦ୍ରିନାଥର ତୀର୍ଥ ପୂଜାରୀ ଡକ୍ଟର ବ୍ରଜେଶ ସତୀ ମଧ୍ୟ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଉର୍ବଶୀ ରାଉତେଲାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଉର୍ବଶୀ ରାଉତେଲାଙ୍କ ଦ୍ୱାରା ଦିଆଯାଇଥିବା ବୟାନ ସମ୍ପୂର୍ଣ୍ଣ ନିନ୍ଦନୀୟ। ଉତ୍ତରାଖଣ୍ଡ ଚାରିଧାମ ତୀର୍ଥ ମହାପଞ୍ଚାୟତ ତାଙ୍କ ବୟାନକୁ ନିନ୍ଦା କରୁଛି ଏବଂ ଆମେ ସରକାରଙ୍କ ନିକଟରେ ଦାବି କରୁଛୁ ଯେ ଉର୍ବଶୀ ରାଉତେଲାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସେ ଆହୁରି କହିଛନ୍ତି, ଆମେ ବଦ୍ରିନାଥ ଏବଂ କେଦାରନାଥ ମନ୍ଦିରଠାରୁ ମଧ୍ୟ ଦାବି କରୁଛୁ ଯେ ସେମାନେ ଏହି ଦିଗରେ ପଦକ୍ଷେପ ନିଅନ୍ତୁ। ତେବେ ସିଦ୍ଧାର୍ଥ କନ୍ନନଙ୍କ ସହ କଥାବାର୍ତ୍ତା ସମୟରେ ଉର୍ବଶୀ ଏହି ବୟାନ ଦେଇଥିଲେ। ସେ କହିଥିଲେ ଯେ ବଦ୍ରିନାଥ ନିକଟରେ ଥିବା ଉର୍ବଶୀ ମନ୍ଦିର ତାଙ୍କୁ ସମର୍ପିତ। ସେ ଏହା ମଧ୍ୟ କହିଥିଲେ ଯେ ସେ ଚାହାଁନ୍ତି ଯେ ଦକ୍ଷିଣରେ ମଧ୍ୟ ତାଙ୍କ ନାମରେ ଏକ ମନ୍ଦିର ନିର୍ମାଣ ହେଉ। ପ୍ରକାଶ ଥାଉକି, ଉତ୍ତରାଖଣ୍ଡର ମନ୍ଦିରଟି ଉର୍ବଶୀ ରାଉତେଲାଙ୍କ ମନ୍ଦିର ନୁହେଁ ବରଂ ଦେବୀ ଉର୍ବଶୀଙ୍କ ମନ୍ଦିର।


| କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ<br>Executive Editor-Simanchall Pattnaik | Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com | Phone-0674-2975387<br>Mob: 9090962011 | ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ<br>Editor - Dr.Akshaya Kumar Patnaik |
|---|---|---|---|